# ଧରିତ୍ରୀ DHARITRI

ରାୟଗଡ଼ା, ଶନିବାର, ଜୁନ୍ ୮ /୨୦୧୯ (୧୬ ପୃଷ୍ଠା + ପିଲାଙ୍କ ଧରିତ୍ରୀ) Rayagada, Saturday, June 8 / 2019 (Career & Appointment) ★

୯ମ ଭାଗ ୧୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







ମନୁଷ୍ୟତ୍ୱ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।

-ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ୧୦ରେ ଜିଲା କଂଗ୍ରେସର ସମ୍ବର୍ଦ୍ଧନା ସଭା

ଜୟପୁର,୭।୬ (ଡି.ଏନ୍.ଏ.): ଅବିଭକ୍ତ କୋରାପୁଟ ଜିଲାରେ କଂଗ୍ରେସ ଦଳରୁ ବିଜୟୀ ହୋଇଥିବା ଏକମାତ୍ର ଏମ୍‌ପି ଓ ବିଧାୟକଙ୍କ ସମ୍ବର୍ଦ୍ଧନା ଦିଆଯିବ। ଜିଲା କଂଗ୍ରେସ ପକ୍ଷରୁ ଆସନ୍ତା ୧୦ରେ ଜୟପୁରରେ ସମସ୍ତ କର୍ମୀ ଏକାଠି ହେବେ। ଏନେଇ ଶୁକ୍ରବାର କଂଗ୍ରେସ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଆୟୋଜିତ ଏହି ବୈଠକର ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଅଧକ୍ଷତା କରିଥିଲେ। ଆସନ୍ତା ୧୦ରେ ଗାନ୍ଧିଛକରୁ ବିଜୟୀ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଓ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହ ଏକ ଶୋଭାଯାତ୍ରା ହାନ୍ନାଗୁଡା କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଆବାସ ଯୋଜନାରେ ଏକାଧିକ ଅନିୟମିତତା

କୋରାପୁଟ/ପୋଡ଼ାଗଡ଼, ୭।୬ (ସ୍ୱ.ପ୍ର.)

■ଅଭିଯୋଗ ଆଣିଲେ ହିତାଧିକାରୀ
■ପ୍ରଶାସନଙ୍କୁ ଜଣାଇବା ପରେ ବି ଫଳ ଶୂନ

ଗ୍ରାମୀଣ ଆବାସ ହିତାଧିକାରୀ ତାଲିକାରେ କେତେବେଳେ କାହା ନାଁ ଯୋଡ଼ା ହେଉଛି ତ ପୁଣି କେତେବେଳେ ହଠାତ୍ କଟିଯାଉଛି। କେତେବେଳେ ପୁଣି କାର୍ଯ୍ୟାଦେଶ ମିଳିବା ପରେ ପ୍ରଥମ ପର୍ଯ୍ୟାୟ ଟଙ୍କା ଆସିବା ବେଳକୁ ପଞ୍ଚାୟତ ଅଧିକାରୀ କହୁଛନ୍ତି, ତୁମର ଆବାସ ନାକଚ ହୋଇଯାଇଛି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତର ରୁଞ୍ଜାଗୁଡ଼ାର ଗରିବ ଓ ନିରୀହ ଲୋକଙ୍କୁ ଏଭଳି ଠକାଯାଉଛି। ସେହି ହିତାଧିକାରୀମାନେ ହିଁ ଏବେ ଆଣିଛନ୍ତି ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ।

ସୂଚନା ଅନୁଯାୟୀ, ୨୦୧୮-୧୯ରେ ରୁଞ୍ଜାଗୁଡ଼ାର ସୁବାସ ଖରା, କାର୍ତ୍ତିକ ଖରା, ସାମୁଏଲ ଖରା, ଲଲାଟ ଖୋସ୍‌ଲା, ହେମନ୍ତ ଖୋସ୍‌ଲା, ବିଜୟ କୁଲଦୀପ, ରତ୍ନାକର ନାଗ, ଅନୁଗ୍ରହ ଖରା, ଜିଜି କୁଲଦୀପ ଓ ମୂଷା ନାଗ ଗ୍ରାମୀଣ ଆବାସ ପାଇଁ ଆବେଦନ କରିଥିଲେ। ଆବେଦନ ପତ୍ର ଯାଞ୍ଚ କରାଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଥିଲା ପଞ୍ଚାୟତ। ସେଥିରେ ୩ ଜଣ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନେ ହେଲେ ଅନୁଗ୍ରହ, ଜିଜି ଓ ମୂଷା । ସେମାନଙ୍କ ଫଟୋ ଓ ପାସବୁକ ମଗାଯାଇଥିଲା। କିନ୍ତୁ ପରେ ମୂଷାଙ୍କୁ ତାଲିକାରୁ ବାଦ୍ ଦିଆଯିବା ନେଇ ତାଙ୍କ ସମେତ ସ୍ତ୍ରୀ ନୟମୀ ନାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସେମାନେ ଅନିୟମିତତା ଅଭିଯୋଗ ଆଣିବା ସହ ଏହାର ତଦନ୍ତ ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ଗ୍ରାମର ସଦା କୁଲଦୀପ (୬୪)ଙ୍କ ନାଁରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଆସିଥିବା ଗୃହକୁ ପଞ୍ଚାୟତ କର୍ତ୍ତୃପକ୍ଷ ବିକି ଦେଇଥିବା ଅଭିଯୋଗ ହୋଇଛି। ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ସଦାଙ୍କୁ କାର୍ଯ୍ୟାଦେଶ ମିଳିବା ସହ ପ୍ରଥମ ପର୍ଯ୍ୟାୟ ଅର୍ଥ ବ୍ୟାଙ୍କଖାତାରେ ଜମା କରିବା ପାଇଁ ତାଙ୍କ ପାସ୍‌ବୁକ୍ ନେଇଥିଲେ ପିଇଓ ଅର୍ଜୁନ ଟାକ୍ରି। ସେହି ଅନୁସାରେ ସଦା ନିଜର ଘରର ମୂଳଦୁଆ ଖୋଳିବା ସହ ସେଠାରେ ବାଲି ଓ ପଥର ଆଣି ଘରକାମ ଚଳାଇଥିଲେ। କିନ୍ତୁ କିଛି ଦିନ ପରେ ପିଇଓ ସଦାଙ୍କୁ କହିଥିଲେ ଯେ, ତାଙ୍କର ଗ୍ରାମୀଣ ଆବାସ ନାକଚ ହୋଇଯାଇଛି। ଏଭଳି ଅବ୍ୟବସ୍ଥା ଦେଖି ସଦା ଓ ତାଙ୍କ ପରିବାର ମୁଜାଙ୍ଗ ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ପିଇଓ ଅର୍ଜୁନ ଟାକ୍ରୀଙ୍କୁ ପଚାରିବାରୁ ସେ ରୁଞ୍ଜାଗୁଡ଼ାରେ ଗ୍ରାମୀଣ ଆବାସ ଦୁର୍ନୀତିକୁ ସିଧାସଳଖ ଖଣ୍ଡନ କରିପାରି ନଥିଲେ ମଧ୍ୟ ହିତାଧିକାରୀମାନଙ୍କ ପାଖକୁ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି।

# ବିଭିନ୍ନ ଘଟଣାର ନ୍ୟାୟ ଦାବିରେ ଧାରଣା




ଧାରଣାରେ ବସିଛନ୍ତି ସିପିଆଇର ସଦସ୍ୟମାନେ।

ଜୟପୁର,୭।୬(ନି.ପ୍ର.)

ଆତ୍ମହତ୍ୟା, ଗଣ ବଳାତ୍କାର ଓ ହତ୍ୟା, ମାନସିକ ନିର୍ଯାତନା ଘଟଣାରେ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସିପିଆଇ। ଏହି ଦାବିରେ ପ୍ରତୀକ ପୂର୍ବାହ୍ନ ୧୦ଟାରୁ ୧୨ଟା ଯାଏ ଧାରଣା ଦେଇଛି ଜିଲା ସିପିଆଇ। ଜୟପୁର ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ସିପିଆଇ ଧାରଣା ଦେଇଥିଲା। କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗକୁ ଜିଲାବ୍ୟାପୀ ଆନ୍ଦୋଳନ ହେବ ବୋଲି ଦଳ ଚେତାବନୀ ଦେଇଛି। ମୁମ୍ବାଇର ଏକ ସରକାରୀ ହସ୍‌ପିଟାଲର ଛାତ୍ରୀ ନିବାସରେ ସଂରକ୍ଷିତ ବର୍ଗର ମହିଳା ଡାକ୍ତର ପାୟଲ ତଡଭିଙ୍କ ଆତ୍ମହତ୍ୟା ଘଟଣାର ଏହି ଅବସରରେ ନିନ୍ଦା କରାଯାଇଛି। ସେହିପରି ଉତ୍ତର ପ୍ରଦେଶର ମୁଜାଫର ନଗରରେ ୧୪ ବର୍ଷୀୟା ନାବାଳିକାଙ୍କୁ ଗଣ ବଳାତ୍କାର ପରେ ପୋଡ଼ି ହତ୍ୟା, ସାହାଜାହାନପୁରରେ ୧୬ ବର୍ଷୀୟ ମାନସିକ ଭିନ୍ନକ୍ଷମଙ୍କୁ ନିର୍ଯାତନା ଓ କୋରାପୁଟ ଜିଲା ମାଛକୁଣ୍ଡ ଅଞ୍ଚଳରେ ନାବାଳିକାଙ୍କୁ ୨ ଜଣ ନାବାଳକ ବଳାତ୍କାର କରିବା ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଧାରଣାରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ବେଣୁମାଧବ ସାହୁ ଉପସ୍ଥିତ ଥିଲେ।

■ ନାଲକୋ-ଆମ୍ବଗାଁ ଗ୍ରାମବାସୀ ବିବାଦ

# ଶତାଧିକ ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଆମ୍ବଗାଁର ଶତାଧିକ ଯୁବତୀ ଯୁବକମାନେ।

କୋରାପୁଟ,୭।୬(ସ୍ୱ.ପ୍ର.)

ଦାମନଯୋଡ଼ିସ୍ଥିତ ନାଲକୋ ପକ୍ଷରୁ ଆମ୍ବଗାଁରେ ପାଚେରି ନିର୍ମାଣକୁ ନେଇ ସ୍ଥାନୀୟ ଗ୍ରାମବାସୀ ଓ ନାଲକୋ ମଧ୍ୟରେ ବିବାଦ ଲାଗି ରହିଛି। ବର୍ତ୍ତମାନ ନାଲକୋ ପ୍ରଶାସନ ପୋଲିସ ଓ ଗୁଣ୍ଡା ଲଗାଇ ସେମାନଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି ଗ୍ରାମର ଶତାଧିକ ଯୁବତୀ ଯୁବକ। ଶୁକ୍ରବାର ସେମାନେ ଉପଜିଲାପାଳଙ୍କୁ ଭେଟିଛନ୍ତି। ଦୀର୍ଘଦିନ ଧରି ଗ୍ରାମବାସୀ ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନ କରୁଥିବାବେଳେ ନାଲକୋ କର୍ତ୍ତୃପକ୍ଷ ପୋଲିସ ସହାୟତାରେ ଗ୍ରାମବାସୀଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରୁଥିବାବେଳେ ଠିକାଦାର ଓ ଗୁଣ୍ଡାଙ୍କୁ ଲଗାଇ ଯୁବକଙ୍କୁ ଆକ୍ରମଣ ଓ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର କରୁଛି। ନାଲକୋ ସେମାନଙ୍କ ଅଭିଯୋଗ ନଶୁଣି ଜୋର ଜବରଦସ୍ତ ପାଚେରି କରିବାକୁ ଚେଷ୍ଟା ଚଳାଇଥିବା ଗ୍ରାମର ଦାଶରଥି ଜାନି, ମୋହନ ଦାମି, ସୁରେନ୍ଦ୍ର ଦାମି, ଡମ୍ବରୁଧର ଭୋଇ କହିଛନ୍ତି। ମାନବିକ ଅଧିକାର କମିଶନ ତଦନ୍ତ କରିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

# ସମ୍ପନ୍ନ ହେଲା ଶିବ-ପାର୍ବତୀ ବିବାହ

ସେମିଳିଗୁଡ଼ା,୭।୬(ସ୍ୱ.ପ୍ର.)



ଶିବ-ପାର୍ବତୀଙ୍କ ବାହାଘର ବେଳେ ଉପସ୍ଥିତ ବର ଓ କନ୍ୟାଘର ସଦସ୍ୟମାନେ।

କୋରାପୁଟ ଜିଲା ସେମିଳିଗୁଡ଼ା ନିକଟସ୍ଥ ପଦ୍ମପୁର ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ ଅବସରରେ ଶିବ ବିବାହ ଅନୁଷ୍ଠିତ ହୋଇଛି। ବିବାହର ରୀତି ଅନୁସାରେ ଶିବ ଓ ପାର୍ବତୀଙ୍କୁ ସଜାଯାଇ ବିବାହ ବେଦୀକୁ ନିଆଯାଏ। କନ୍ୟାଘର ଭଗବାନ ଶିବଙ୍କୁ ପାଛୋଟି ନେଇ ବିବାହ ମଣ୍ଡପରେ ବର ବେଶରେ ରଖନ୍ତି। ପାର୍ବତୀଙ୍କୁ ମଧ କନ୍ୟା ପିତାମାତା ମଣ୍ଡପକୁ ଆଣିଥାଆନ୍ତି। ମଣ୍ଡପରେ ଉଭୟ ପକ୍ଷ ପିତାମାତା ବିବାହ ବେଦୀରେ ବସି ରୀତିନୀତି ଅନୁସାରେ ଶିବ-ପାର୍ବତୀଙ୍କୁ ବିବାହ ବନ୍ଧନରେ ବାନ୍ଧନ୍ତି। ବିବାହ ସରିବା ପରେ ବରକନ୍ୟାଙ୍କୁ ମନ୍ଦିର ଭିତରେ ନେଇ ବିରାଜମାନ କରାଯାଏ। ବିବାହ କାର୍ଯ୍ୟ ପରେ ଭୋଜିଭାତର ଆୟୋଜନ ହୋଇଥାଏ। ଏଥର ବର ପିତାମାତା ଭାବେ ଦୁର୍ଗାପ୍ରସାଦ ମହାନ୍ତି ଓ କୁମୁଦିନୀ ମହାନ୍ତି, କନ୍ୟାପିତା ଭାବେ ଉଦୟ ଚନ୍ଦ୍ର ହୋତା ଓ ସୁଜାତା ନାୟକ ଦାୟିତ୍ୱ ତୁଲାଇଥିଲେ। ପୁରୋହିତ ଭାବେ ବଂଶୀଧର ଶତପଥୀ, ଦୁର୍ଗାମାଧବ ଆଚାର୍ଯ୍ୟ, ସଦାଶିବ ଶତପଥୀ ବିବାହ କାର୍ଯ୍ୟ ତୁଲାଇଥିଲେ। ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରେ ଚନ୍ଦ୍ର ଶେଖର, କୃଷ୍ଣଚନ୍ଦ୍ର ସିଂ, ସୁରେନ ମହାନ୍ତି, ସଞ୍ଜୟ ମହାନ୍ତି, ଧୀରେନ ମହାନ୍ତି, ସନ୍ତୋଷ ପଲାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

■ ସମୀକ୍ଷା ବୈଠକରେ ବିଧାୟକଙ୍କ କଡ଼ା ତାଗିଦ୍

# ପିସି ବନ୍ଦ, ଉନ୍ନୟନ କାମରେ ସାଲିସ୍ ହେବନି

ସେମିଳିଗୁଡ଼ା,୭।୬(ସ୍ୱ.ପ୍ର.)

କୋରାପୁଟ ବିଧାୟକ ଭାବେ ରଘୁରାମ ପଡାଲ ନିର୍ବାଚିତ ହେବା ପରେ ସୁନାବେଡ଼ା ପୌର କାର୍ଯ୍ୟାଳୟରେ ଶୁକ୍ରବାର ପ୍ରଥମ ସମୀକ୍ଷା ବୈଠକ କରିଛନ୍ତି। ପୌରସଂସ୍ଥାରେ ପିସି କାରବାର ଜୋରଦାର ଚାଲିବା ଯୋଗୁ ଉନ୍ନୟନ କାମ ନିମ୍ନମାନର ହେଉଥିଲା। ବିନା ୱାର୍କ ଅର୍ଡରରେ ଲକ୍ଷାଧିକ ଟଙ୍କାର କାମକୁ ଭାଗବଣ୍ଟା କରି ଯେଭଳି ନିଆହେଉଥିଲା, ତାହା ବନ୍ଦ କରି ବିକାଶମୂଳକ କାମ କରିବା ପାଇଁ କର୍ମଚାରୀ ଓ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି ପଡାଲ। ନିଜ ପ୍ରଥମ ସମୀକ୍ଷା ବୈଠକରେ ସେ ତାଗିଦ୍ କରି ସୂଚାଇ ଦେଇଛନ୍ତି ଯେ, ଏଣିକି ମ୍ୟୁନିସପାଲିଟିରେ ପିସି କାରବାର ଚଳିବ ନାହିଁ। ଓଡ଼ିଶା ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାରେ କର୍ମଚାରୀମାନେ ପ୍ରମୁଖ ଭୂମିକା ନେବେ। ଉନ୍ନୟନ କାମରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ବିଧାୟକ ଶୁକ୍ରବାର ପୌରପରିଷଦରେ ଆୟ ବ୍ୟୟର ହିସାବ ଦେଖିବା ସହ ପରିମଳ ବ୍ୟବସ୍ଥା, ମଧୁବାବୁ ପେନସନ, ଆବାସ ଯୋଜନା, ଘରପଟ୍ଟା ପ୍ରସଙ୍ଗ ସମୀକ୍ଷା କରିଥିଲେ। ବିଭିନ୍ନ ସ୍ଥାନରେ ବନ୍ଦ ପଡ଼ିଥିବା ରାସ୍ତାକାମ ତଦାରଖ କରିବା ସହ ସେହି ଅଞ୍ଚଳର ଡ୍ରେନେଜ ଓ ପରିମଳ ବ୍ୟବସ୍ଥା ମଧ୍ୟ ବୁଲି ଦେଖିଥିଲେ। ବୈଠକରେ ପୌରାଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଉପାଧ୍ୟକ୍ଷ ରତ୍ନାକର ନନ୍ଦ ଉପସ୍ଥିତ ଥିଲେ।



# ଧରିତ୍ରୀ DHARITRI

ରାୟଗଡ଼ା, ଶନିବାର, ଜୁନ୍ ୮/୨୦୧୯ | Rayagada, Saturday, June 8/2019 | ପୃଷ୍ଠା-୧




## ୨୮ରେ ରିଲିଜ୍ 'ଆର୍ଟିକିଲ୍ ୧୫'

ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କ ଅଭିନୀତ 'ଆର୍ଟିକିଲ୍ ୧୫' ଜୁନ୍ ୨୮ରେ ରିଲିଜ ହେବାକୁ ଯାଉଛି।

୦୫

୧୩

## ଫାଇନାଲରେ ନାଡାଲ

ରୋଜର ଫେଡରରଙ୍କୁ ପରାସ୍ତ କରି ରାଫାଲ ନାଡାଲ ଫ୍ରେଞ୍ଚ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।



## ମାଲ୍ୟାର୍ପଣ

୦୯।୦୬।୨୦୧୯ (ରବିବାର), ସକାଳ ୮ଘଟିକା



**ନନ୍ଦିନୀ ଶତପଥୀଙ୍କ**
୮୮ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରର ରାଜଭବନ ନିକଟସ୍ଥ ଏଲ୍ଆଇସି ଛକଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

## ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

## ବ୍ୟକ୍ତିଗତ ପ୍ରସଙ୍ଗ

**ଆଜିର ମନ୍ତବ୍ୟ**

"ରାଜ୍ୟ ଯୋଜନାକୁ ସହାୟତା କରିବା ଲାଗି ଆର୍ଥିକ କ୍ଷମତା ନ ଥିବା ନୀତି ଆୟୋଗ ଏକ ନିଷ୍ଫଳ ସଂସ୍ଥା।"
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଶୁକ୍ରବାର ଭାରତ ଓ ପୋଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଏଥିରେ ଭାରତ ୩-୧ ଗୋଲରେ ବିଜୟୀ ହୋଇଛି। (ରିପୋର୍ଟ: ଖେଳ ପୃଷ୍ଠା)

# ରାଜଧାନୀରୁ ୫୬୮ ଏକର ଜଙ୍ଗଲ ଜମି ଗାଏବ

**କଟକ ଅଫିସ, ୭।୬**

- ଏନ୍‌ଜିଟିରେ ମାମଲା
- ସରଜମିନ ତଦନ୍ତ ପାଇଁ ନିର୍ଦ୍ଦେଶ

ରାଜଧାନୀ ଭୁବନେଶ୍ୱରର ୫୬୮ ଏକର ଜଙ୍ଗଲ ଜମି ଗାଏବ ହୋଇଯାଇଛି। ଏହାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ମାମଲାର ଶୁଣାଣି କରି ଏନ୍‌ଜିଟି ଖୋର୍ଦ୍ଧା ଜିଲାପାଳ ଓ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କୁ ଘଟଣାର ସରଜମିନ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସୁବାସ ମହାପାତ୍ରଙ୍କ ପକ୍ଷରୁ ରୁଜୁ କରାଯାଇଥିବା ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ବିଭାଗ ସଚିବ, ରାଜସ୍ୱ ସଚିବ, ବିଡିଏ କର୍ତ୍ତୃପକ୍ଷ, ଖୋର୍ଦ୍ଧା ଜିଲାପାଳ, ଖୋର୍ଦ୍ଧା ଡିଏଫ୍‌ଓଙ୍କ ସହିତ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି, ଭୁବନେଶ୍ୱର ତହସିଲ ଅଧୀନ ଜୟଦେବ ବିହାର ମୌଜାର ଖାତା ନମ୍ବର ୧୪୨୭ରେ ଥିବା ୫୬୮ ଏକର ୩୯ ଡେସିମିଲ ଜଙ୍ଗଲ-୨ କିସମର ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯାଇଛି। ଏହି ଜମିରେ ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ ଓ କୋଠା ଆଦି ନିର୍ମାଣ କରାଯାଇଛି। ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରିବା ନେଇ ଉଦ୍ଦିଷ୍ଟ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଅନୁଯାୟୀ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟଠାରୁ କୌଣସି ଅନୁମତି ଅଣାଯାଇନାହିଁ। ଏହାଦ୍ୱାରା କେବଳ ଜଙ୍ଗଲ ଆଇନର ଉଲ୍ଲଂଘନ ନୁହେଁ, ସୁପ୍ରିମକୋର୍ଟ ଆଦେଶର ଉଲ୍ଲଂଘନ ମଧ୍ୟ ହୋଇଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି, ୧୯୯୬ ଡିସେମ୍ବର ୧୨ ତାରିଖରେ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଥିଲେ, ଜଙ୍ଗଲ କିସମର ଜମି ☞ପୃଷ୍ଠା-୯

# ୧୦ ହଜାର ପାଇଁ ଅଢ଼େଇ ବର୍ଷୀୟାଙ୍କୁ ହତ୍ୟା

**ଆଲିଗଡ଼/ନୂଆଦିଲ୍ଲୀ,୭।୬(ପି.ଟି.)**

**ଆଲିଗଡ଼ରେ ଲଜ୍ଜା**
- ରବିବାର ମିଳିଥିଲା ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ
- ହତ୍ୟା ପୂର୍ବରୁ ବଳାତ୍କାର ସନ୍ଦେହ
- କାର୍ଯ୍ୟରେ ଅବହେଳା ପାଇଁ ୫ ପୋଲିସ ନିଲମ୍ବିତ
- ଏସ୍ଆଇଟିର ତନାଘନା
- ଏନ୍ଏସ୍ଏ ବଳରେ ମାମଲା ଚାଲିବ
- ଫାଷ୍ଟଟ୍ରାକ୍ କୋର୍ଟରେ ହେବ ଶୁଣାଣି
- ପୋଲିସକୁ ରିପୋର୍ଟ ମାଗିଲେ ଏନ୍‌ସିପିସିଆର୍

ଉତ୍ତରପ୍ରଦେଶ(ୟୁପି)ର ଆଲିଗଡ଼ରେ ଜଣେ ଅଢ଼େଇ ବର୍ଷୀୟା କନ୍ୟାଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ ସାରା ଦେଶରେ ଆକ୍ରୋଶ ଓ ବିକ୍ଷୋଭ ବଢ଼ିବାରେ ଲାଗିଛି। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ବର୍ବରକାଣ୍ଡ ଭିଆଇଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଥିବା ଜଣେ ଏସ୍ଏଚ୍‌ଓଙ୍କ ସମେତ ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଗିରଫ ୨ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନ୍ଏସ୍ଏ) ଲାଗୁ ହେବ ଓ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର କରାଯିବ ବୋଲି ଯୋଗୀ ଆଦିତ୍ୟନାଥ ସରକାର ସ୍ପଷ୍ଟ କରିଛନ୍ତି। ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରାଯାଇଛି। ଶିଶୁ ଅଧିକାର ସୁରକ୍ଷା ଜାତୀୟ କମିଶନ (ଏନ୍‌ସିପିସିଆର୍) ଅଧ୍ୟକ୍ଷ ପ୍ରିୟଙ୍କ କାନୁନ୍‌ଗୋ ଏନେଇ ଶୁକ୍ରବାର ୟୁପି ପୋଲିସକୁ ରିପୋର୍ଟ ମାଗିଛନ୍ତି। ଘଟଣାକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ଓ ଉତ୍ତେଜନା ପ୍ରକାଶ ପାଇବା ସହ ରାଜନୀତି ଜୋର୍ ଧରିଛି। ପୀଡ଼ିତାଙ୍କୁ ନ୍ୟାୟଦେବା ଦାବିରେ ବିଶେଷକରି ସୋସିଆଲ ମିଡିଆରେ ଅଭିଯାନ ଜୋର୍ ଧରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଆଲିଗଡ଼ରୁ ☞ପୃଷ୍ଠା-୯

■ ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

# ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ /ବାରିପଦା ଅଫିସ୍ / ବେତନଟୀ,୭।୬ (ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ୟୁନିଟ୍‌ର ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକ ସୁମନ୍ତ ସାହୁଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ସାହୁଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ବାରିପଦା ସ୍ୱତନ୍ତ୍ର ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ସାହୁଙ୍କ ଘର, ଅଫିସ ସମେତ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ସାହୁଙ୍କ ମୟୂରଭଞ୍ଜ ଜିଲା ବେତନଟି ଥାନା ଅଧୀନ ସଠିଲୋ ଗ୍ରାମରେ ଥିବା ଦୁଇ ମହଲା ଓ ୩ ମହଲା କୋଠା, ବଡ଼ସାହି ଥାନା ଅଧୀନ ବରିହାପାଳ ଗ୍ରାମରେ ଥିବା ଘର, ମୋରଡ଼ା ବ୍ଲକଠାରେ ଥିବା କାର୍ଯ୍ୟାଳୟ,

**ଘରୁ ବାହାରିଲା ୪ ଲକ୍ଷ ଟଙ୍କା**

ବୈସିଙ୍ଗା ଥାନା ଅଧୀନ ସିଙ୍ଗଲାମୁଣ୍ଡଳି ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକରେ ଯାଞ୍ଚ କରାଯିବା ପରେ ମୋଟ୍ ୧ କୋଟି ୪୬ ଲକ୍ଷ ୬୩ହଜାର ୩୭୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ହୋଇଥିବା ସମସ୍ତ ସମ୍ପତ୍ତି ସାହୁ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସମ୍ପତ୍ତିଗୁଡ଼ିକର ମୂଲ୍ୟ ଅନୁଯାୟୀ ସଠିଲୋଠାରେ ଥିବା ତିନି ମହଲା କୋଠାର ମୂଲ୍ୟ ୭୬ ଲକ୍ଷ ୧୬ହଜାର ୮୪୮ ଟଙ୍କା ଓ ୨ ମହଲା କୋଠାର ମୂଲ୍ୟକୁ ୨୭ ଲକ୍ଷ ୯ହଜାର ୯୯୫ ଟଙ୍କାରେ ହିସାବ କରାଯାଇଛି। ସେହିପରି ବେତନଟୀ ଅଞ୍ଚଳରେ ଥିବା ସାହୁଙ୍କର ମୋଟ୍ ୧୩ଟି ପ୍ଲଟ୍‌ର ☞ପୃଷ୍ଠା-୯

# ରଜନୀକାନ୍ତ ସିଂ ଉପବାଚସ୍ପତି

**ପ୍ରଣବ ବଳବନ୍ତରାୟ ଉପ ମୁଖ୍ୟ ସଚେତକ**

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ହେବେ ବିଧାନସଭାର ଉପବାଚସ୍ପତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଏହି ପଦବୀ ପାଇଁ ମନୋନୀତ କରିଛନ୍ତି। ସେହିପରି ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ସରକାରୀ ଦଳର ଉପ ମୁଖ୍ୟ ସଚେତକ ଭାବେ ନିଯୁକ୍ତି କରିଛନ୍ତି। ଏଠାରେ



ରଜନୀକାନ୍ତ ସିଂ



ପ୍ରଣବ ବଳବନ୍ତରାୟ

ସୂଚନାଯୋଗ୍ୟ ଯେ ଷୋଡଶ ବିଧାନସଭାର ବାଚସ୍ପତି ଭାବେ ବିଜେଡିର ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସରକାରୀ ଦଳ ମୁଖ୍ୟ ସଚେତକ ଭାବେ ମୁଖ୍ୟମନ୍ତ୍ରୀ ପୂର୍ବରୁ ନିଯୁକ୍ତି ଦେଇଛନ୍ତି। ରଜନୀକାନ୍ତ ସିଂ ଙ୍କର କୌଣସି ପ୍ରତିଦ୍ୱନ୍ଦ୍ୱି ନ ଥିବାରୁ ସେ ଉପ ବାଚସ୍ପତି ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ।


## B.J.B. AUTONOMOUS COLLEGE
### BHUBANESWAR - 751014

NAAC ACCREDITED AT THE "A" LEVEL
College with Potential for Excellence

CAD - 24

### ADMISSION NOTICE FOR THE SESSION 2019-20

Applications are invited for admission into the following self financing courses : IMBA, IMSc. ETC, IMSc. BI, MA in JMC, BSc. ITM, MA in PMIR, MBA (LE), MA in THM, M.Com FC & MSW for the Session 2019-20. The Prospectus can be downloaded from college website www.bjbcollege.in from 03.06.2019 onwards. The details about Prospectus, Application form, How to apply, form Fill-up procedures, etc. are available in Prospectus (Page-6) in college website. The details of courses are given below.

| | COURSE | DURATION | ELIGIBILITY |
|---|---|---|---|
| PG Courses | MA in THM MA in Tourism and Hospitality Management | 2 Years | Graduate in any Stream, with 40 % in aggregate |
| | MA in JMC MA in Journalism and Mass Communication | 2 Years | Graduate in any Stream, with 40 % in aggregate |
| | M.Com FC Master of Commerce in Finance and Control | 2 Years | Graduate in any Stream, with 40 % in aggregate |
| | MA in PMIR MA in Personnel Mgt. & Industrial Relations | 2 Years | Graduate in any Stream, with 40 % in aggregate |
| | MBA (Lateral Entry) Master of Business Administration | 2 Years | Passed BBA, with 40% aggregate |
| | MSW Master in Social Work | 2 Years | Graduate in any Stream, with 40% in aggregate Admission based in Merit |
| Integrated & UG Courses | IMBA Integrated Master of Business Administration | 5 Years | Passed +2 in any stream 40% in aggregate without extra optional if any |
| | IMSc. ETC Integrated Master of Sc. in Electronics & Telecom | 5 Years | Passed +2 Sc. with Maths, 40% in aggregate without extra optional if any |
| | IMSc. BI Integrated Master of Sc. in Bio Informatics | 5 Years | Passed +2 Sc. with Biology, 40% in aggregate without extra optional if any |
| | BSc. ITM Bachelor of Sc. information Tech. & Mgt. | 3 Years | Passed +2 Sc., 40% in aggregate without extra optional if any |

CALL : IMBA & MBA (Lateral Entry) : 9938240820 / 7809988054 / 9861643685 / 9437841766
IMSc. ETC : 7008295803 / 7008331552 / 9132172144, IMSc. BI : 9861119270 / 9861404459 / 9853378949
MAJMC : 9658114874 / 8637202388, M.Com FC & BSc. ITM : 9937027335 / 9938511866 / 9861118208 / 0674-2433309
MA in PMIR & MA in THM : 9437311169 (O) / 9090080854 / 9337440285 / 0674-2433133 MSW: 9861469919, 9439861162

| ENTRANCE TEST | IMBA, MBA (LE). IMSc. BI | IMSc.ETC & BSc. ITM | M.Com FC & MA in PMIR | MA in JMC & MA in THM |
|---|---|---|---|---|
| | 05.07.2019 | 06.07.2019 | 08.07.2019 | 09.07.2019 |

● Application forms for the above Mention courses , complete in all respects, should reach the Principal by 4 P.M. on 29.06.2019 either in person or by Regd. / Speed post.

11011/11/0003/1920 PRINCIPAL


# ୯.୬ ଲକ୍ଷ ଲୁଟ୍

**କୋରାପୁଟ,୭।୬(ସ୍ୱ.ପ୍ର.)**

କୋରାପୁଟ ଜିଲା ମଣ୍ଡିପୁଟରେ ଶୁକ୍ରବାର ଜଣେ ବ୍ୟବସାୟୀଙ୍କୁ ମାଉଜର ଦେଖାଇ ଦୁର୍ବୃତ୍ତମାନେ ୯ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ କୋରାପୁଟ ସଦର ଥାନାରେ ଏତଲା ଦେଇଛନ୍ତି ବ୍ୟବସାୟୀ। ସୂଚନା ଅନୁଯାୟୀ, ☞ପୃଷ୍ଠା-୯





NECC NATIONAL EGG CO-ORDINATION COMMITTEE 07.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 105 | 165 | 175 |
| BDK | 105 | 165 | 175 |
| BLS | 105 | 165 | 175 |
| ANG | 105 | 165 | 175 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଓଡିଶା ଗସ୍ତ

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡଙ୍ଗୀ କେନ୍ଦ୍ରମନ୍ତ୍ରୀଭାବେ ଶପଥ ନେବାପରେ ପ୍ରଥମ ଥର ପାଇଁ ଶନିବାର ଓଡିଶା ଆସୁଛନ୍ତି। ସେମାନଙ୍କ ସହ ରାଜ୍ୟ ପ୍ରଭାରୀ ଅରୁଣ ସିଂ ମଧ ରାଜ୍ୟ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେମାନେ ଭୁବନେଶ୍ୱର ବିମାନବନ୍ଦରରେ ସକାଳ ୮ଟା ୩୦ରେ ପହଞ୍ଚିବା ପରେ ସେମାନଙ୍କୁ ଦଳ ତରଫରୁ ଭବ୍ୟ ସ୍ୱାଗତ ଦିଆଯିବ। ଏହାପରେ ସେମାନେ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯିବେ। ୩ଟାରେ ପ୍ରଦର୍ଶନୀ ପଡିଆରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ।

## କିଛି ତଥ୍ୟ

୨୦୧୮-୧୯ରେ ଭାରତ-ମାଳଦ୍ୱୀପ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨୨୨.୭ ନିୟୁତ ଡଲାରକୁ ବଢିଛି। ଏହା ୨୦୧୭-୧୮ରେ ୨୦୬.୭ ନିୟୁତ ଡଲାର ଥିଲା।

**-ବାଣିଜ୍ୟ ମନ୍ତ୍ରଣାଳୟ**

# ଘୁଞ୍ଚିଲା ବିପିୟୁଟି ବି-ଟେକ୍, ବି-ଫାର୍ମା ସେମିଷ୍ଟର ପରୀକ୍ଷା

ଭୁବନେଶ୍ୱର, ୭।୬(ବ୍ୟୁରୋ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)ର ଅନ୍‌ଲାଇନ ପରୀକ୍ଷା ଶନିବାର ଥିବାରୁ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି) ତା'ର ବି-ଟେକ୍ ଏବଂ ବି-ଫାର୍ମା ସେମିଷ୍ଟର ପରୀକ୍ଷା ଘୁଞ୍ଚାଇ ଦେଇଛି। ବି-ଟେକର ବ୍ୟାକ୍ ପେପର ନିମନ୍ତେ ୮ତାରିଖରେ ଦ୍ୱିତୀୟ ଓ ଷଷ୍ଠ ସେମିଷ୍ଟର ପରୀକ୍ଷା ହେବାର ଥିଲା। କିନ୍ତୁ ତାହାକୁ ଆସନ୍ତା ୧୭ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସେହିପରି ବି-ଫାର୍ମା ବ୍ୟାକ୍ ପେପର ନିମନ୍ତେ ୮ତାରିଖରେ ଚତୁର୍ଥ ସେମିଷ୍ଟର ପରୀକ୍ଷା ହେବାର ଥିଲା। ଏବେ ଏହି ପରୀକ୍ଷା ୧୨ତାରିଖରେ ହେବ। ସୂଚନାଯୋଗ୍ୟ, ଉକ୍ତ ଦୁଇଟି ପାଠ୍ୟକ୍ରମ ପାଇଁ ଏହି ସେମିଷ୍ଟାର ପୂର୍ବରୁ ମେ' ୧୫ରେ ହେବାର ଥିଲା। ପରେ ପରିବର୍ତ୍ତିତ ହୋଇ ଜୁନ୍ ୮ତାରିଖରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଆଜି ଓଜେଇଇ ଅନ୍‌ଲାଇନ ପରୀକ୍ଷା

ଭୁବନେଶ୍ୱର, ୭।୬(ବ୍ୟୁରୋ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)ର ଅନ୍‌ଲାଇନ ପରୀକ୍ଷା ଶନିବାରଠାରୁ ଆରମ୍ଭ ହେବ। ଶନିବାର ଏମ୍.ଟେକ୍, ଏମ୍.ଆର୍କ, ଏମ୍‌ସିଏ, ଏଲ୍‌ଇ-ଏମ୍‌ସିଏ, ଏମ୍.ଫାର୍ମ, ଏମ୍. ପ୍ଲାନ୍ ଆଦି ବିଷୟରେ ପରୀକ୍ଷା ହେବ। ସେହିପରି ୯ତାରିଖରେ ଏମ୍‌ବିଏ ପରୀକ୍ଷା ହେବ। ସୂଚନାଯୋଗ୍ୟ, ମେ' ୧୩ରେ ଓଜେଇଇର ଅନ୍‌ଲାଇନ ପରୀକ୍ଷା ହେବାର ଥିଲା। କିନ୍ତୁ ବାତ୍ୟା 'ଫନୀ' ଯୋଗୁ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିଲା। ମେ' ୧୮ରେ ରାଜ୍ୟର ୨୦ଟି ସହରର ୫୩ଟି କେନ୍ଦ୍ରରେ ଓଜେଇଇ ଅଫ୍‌ଲାଇନ୍ ପରୀକ୍ଷା ହୋଇଥିଲା। ରାଜ୍ୟରେ ପ୍ରାୟ ୩୦ହଜାର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଆଁସୀ କନିଆକୁ ଅଶ୍ଳେଷା ବର**
**ଉଆଁସୀ କନିଆକୁ ଶାହାଡ଼ା ବର ।**

ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟା ବିବାହ କଲେ ବରର ଆୟୁଷ ଶୀଘ୍ର ପୂରିଯାଏ ବୋଲି ଲୋକଙ୍କ ଏକପ୍ରକାର ଅନ୍ଧବିଶ୍ୱାସ ଘର କରି ରହିଆସିଛି। ଏପରିସ୍ଥଳେ ଉକ୍ତ କନ୍ୟାଟିକୁ ଶାହାଡ଼ା ଗଛ ସହ ବିବାହ କରିଦେଲେ ତା'ର ଦୋଷାଦୋଷ କଟିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଞ୍ଚା ହେଲେ ଝଡ଼ ଦେବ ଉଡ଼ାଇ**
**ନୀଚା ହେଲେ ଛେଳି ଦେବ ଚୋବାଇ ।**

ଝଡ଼ତୋଫାନ ହେଲେ ପ୍ରଥମେ ଡେଙ୍ଗା ଗଛ ଟଳିପଡ଼େ। ଗଛ ଛୋଟ ହୋଇଥିଲେ ଛେଳି ଭଳି ତୃଣଭୋଜୀ ପ୍ରାଣୀ ଖାଇଦେବାରେ ଅସୁବିଧା ରହି ନ ଥାଏ। ପରୋକ୍ଷରେ ବ୍ୟକ୍ତି ନିଜକୁ ଅତି ବଡ଼ ବୋଲି ଦେଖେଇ ହେଲେ ତା'ର ପତନ ସୁନିଶ୍ଚିତ ଘଟିଥାଏ। ତା'ର ସମସ୍ତ ଗର୍ବ ଅଚିରେ ଖର୍ବ ହୋଇଯାଇଥାଏ। ସେହିପରି ନ୍ୟୂନ ହେଲେ ନିଜତ୍ୱ ହରାଇ ବସିବାର ଆଶଙ୍କା ରହିଥାଏ। ଫଳସ୍ୱରୂପ ତା'ଉପରେ ଆଧିପତ୍ୟ ଦେଖାଇବାକୁ ସମୟ ଲାଗି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.




# ୧୧ରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବେ ନବୀନ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ମାସ ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀରେ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୯ ସାଧାରଣ ନିର୍ବାଚନ ବିଜୟୀ ହେବା ପରେ ପ୍ରଥମଥର ପାଇଁ ଦୁଇ ନେତାଙ୍କ ଭେଟ ହେଉଛି। ନବୀନଙ୍କ ସହ ବିଜେଡିର ୧୨ ଲୋକ ସଭା ଏମ୍‌ପି ମଧ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବେ।

# ନବୀନ ଚାହିଁଲେ ବାପା ବିଜେଡି ଫେରିବେ : ସମ୍ବିତ୍

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ବରିଷ୍ଠ ଭାଜପା ନେତା ଦାମୋଦର ରାଉତ ବିଜେଡି ଫେରିବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ତାଙ୍କ ପୁତ୍ର ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଏଥିପାଇଁ ପରୋକ୍ଷରେ ଚେଷ୍ଟା କରୁଥିବା ଜଣାପଡିଛି। ସମ୍ବିତ ସଚିବାଳୟରେ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ମତ ଦେଇ କହିଥିଲେ ଯେ, ରାଜନୀତିରେ ସବୁ ସମ୍ଭବ। ବାପା(ଦାମ ରାଉତ) ଭାଜପାରେ ଖୁସି ନ ଥିବା ପରି ମନେ ହେଉଛି। ଦୀର୍ଘଦିନ ଧରି ଜନତା ଦଳ ଏବଂ ବିଜେଡିରେ ସେ ରହି ଆସିଥିଲେ। ତେଣୁ ଭାଜପାରୁ ପ୍ରାର୍ଥୀ ହେବାରୁ ଭୋଟର ତାଙ୍କୁ ଗ୍ରହଣ କରି ନ ଥିଲେ। ରାଜନୈତିକ ଘଟଣାକ୍ରମରେ ସେ ବିଜେଡିରୁ ବାହାରି ଯାଇଥିଲେ। ତେଣୁ ଆଗକୁ ସେ ବିଜେଡି ଫେରିବା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ନିର୍ଭର କରେ ବୋଲି ସମ୍ବିତ କହିଛନ୍ତି। ଅପରପକ୍ଷରେ ପୁଅ ସମ୍ବିତଙ୍କ କଥାକୁ ଦାମୋଦର ଅସ୍ୱୀକାର କରିଛନ୍ତି। ଦାମ କହିଛନ୍ତି ଯେ, ସେ ଭାଜପାରେ ଅଛନ୍ତି। ତାଙ୍କ ପୁଅ ବିଜେଡିରୁ ବିଧାୟକ ରହିଛନ୍ତି। ତେଣୁ ସେ ମନଦୁଃଖରେ ଥିବା କଥା ସମ୍ବିତ କିପରି ଜାଣିପାରିଲେ। ବିଜେଡିରୁ ତାଙ୍କୁ ବାହାର କରି ଦିଆଯାଇଥିଲା। ହେଲେ ଭାଜପାରେ ତାଙ୍କୁ ସମ୍ମାନଜନକ ଭାବେ ଗ୍ରହଣ କରାଯାଇଥିବା ଦାମ କହିଛନ୍ତି।

# ବିଷାକ୍ତ ଫଳ ଖାଇ ୩ ଶିଶୁ ଅସୁସ୍ଥ

**ପଦ୍ମପୁର,୭।୬(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ହର୍ଲାଗୁଡ଼ା ଗ୍ରାମରେ ଶୁକ୍ରବାର ବିଷାକ୍ତ ଫଳ ଖାଇ ୩ ଶିଶୁ ଅସୁସ୍ଥ ହୋଇଛନ୍ତି । ସେମାନେ ହେଲେ ସୁରେଶ ଗାଣ୍ଡା(୧୦), ପ୍ରତିମା ପାଣି(୫) ଓ ପ୍ରଶାନ୍ତ ପାଣି(୫) । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଉକ୍ତ ୩ ଜଣ ସନ୍ଧ୍ୟାରେ ଗାଁ ପାଖ ନାଳକୁ ଗାଧୋଇବାକୁ ଯାଇଥିଲେ । ସେଠାରେ କୌଣସି ଫଳ ଖାଇଥିଲେ । ଘରକୁ ଫେରିବା ପରେ ଅଚେତ୍ ହୋଇ ପଡ଼ିଥିଲେ । ପରିବାର ଲୋକେ ସେମାନଙ୍କୁ ପ୍ରଥମେ କେନ୍ଦୁଗୁଡ଼ା ମେଡ଼ିକାଲରେ ଭର୍ତ୍ତି କରିଥିଲେ । ପରେ ପଦ୍ମପୁର ମେଡ଼ିକାଲୁ ସ୍ଥାନାନ୍ତର କରାଯାଇଛି ।


ଅସୁସ୍ଥ ୩ ଶିଶୁ।

# ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ରରେ ରହିବ ଶିଶୁ

## ସିଡବ୍ଲ୍ୟୁସିର ନିର୍ଦ୍ଦେଶ

**ନବରଙ୍ଗପୁର,୭।୬(ବି.ପ୍ର.)**

ଶିଶୁ ବିକ୍ରି ଉଦ୍ୟମ କରୁଥିବା ବେଳେ ଗୁରୁବାର ଜଣେ ଯୁବକଙ୍କଠାରୁ ଏକ ଘରୋଇ ବସରୁ ୬ ମାସର ଜଣେ ଶିଶୁପୁତ୍ରକୁ ଚାଇଲ୍ଡ ଲାଇନ ଓ ନବରଙ୍ଗପୁର ପୋଲିସ ଉଦ୍ଧାର କରିଥିଲା। ଉଦ୍ଧାର ଶିଶୁଟିକୁ ଉତ୍କଳ ବାଳାଶ୍ରମ ସ୍ୱତନ୍ତ୍ର ପୋଷ୍ୟଗ୍ରହଣ କେନ୍ଦ୍ରରେ ରଖାଯିବାକୁ ଜିଲା ଶିଶୁ କଲ୍ୟାଣ କମିଟି ଶୁକ୍ରବାର ନିର୍ଦ୍ଦେଶ ଦେଇଛି। ଏହି ଘଟଣାରେ ଫେରାର ଥିବା ଯୁବକ ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ରରେ ପହଞ୍ଚି ନିଜକୁ ଶିଶୁ ପୁତ୍ରର ବାପା ଓ ତାଙ୍କ ସ୍ତ୍ରୀକୁ ଛୁଆର ମା' ବୋଲି ପରିଚୟ ଦେଇଥିଲେ। କିନ୍ତୁ ଏହି ସମ୍ବନ୍ଧୀୟ ତାଙ୍କ ପାଖରେ କୌଣସି ପ୍ରମାଣ ନ ଥିଲା। ପ୍ରମାଣ ଆଣିବାକୁ ଯାଉଛି କହି ସେମାନେ ସେଠାରୁ ଚାଲି ଯାଇଥିଲେ। ପ୍ରକାଶଯେ, ଗୁରୁବାର କୋରାପୁଟ ରାମଗିରି ଅଞ୍ଚଳର ସୋମନାଥ ଖୋରା ଏକ ଘରୋଇ ବସ୍‌ରେ ଶିଶୁଟିକୁ ନେଇ ଯାଉଥିଲେ। ଶିଶୁଟିକୁ ବିକ୍ରି କରିବେ ବୋଲି କହୁଥିବା ବେଳେ ବସ୍‌ରେ ଥିବା ନବରଙ୍ଗପୁର ସବ୍‌ରେଜିଷ୍ଟ୍ରାର ବାବୁଲାଲ ସାମଲ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଚାଇଲ୍ଡ ଲାଇନ୍‌କୁ ଜଣାଇଥିଲେ। ଚାଇଲ୍ଡ ଲାଇନ ଅଧିକାରୀ ପୋଲିସ ସହ ନବରଙ୍ଗପୁର ବସ୍‌ଷ୍ଟାଣ୍ଡରେ ପହଞ୍ଚି ଶିଶୁଟିକୁ ଉଦ୍ଧାର କରିଥିଲେ। ପରେ ଶିଶୁଟିକୁ ଉତ୍କଳ ବାଳାଶ୍ରମ ସ୍ୱତନ୍ତ୍ର ପୋଷ୍ୟଗ୍ରହଣ କେନ୍ଦ୍ରରେ ରଖାଯାଇଥିବାବେଳେ ସୋମନାଥ ଫେରାର ହୋଇଯାଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା, ପୂର୍ବ କଳହ, ସମ୍ପର୍କୀୟଙ୍କ ସହ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି। ଅଭାବ ଦୂରୀକରଣ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗରେ ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ମନ ଭିତରେ ଦୁଃଖ ଭରି ରହିଥିଲେ ମଧ ପାରିବାରିକ ସ୍ତରରେ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ।

**ବୃଷ** ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପନ୍ନକରି ଏକ ପ୍ରକାର ଆଶ୍ୱସ୍ତି ଅନୁଭବକରିବେ। ପରିବାରରେ ସ୍ନେହ, ସଦିଚ୍ଛା ଓ ସମ୍ମାନର ଅଭାବ ସାମୟିକ ମନରେ ବହୁତ କ୍ଷୋଭ ଆଣିପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଅନ୍ୟଥା ପରକ୍ଷଣରେ ବେଶି ଚିନ୍ତା କରିବାକୁ ପଡ଼ିବ।

**ମିଥୁନ** ପାରସ୍ପରିକ ଯୁକ୍ତିତର୍କ କାରଣରୁ ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ଯେଉଁ କାମରେ ହାତ ଦେଲେ ମଧ ସବୁ କିଛି ବିଗିଡ଼ିଯାଉଥିବାରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ପୁନର୍ବସୁ ନକ୍ଷତ୍ର ପାଇଁ ପରୋକ୍ଷ ଶତ୍ରୁତା ପ୍ରତ୍ୟେକ କ୍ଷେତ୍ରରେ ସଙ୍କଟଜନକ ସ୍ଥିତିକୁ ନେବାରେ ମୁଖ୍ୟ ଭୂମିକା ସାଜିପାରେ।

**କର୍କଟ** ପରିସ୍ଥିତି ବିଶେଷ ଅନୁକୂଳ ରହିବା କାରଣରୁ ମାନସିକ ସ୍ତରରେ ଉତ୍ସାହିତ ରହିବେ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ସକାଶେ ବିଶ୍ରାମହୀନ କାର୍ଯ୍ୟ, ଅନିଦ୍ରା, କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଅଚାନକ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ବୁଝାଇ ସୁଝାଇ କାମ ହାସଲ ପାଇଁ ଚେଷ୍ଟାକଲେ ହୁଏତ କେତେକାଂଶରେ ଉପକୃତ ହୋଇପାରିବେ। ବୁଝାମଣାର ଅଭାବ କିମ୍ବା ପକ୍ଷପାତିତା କାରଣରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସାମାଜିକ ସ୍ତରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**କନ୍ୟା** ଭାଗ୍ୟସ୍ଥାନ ପ୍ରତି ଗୁରୁଦୃଷ୍ଟି କାରଣରୁ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜିର କାମଗୁଡ଼ିକୁ ସମ୍ପନ୍ନ କରିପାରିବେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ସରଳ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡ଼ିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବା ସୂଚନା ରହିଛି।

**ତୁଳା** କୌଣସି ପ୍ରକାର ସାହାଯ୍ୟ, ସହଯୋଗ ନ ପାଇଲେ ମଧ ନିଜର ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିପାରିବେ। ଦୀର୍ଘ କେତେଦିନ ହେଲା ଲାଗି ରହିଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ମଧ ହୋଇଯିବ। ପଡ଼ୋଶୀମାନେ ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଅଯଥା ମିଥ୍ୟାରୋପ କରି କଳହ କରିପାରନ୍ତି।

**ବିଛା** ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ, କିନ୍ତୁ ତରବରିଆ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ଆଦର, ଗୌରବରେ ନିଜର ଅତୀତ ଦୁଃଖକୁ ସାମୟିକ ଭାବରେ ପାସୋରି ଦେଇପାରନ୍ତି। ସଭାସମିତି, ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ।

**ଧନୁ** ଧୀରେ ଧୀରେ ପୂର୍ବ ସମସ୍ୟା ବଦଳିଯାଇ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସି ରହିବେ। ପ୍ରଶାସନିକ ସ୍ତରରେ କିମ୍ବା ଅଫିସ୍ କାମରେ ଟେନ୍‌ସନ ବଢ଼ିପାରେ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟର ଆଶଙ୍କା ରହିଛି। ଆକସ୍ମିକ ଦୂରଯାତ୍ରା,ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ।

**ମକର** ବନ୍ଧୁମାନଙ୍କ ସହଯୋଗକ୍ରମେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ମଧ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯାଇପାରନ୍ତି।

**କୁମ୍ଭ** ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ମନୋଭାବ ଯୋଗୁ ମାନସିକ ସ୍ତରରେ ବିଚଳିତବୋଧ କରିବେ। ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। କଚେରି ମାମଲା, ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ମୀନ** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟିହେବା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ ନିନ୍ଦା ଶୁଣିବେ। ବ୍ୟୟ ଭାର କ୍ରମଶଃ କମି ଆସିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। କର୍ମକ୍ଷେତ୍ରରେ ଶୀଘ୍ର ଶୀଘ୍ର କାମ ଶେଷ କରିବା ପାଇଁ ବ୍ୟସ୍ତ ହୋଇପଡ଼ିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ପକ୍ଷର ଶୀତଳଷଷ୍ଠୀ ଶନିବାର, ବଙ୍ଗୀୟ ମତେ ଜାମାଇ ଷଷ୍ଠୀ, ଶ୍ରୀମନ୍ଦିରରେ ଶିବ ବିବାହ, ଜୁନ୍ ୮ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୪ମି. ଗତେ ଘ୧।୨୫ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୨୮ମି. ଗତେ ଘ୧୦।୦୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

## real estate

### SALE

ଘରବାରି Plot, Pahal, Utkal heights ପଛପଟେ 30ft. Govt. roadକୁ ଲାଗି ପ୍ଲଟ ମିଳୁଅଛି। Immediate possession, registration: 6372708369. D-12860

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ରେ ମିଳୁଛି। ଯୋଗାଯୋଗ 8908492594. D-12707

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-12748

ଭୁବନେଶ୍ୱର AIIMS medical ନିକଟରେ Govt. roadକୁ ଲାଗି BDA approval yellow zone gharabari plot 1499/-. 9777553622. D-66394

4600 sqft highly commercial building, canalroad. Ready for sale. Present rent: 1,10,000/- land-2700sqft. 6371449544. D-12783

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12875

1200 sqft. land, 900 sqft. construction 25,00,000/- simplex 6km. from Nakhara, Brahmanjharilo LIC approved. 9861281504. D-66701

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12852

Yellowzone Gharabari plots available new Railway station, Patia, booking simplex BJEM-(2) 12,80,000/- monthly installment 5,000/-. 7735738102. D-12869

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12874

Litigation free gharabari plot Ranga bazar @ 650/-, Dhauli @ 1250/-. 9348012510. D-66704

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12873

## to-let

Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799

## business

Wanted a partner to open Ayurvedic clinic with food programme yoga etc. at Vyasanagar Municipality in Jajpur District. Contact: 9937877979. D-12857

E-Learning franchise start your own center Maths/Science on Android Tablet B'lore based Co. myxyo.com 8971120116. D-12872

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## AFFIDAVIT

By virtue of an affidavit before Executive Magistrate, Cuttack that I Papu Mallick aged 28 years, S/o Arjun Charan Mallick, Village- Mudhapada, Post- Solampur, Ps- Bhandaripokhari, Dist- Bhadrak, states I have changed my name Papu Mallick to Prateek Ranjan Mallick. Papu Mallick and Prateek Ranjan Mallick is one and same person as above address. Henceforth, I shall be known as Prateek Ranjan Mallick for all purposes. D-12883

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ଓଲଟିଲା ବସ୍, ବର୍ତ୍ତିଲେ ୨୦ ଯାତ୍ରୀ

- ଡ୍ରାଇଭର, କଣ୍ଡକ୍ଟରଙ୍କ ସମେତ ୪ ଆହତ
- ଡ୍ରାଇଭର କୋରାପୁଟ, କଣ୍ଡକ୍ଟର ବ୍ରହ୍ମପୁର ସ୍ଥାନାନ୍ତର



ପଟ୍ଟାଙ୍ଗି,୭।୬(ଡି.ଏନ୍.ଏ.)

ପଟ୍ଟାଙ୍ଗି ଥାନା ରାଲେଗଡ଼ା ପଞ୍ଚାୟତ ତେଲରାଇ ଛକ ନିକଟରେ ଶୁକ୍ରବାର ଏକ ବସ୍ ଓଲଟିପଡ଼ିଛି। ଏଥିରେ କଣ୍ଡକ୍ଟରଙ୍କ ସମେତ ୪ ଜଣ ଆହତ ହୋଇଥିବା ବେଳେ ଅନ୍ୟ ଯାତ୍ରୀମାନେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ନଡ଼ିଆରାଣୀ ବସ୍ (ଓଡି଼୦୫ ଏଏ ୫୯୭୭) କଟକରୁ କୋରାପୁଟ ଜିଲା ଜୟପୁର ଆସୁଥିଲା। ୫ଟା ୧୫ ମିନିଟ୍ ସମୟରେ ତେଲରାଇ ଛକର ଏକ ମୋଡ଼ରେ ଦ୍ରୁତଗତିରେ ଆସୁଥିବା ଯୋଗୁ ଭାରସାମ୍ୟ ହରାଇ ଏନ୍ଏଚ୍‌ର ଡିଭାଇଡର ତଥା ଗାର୍ଡୱାଲକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ଏଥିରେ ଗାଡ଼ି ଚଲାଉଥିବା ଡ୍ରାଇଭର ଜୟପୁର ବ୍ଲକ ଉମୁରି ଗ୍ରାମର ଜିତେନ୍ଦ୍ର ସିଂଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଛି। ସେହିପରି ବସରେ ବିଶ୍ରାମ ନେଉଥିବା ଅନ୍ୟ ଜଣେ ଡ୍ରାଇଭର ସନ୍ତୋଷ ମହାନ୍ତିଙ୍କ ପିଠି ଓ କାନ୍ଧରେ ଆଘାତ ଲାଗିଛି। କଣ୍ଡକ୍ଟର ନିରଞ୍ଜନ ମୁଦୁଲି ବସ୍ କ୍ୟାବିନ୍ ଭିତରେ ଚାପିହୋଇ ରହିଥିଲେ। ଦମକଳ ବାହିନୀ ଓ ପୋଲିସ କଟରରେ ବସ୍‌ର କିଛିଭାଗ କାଟି ଦେଢ଼ ଘଣ୍ଟା ପରେ କଣ୍ଡକ୍ଟରଙ୍କୁ ଉଦ୍ଧାର କରିଥିଲେ। ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ପ୍ରଥମେ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଥିଲା। କଣ୍ଡକ୍ଟରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେଠାରୁ ବ୍ରହ୍ମପୁର  ପଠାଯାଇଥିବା ଜଣାପଡ଼ିଛି। ସେମିଳିଗୁଡ଼ା ବ୍ଲକ ବସଷ୍ଟାଣ୍ଡ ଅଞ୍ଚଳର ମମତା ନାୟକ, ସୁନାବେଡ଼ା ହାଉସିଂ ବୋର୍ଡ଼ କଲୋନିର ଗୋବିନ୍ଦ ଚନ୍ଦ୍ର ବାରିକ ମଧ୍ୟ ଆହତ ହୋଇଥିଲେ। ଏସ୍ଆଇ ଗୋକୁଳାନନ୍ଦ ପଟ୍ଟନାୟକ, ଏଏସ୍ଆଇ ଅନିମେଷ ମାଳି, ସୁବାସ ନାୟକ ଓ ହାବିଲଦାର ପ୍ରଶାନ୍ତ ମାଝି ଦୁର୍ଘଟଣାଗ୍ରସ୍ତ ବସ୍ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି।






ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ବ୍ୟକ୍ତିଗତ ପ୍ରସଙ୍ଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୧୪ରେ ମୋଦି ସରକାର ନିଷ୍ପତ୍ତି ନେଇଥିଲେ ଯେ ପ୍ରଶାସନିକ ବାବୁମାନେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (ପିଏସ୍) ଓ ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ (ଓଏସ୍‌ଡି) ଭାବେ ଥରେ ଚାକିରି କରିବା ପରେ ଆଉ ସେମାନଙ୍କୁ ସେହି ଏକା ପଦବୀରେ ନିଯୁକ୍ତି ଦିଆଯିବ ନାହିଁ। ସେତେବେଳେ ଏହି ନିଷ୍ପତ୍ତିରୁ ଅର୍ଥ ବାହାର କରାଯାଇଥିଲା ଯେ, ମନ୍ତ୍ରୀମାନେ ଯେପରି ନିଜ ମନପସନ୍ଦର ବ୍ୟକ୍ତିଙ୍କୁ ପିଏସ୍ ବା ଓଏସ୍‌ଡି ଭାବେ ବାଛିପାରିବେ ନାହିଁ, ସେଥିଲାଗି ଏପରି ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ଏନ୍‌ଡିଏ ସରକାର ପୁଣି କ୍ଷମତାକୁ ଫେରିବା ପରେ ସେହି ପ୍ରଶ୍ନ ଆଉଥରେ ଉଠିଛି। ପ୍ରଶାସନିକ ଧାରାକୁ ଅବ୍ୟାହତ ରଖିବା ଓ ମନ୍ତ୍ରଣାଳୟଗୁଡ଼ିକର ଦକ୍ଷ ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ଅନେକ ମନ୍ତ୍ରୀଙ୍କୁ ତାଙ୍କ ପୂର୍ବ ବିଭାଗ ଦିଆଯାଇଛି। ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପୂର୍ବର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପାଇଛନ୍ତି। ନୀତିନ ଗଡ଼କରୀଙ୍କୁ ମଧ୍ୟ ତାଙ୍କର ସଡ଼କ ଓ ପରିବହନ ବିଭାଗ ମିଳିଛି। ସେହିପରି ପୀୟୂଷ ଗୋୟଲ (ରେଳପଥ ଓ କର୍ପୋରେଟ୍ ବ୍ୟାପାର) ଓ ରବିଶଙ୍କର ପ୍ରସାଦ (ଆଇନ ଓ ନ୍ୟାୟ) ତାଙ୍କର ପୂର୍ବ ବିଭାଗ ପାଇଛନ୍ତି। ପ୍ରଶ୍ନ ହେଉଛି ଏହି ମନ୍ତ୍ରୀମାନଙ୍କୁ ତାଙ୍କର ପୂର୍ବର ପିଏସ୍ ଓ ଓଏସ୍‌ଡିଙ୍କୁ ରଖିବା ପାଇଁ ଅନୁମତି ମିଳିବ ତ? ନା ସେମାନଙ୍କୁ ନୂଆ କର୍ମଚାରୀ ଦିଆଯିବ?

### ଆତ୍ମଜୀବନୀ ଲେଖିବାର ଦୋଷ

ଚାକିରି ସର୍ତ୍ତାବଳୀ ଉଲ୍ଲଂଘନ କରିବା ଅଭିଯୋଗରେ ନିଲମ୍ବିତ କେରଳର ପୋଲିସ ମହାନିର୍ଦ୍ଦେଶକ ଜାକବ ଟମାସ ଏବେ ଆପରାଧିକ ମାମଲା ଏବଂ ଚାକିରିରୁ ଛଟେଇର ସମ୍ମୁଖୀନ ହେବାକୁ ଯାଉଛନ୍ତି। ତାଙ୍କର ଦୋଷ ହେଲା ସେ ଏକ ଆତ୍ମଜୀବନୀ ଲେଖିଛନ୍ତି। ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ମୁଖ୍ୟ ଶାସନ ସଚିବ ଟମ୍ ଜୋସ୍‌ଙ୍କ ନିର୍ଦ୍ଦେଶରେ ଟମାସଙ୍କ ବିରୋଧରେ ଏକ ଆପରାଧିକ ମାମଲା ରୁଜୁ କରିଛି। ପର୍ଯ୍ୟବେକ୍ଷକମାନଙ୍କ ମତରେ ଜୋସ୍‌ଙ୍କ ସମ୍ପର୍କରେ ନଗ୍ନ ସତ୍ୟ ଲେଖିଥିବାରୁ ଏବଂ କିଛି ଉଚ୍ଚ ପଦାଧିକାରୀଙ୍କ ବିରୋଧରେ ମଧ୍ୟ ନିଜ ଆତ୍ମଜୀବନୀରେ ଲେଖିଥିବାରୁ ସରକାର ଟମାସଙ୍କ ଉପରେ ଖପା ହୋଇଛନ୍ତି। ସେ ଉକ୍ତ ପୁସ୍ତକ ପ୍ରକାଶ କରିବା ପୂର୍ବରୁ ଉପରିସ୍ଥ ଅଧିକାରୀଙ୍କଠାରୁ ପ୍ରାକ୍-ଅନୁମତି ନେଇନାହାନ୍ତି। ଯାହା ଜଣାଯାଏ ୧୯୮୫-ବ୍ୟାଚ୍ ଆଇପିଏସ୍ ଅଫିସର ଜଣକ ଅନେକ ରାଜନେତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇନାହାନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଉମେନ୍ ଚାଣ୍ଡି ଏବଂ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ, ଯେଉଁମାନଙ୍କ ବିରୋଧରେ କିଛି ବିବାଦୀୟ ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଥିଲା। ଏତଲା ଅନୁସାରେ ଟମାସ ତାଙ୍କ ପୁସ୍ତକରେ ପୋଲିସ୍-ଫୋର୍ସେସ୍ (ରେଷ୍ଟ୍ରିକ୍ସନ ଅଫ୍ ରାଇଟ୍‌ସ) ଆକ୍ଟ, ୧୯୬୬ର ଉଲ୍ଲଂଘନ କରି କିଛି ଦାପ୍ତରିକ ଗୋପନ କଥା ପ୍ରକାଶ କରିଦେଇଛନ୍ତି। ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଟମାସ୍‌ଙ୍କୁ ଜରିମାନା ସହ ଦୁଇବର୍ଷର ଜେଲଦଣ୍ଡ ମଧ୍ୟ ମିଳିପାରେ। ଏହିସବୁ ଅଭିଯୋଗ ଭିତ୍ତିରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଡିଜିପିଙ୍କୁ ଚାକିରିରୁ ବହିଷ୍କୃତ ହେବାକୁ ପଡ଼ିପାରେ।

### ଜମ୍ମୁ-କଶ୍ମୀରରେ ନିୟମ କୋହଳ ହେବ

ଯୋଗ୍ୟ ଅଫିସରଙ୍କ ଅଭାବରୁ ଜମ୍ମୁ-କଶ୍ମୀର ପ୍ରଶାସନ ବିଭିନ୍ନ ବିଭାଗର ପ୍ରଶାସନିକ ସଚିବ ପଦ ପୂରଣ କରିବା ଲାଗି ସମସ୍ୟାର ସମ୍ମୁଖୀନ ହେଉଛି। ଅସ୍ଥାୟୀ ସଚିବ ପ୍ରଥା କିଛି କାମ ଦେଉନାହିଁ। ବାସ୍ତବରେ ଆଗାମୀ ମାସଗୁଡ଼ିକରେ ଅନେକ ଆଇଏଏସ୍ ଅଫିସର ଅବସର ନେବାକୁ ଯାଉଥିବାରୁ ଏହି ସମସ୍ୟା ଆହୁରି ଉତ୍କଟ ହେବାର ସମ୍ଭାବନା ରହିଛି। ଏଣୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଓ କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କରି ନିଯୁକ୍ତି ନିୟମକୁ କୋହଳ କରି ଉଚ୍ଚସ୍ତରୀୟ ନିଯୁକ୍ତିରେ ଅସ୍ଥାୟୀ ବ୍ୟବସ୍ଥାର ଅନ୍ତ ଘଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏହି ନିଷ୍ପତ୍ତି ଅନୁସାରେ ୧୩ ବର୍ଷରୁ କମ୍ ଚାକିରି କରିଥିବା ଅଫିସରଙ୍କୁ ଏବଂ ଜମ୍ମୁ-କଶ୍ମୀର ପ୍ରଶାସନିକ ସେବା (କେଏଏସ୍)ର ଯେଉଁ ଅଫିସର ସୁପର ଟାଇମ୍ ସ୍କେଲ୍ ପାଉଥିବେ ସେମାନଙ୍କୁ ସଚିବସ୍ତରୀୟ ନିଯୁକ୍ତି ଲାଗି ଚୟନ କରାଯିବ। ପ୍ରାପ୍ତ ସୂଚନା ଅନୁସାରେ, ରାଜ୍ୟ ମୁଖ୍ୟ ଶାସନ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମ୍ ଏ ସମ୍ପର୍କରେ ରାଜ୍ୟପାଳ ସତ୍ୟପାଳ ମଲିକ ଏବଂ ସମସ୍ତ ଚାରିଜଣ ଉପଦେଷ୍ଟା କେ. ବିଜୟ କୁମାର, ଖୁର୍ଶିଦ ଅହମଦ ଗନାଇ, କେ. ସ୍କନ୍ଦନ୍ ଓ କେ.କେ. ଶର୍ମାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯଦିଚ ଅସ୍ଥାୟୀ ବ୍ୟବସ୍ଥାରେ ଅନେକ ବିଭାଗ ଚାଲୁଛି, ଯେଉଁ ଅଫିସରମାନଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ସେମାନେ ଉଭୟ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବାକୁ ସମର୍ଥ ହେଉନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକର କାମ ନ ହୋଇ ପଡ଼ିରହୁଛି। କେତେକ ବିଭାଗର ଗୁରୁତ୍ୱ ଦୃଷ୍ଟିରୁ ସେଗୁଡ଼ିକର ପ୍ରଶାସନିକ ସଚିବ ପଦବୀ ଦୀର୍ଘକାଳ ଖାଲି ରହିବା ଉଚିତ ନୁହେଁ ବୋଲି ସେ ରାଜ୍ୟପାଳ ଓ ଉପଦେଷ୍ଟାମାନଙ୍କୁ ଜଣାଇଛନ୍ତି। ଉକ୍ତ କୋହଳ ନୀତି କାର୍ଯ୍ୟକାରୀ ହେଲେ ପରିସ୍ଥିତିରେ ସ୍ୱାଭାବିକତା ଆସିବ ଓ ରାଜ୍ୟ ପ୍ରଶାସନ ଠିକ୍‌ଭାବେ ଚାଲିପାରିବ ବୋଲି କୁହାଯାଉଛି।

Email: dilipcherian@gmail.com

### ଚିରନ୍ତନୀ

ଦୁନିଆ ବୁକୁରେ ଜାଳିଦେଇ ହୁତାଶନ
ସେହି ସେ ଆଘାତ ବାଜିଉଠେ ଘନ ଘନ
ସେହି ସେ ଆଘାତ ବାଜଇ ଜନନୀ ବୁକେ
ଚାହିଁ ଅନାହାର- ପୀଡିତ ତନୟ ମୁଖେ।
(ତୁମେଟି ଚାଲିବା ଢାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ-ଡୋ-କୁ

[illegible]

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

# ପ୍ରାକୃତିକ ବିପର୍ଯ୍ୟୟ ଓ ଆଧୁନିକ ପ୍ରଯୁକ୍ତି



ଇଂ. ମାୟାଧର ସ୍ୱାଇଁ

ଭାରତର ପୂର୍ବ ଉପକୂଳ ଏବଂ ବିଶେଷକରି ଆମ ରାଜ୍ୟ ଓଡ଼ିଶା ଅନେକଥର ବାତ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଆମେ ଯଦି ନିକଟ ଅତୀତର ବାତ୍ୟାଗୁଡ଼ିକୁ ଦେଖିବା, ୧୯୯୯ର ମହାବାତ୍ୟା, ୨୦୧୩ର ଫାଇଲିନ୍, ୨୦୧୪ର ହୁଦ୍‌ହୁଦ୍, ୨୦୧୮ର ତିତ୍‌ଲି ଏବଂ ଏହି ବର୍ଷର ଫନୀ ଓଡ଼ିଶାର ଅନେକ କ୍ଷତି କରିଛି। ବାତ୍ୟା ହେଉଛି ଗୋଟିଏ ପ୍ରାକୃତିକ ଘଟଣା। ଅତ୍ୟାଧୁନିକ ଜ୍ଞାନକୌଶଳ ସତ୍ତ୍ୱେ ଏହାକୁ ଅଟକାଇବା ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ। କିନ୍ତୁ ଏହାର ଆଗମନର ଠିକ୍ ସୂଚନା ମିଳିଗଲେ, ସେଥିପାଇଁ ଉପଯୁକ୍ତ ପ୍ରତିକାର କରାଯାଇପାରିବ। ବାତ୍ୟାର ଦୁଇ ବିପର୍ଯ୍ୟୟକାରୀ ଘଟଣା ହେଉଛି ପ୍ରବଳ ବେଗରେ ପବନ ବହିବା ଓ ସମୁଦ୍ର ଜୁଆରର କୂଳଲଙ୍ଘନ। ପବନ ବଡ଼ବଡ଼ ଗଛ, ବିଦ୍ୟୁତ୍ ଓ ଟେଲିଫୋନ ଖୁଣ୍ଟ, କଚ୍ଚାଘର ଆଦିକୁ ଭାଙ୍ଗି ଦେଇଥାଏ ଏବଂ ସମୁଦ୍ର ଜୁଆର ଅଧିକ ଉଚ୍ଚରେ ଆସିଲେ ଉପକୂଳ ଅଞ୍ଚଳକୁ ଜଳମଗ୍ନ କରିବା ସହିତ ପ୍ରତ୍ୟାବର୍ତ୍ତନ ବେଳେ ଲୋକ, ଗୋରୁ ଓ ଜିନିଷପତ୍ର ଆଦିକୁ ସାଥିରେ ସମୁଦ୍ରକୁ ଟାଣିନିଏ। ବାତ୍ୟା ସମୟରେ ଜୋର୍ ବର୍ଷା ମଧ୍ୟ ହୋଇଥାଏ, ଯାହା ସମୁଦ୍ରକୂଳଠାରୁ ଦୂରରେ ଥିବା ଲୋକଙ୍କର ମଧ୍ୟ କ୍ଷତି ପହଞ୍ଚାଇଥାଏ। ଓଡ଼ିଶାରେ ଅଧିକାଂଶ ବାତ୍ୟା ଜୁଲାଇ ଓ ଅକ୍ଟୋବରରେ ହେଉଥିବାରୁ ବନ୍ୟାର ଆଶଙ୍କା ଥାଏ।

ବାତ୍ୟା ସମୁଦ୍ର ଆଡ଼ୁ ଆସି ଯେଉଁ ସ୍ଥାନରେ ସ୍ଥଳଭାଗକୁ ଛୁଇଁଥାଏ, ସେଠାରେ ପବନର ବେଗ ସର୍ବାଧିକ ହୋଇଥାଏ ଏବଂ ତା'ପରେ ସ୍ଥଳଭାଗରେ ଗତି କରିବା ଭିତରେ ପବନର ବେଗ ସାଙ୍ଗକୁ କ୍ଷୟକ୍ଷତିର ପରିମାଣ କ୍ରମଶଃ କମିଯାଏ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଦ୍ୱାରା ବର୍ତ୍ତମାନ ବାତ୍ୟାର ଆଗମନ ଅତିକମ୍‌ରେ ଦୁଇସପ୍ତାହ ପୂର୍ବରୁ ଜଣାପଡୁଛି। ବାତ୍ୟା କେଉଁ ସ୍ଥାନରେ ଓ କେଉଁ ସମୟରେ ସ୍ଥଳଭାଗ ଛୁଇଁବ, ପବନର ବେଗ କେତେ ହେବ ଏବଂ ଜୁଆର ଉଚ୍ଚତା କେତେ ହେବ, ସେସବୁର ଠିକ୍ ତଥ୍ୟ ବହୁ ପୂର୍ବରୁ ମିଳିଯାଉଥିବାରୁ ପ୍ରଶାସନ ସମ୍ଭାବ୍ୟ ବାତ୍ୟା-ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳକୁ ନେଇପାରୁଛି, ଯାହାଫଳରେ ମୃତାହତଙ୍କ ସଂଖ୍ୟା କମିଯାଉଛି। ୧୯୯୯ର ମହାବାତ୍ୟା ସ୍ଥଳଭାଗ ଛୁଇଁବାର ସମ୍ଭାବ୍ୟ ସ୍ଥାନ ଓ ସମୟ ମାତ୍ର ଦିନକ ପୂର୍ବରୁ ଜଣାପଡିଲା। ଫଳରେ ଲୋକଙ୍କୁ ସ୍ଥାନାନ୍ତର ଓ ଏପରିକି ସତର୍କ କରାଯାଇ ନ ପାରିବାରୁ ୧୦ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କଲେ। କିନ୍ତୁ ତାହା ପରର ଫାଇଲିନ୍, ହୁଦ୍‌ହୁଦ୍ ଓ ତିତ୍‌ଲିରେ ପ୍ରାୟ କେହି ମୃତ୍ୟୁବରଣ କରି ନ ଥିଲେ। ଏହି ବର୍ଷର ଫନୀରେ ୫୦ରୁ ଅଧିକ ବ୍ୟକ୍ତି ମରିଥିବା ଜଣାପଡିଛି। ପ୍ରଶାସନ 'ଶୂନ ମୃତ୍ୟୁ' ଆଧାରରେ କାର୍ଯ୍ୟ କରିଥିଲେ ସୁଦ୍ଧା ବାତ୍ୟାର ଅତ୍ୟଧିକ ପ୍ରକୋପ ଓ କେତେକ ସ୍ଥଳରେ ଲୋକଙ୍କର ଖାମଖିଆଲି ମନୋବୃତ୍ତି ଯୋଗୁ ମୃତ୍ୟୁସଂଖ୍ୟା ବଢିଛି। ବାତ୍ୟାର ଆଗୁଆ ସୂଚନା ମିଳିବା ଦ୍ୱାରା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ରିଲିଫ ସାମଗ୍ରୀ ଯୋଗାଡ଼, ଉଦ୍ଧାରକାରୀ ଦଳର ପ୍ରସ୍ତୁତି ଆଦି ସମ୍ଭବ ହେଉଛି। ଫନୀ ଆସିବା ପୂର୍ବରୁ ଅଗ୍ନିଶମ ବିଭାଗ, ପୋଲିସ, ଓଡ୍ରାଫ, ଏନ୍‌ଡିଆରଏଫ୍ ଆଦି ଯନ୍ତ୍ରପାତି ନେଇ ପ୍ରସ୍ତୁତ ହୋଇ ରହିଥିଲେ।

ବାତ୍ୟାର ଯଥାର୍ଥ ଆଗୁଆ ସୂଚନା ଆଧୁନିକ ପ୍ରଯୁକ୍ତିବିଦ୍ୟାର ଦୁଇଟି ବିକାଶ ଯୋଗୁ ସମ୍ଭବ ହୋଇଛି। ବାସ୍ତବରେ ପାଣିପାଗର ପୂର୍ବାନୁମାନ ପାଇଁ ଦେଶ ମଧ୍ୟରେ ଓ ବିଦେଶରେ ଥିବା ଅନେକ ପାଣିପାଗ କେନ୍ଦ୍ରରୁ ଅଜସ୍ର ତଥ୍ୟ ନେଇ ସେଗୁଡିକୁ ଅବିଳମ୍ବେ ବିଶ୍ଳେଷଣ କରିବାକୁ ପଡିଥାଏ। ଏହି କାର୍ଯ୍ୟ କେବଳ ସୁପର କମ୍ପ୍ୟୁଟର କରି ପାରିଥାଏ, ଯାହା ବର୍ତ୍ତମାନ ପାଣିପାଗ ବିଭାଗ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ବାତ୍ୟା ପୂର୍ବାନୁମାନ ପାଇଁ ଅନ୍ୟ ଏକ ସାହାଯ୍ୟକାରୀ ପ୍ରଯୁକ୍ତିବିଦ୍ୟା ହେଉଛି କୃତ୍ରିମ ଉପଗ୍ରହରୁ ତଥ୍ୟ ଗ୍ରହଣ। କୃତ୍ରିମ ଉପଗ୍ରହର ଉନ୍ନତମାନର କ୍ୟାମେରା ସାହାଯ୍ୟରେ ବାତ୍ୟାର ସୃଷ୍ଟି ଓ ଅଗ୍ରଗତିକୁ ସ୍ପଷ୍ଟ ଭାବେ ଜାଣିହେଉଛି।

ବାତ୍ୟା ହେଉଛି ଗୋଟିଏ ଦିନର ଘଟଣା- ଏହା ଗୋଟିଏ ସ୍ଥାନରେ ତିନିଚାରି ଘଣ୍ଟାରୁ ଅଧିକ ସମୟ ରହି ନ ଥାଏ। କିନ୍ତୁ ଅତିକ୍ରମ କରିବାର ଅନେକ ଦିନ ପର୍ଯ୍ୟନ୍ତ ଏହାର ପ୍ରଭାବ ଅନୁଭୂତ ହୋଇଥାଏ। ଏହାଦ୍ୱାରା ବଡ଼ ବଡ଼ ଗଛ ଉପୁଡି ରାସ୍ତାରେ ପଡି ଗମନାଗମନରେ ଅସୁବିଧା କରିଥାଏ ଏବଂ ବିଦ୍ୟୁତ୍ ସରବରାହ ଓ ଟେଲିଫୋନ ସେବା ବନ୍ଦ ହୋଇଯାଏ। ଏପରି ହୁଏ ଯେ ବାତ୍ୟା ଦିନ ଅପେକ୍ଷା ତା'ପର ଦିନଗୁଡ଼ିକ ଅଧିକ ବେଦନାଦାୟକ ହୋଇଥାଏ।

ଦିନ ଥିଲା, 'ରୋଟି, କପଡା, ମକାନ୍' ମନୁଷ୍ୟର ମୌଳିକ ଆବଶ୍ୟକତା ଥିଲା। କିନ୍ତୁ ଆମେ ବର୍ତ୍ତମାନ ସେହି ସ୍ତର ପାର କରିଯାଇଛେ ଏବଂ ଆଧୁନିକ ଜୀବନର ମୌଳିକ ଆବଶ୍ୟକତା ହେଉଛି ବିଦ୍ୟୁତ୍ ଓ ମୋବାଇଲ ଫୋନ୍। ସହରାଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହେବା ପରେ ଜଳଯୋଗାଣ ବନ୍ଦ ହୋଇଯାଏ। ଅଧିକାଂଶ କୋଠାରେ ନିଜ ନିଜର ବୋର୍‌ୱେଲ୍ ଅଛି ଯେଉଁଠି ବିଦ୍ୟୁତ୍ ବିନା ଜଳ ବାହାରିପାରିବ ନାହିଁ। ସହରାଞ୍ଚଳରେ ପୂର୍ବରୁ ଥିବା ଅଧିକାଂଶ ପୁଷ୍କରିଣୀ ପୋତି ଦିଆଗଲାଣି ଏବଂ ଯେଉଁ କେତେକ ରହିଯାଇଛି ତାହା ବ୍ୟବହାର ଉପଯୋଗୀ ହୋଇ ରହି ନାହିଁ। ଗତ ବାତ୍ୟାରେ ଲୋକଙ୍କୁ ଜଳକଷ୍ଟ ଅଧିକ ବାଧିଥିଲା। ବିଦ୍ୟୁତ୍ ନ ଥିଲେ ଏଟିଏମ୍, ବ୍ୟାଙ୍କ୍ ଏବଂ ଏପରିକି ଅନେକ ଅଫିସ୍ କାର୍ଯ୍ୟ କରିପାରେ ନାହିଁ। ଆଜିକାଲି ଅଧିକାଂଶ କାର୍ଯ୍ୟ ଇଣ୍ଟର୍‌ନେଟ ସାହାଯ୍ୟରେ ଅନ୍‌ଲାଇନ୍‌ରେ ହେଉଥିବାରୁ ଏହି ଅସୁବିଧା ହେଉଛି। ଫନୀ ଯୋଗୁ ଭୁବନେଶ୍ୱରରେ ୧୦ ଦିନ ପର୍ଯ୍ୟନ୍ତ ଜଳ ଓ ବିଦ୍ୟୁତ୍ ମିଳିଲା ନାହିଁ। ଦୁର୍ଯୋଗକୁ ଏହା ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘଟିଥିବାରୁ ଅସହ୍ୟ ଗରମରେ ଲୋକେ ଶୋଇପାରିଲେ ନାହିଁ। ବିଶେଷକରି ଶିଶୁ ଓ ବୃଦ୍ଧାବୃଦ୍ଧମାନେ ଅକଥ୍ୟ ଯନ୍ତ୍ରଣା ଭୋଗ କଲେ। ଡାକ୍ତରଖାନାରେ ମଧ୍ୟ ବିଦ୍ୟୁତ୍ ଅଭାବରୁ ରୋଗୀମାନଙ୍କର ପରୀକ୍ଷା ଓ ଚିକିତ୍ସା ସୁଚାରୁରୂପେ ହୋଇପାରିଲା ନାହିଁ।

ଏହିସବୁ ଅସୁବିଧାର ମୂଳରେ ରହିଛି ବିଦ୍ୟୁତ୍। ଏଣୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ହେବା ଉଚିତ। ବଡ଼ ବଡ଼ ସହରରେ ଭୂମିତଳ କେବୁଲ୍ ସାହାଯ୍ୟରେ ବିଦ୍ୟୁତ୍ ଯୋଗାଣ କରାଯାଉଛି। କିନ୍ତୁ ସ୍ମାର୍ଟ ସହର ଭୁବନେଶ୍ୱରରେ ଏହି ବ୍ୟବସ୍ଥା ନାହିଁ। ବାତ୍ୟା ବେଳେ କେବଳ ଏହା ମନେ ପଡୁଛି। ଏହା ବ୍ୟତୀତ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଯେପରିଭାବେ ମାଟିରେ ପୋତାଯିବା କଥା ସେପରି କରାଯାଉନାହିଁ। ପୁନଶ୍ଚ ଦୁଇ ସପ୍ତାହ ପୂର୍ବରୁ ବାତ୍ୟାର ସୂଚନା ମିଳିଥିଲେ ସୁଦ୍ଧା ବିଦ୍ୟୁତ୍ ଯୋଗାଣ କର୍ତ୍ତୃପକ୍ଷ ଯଥାଯଥ ଆଗୁଆ ପ୍ରସ୍ତୁତି କରିଥିବା ମନେ ହେଉନାହିଁ। ସେମାନଙ୍କ ପାଖରେ ଯଥେଷ୍ଟ ପରିମାଣର ବିଦ୍ୟୁତ୍ ସରଞ୍ଜାମ ନାହିଁ। ସବୁଠାରୁ ଅଧିକ ଆବଶ୍ୟକତା ହେଉଛି କୁଶଳୀ ଶ୍ରମିକ ଓ ଇଲେକ୍ଟ୍ରିସିଆନ୍‌ଙ୍କର। ବାତ୍ୟା ପରେ ସେମାନଙ୍କୁ ବାହାର ରାଜ୍ୟରୁ ଆଣିବାର ବ୍ୟବସ୍ଥା ହେଉଛି। ପୂର୍ବରୁ କାହିଁକି ନୁହେଁ? ଅତ୍ୟାବଶ୍ୟକ ସେବା ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ସଂଖ୍ୟକ ଡିଜେଲ୍ ଜେନେରେଟର ରହିବା ଉଚିତ।

ବାତ୍ୟା ଅନ୍ୟ ଏକ ଅତ୍ୟାବଶ୍ୟକ ସେବା ଟେଲିଫୋନକୁ ବିପର୍ଯ୍ୟସ୍ତ କରିଦିଏ। ଟେଲିଫୋନ ଖୁଣ୍ଟଗୁଡିକ ଉପୁଡିଯାଏ। କିନ୍ତୁ ମୋବାଇଲ ଫୋନ୍ ଓ ଇଣ୍ଟରନେଟ୍ ମଧ୍ୟ କାର୍ଯ୍ୟ କରୁନାହିଁ। ଆଜିକାଲି ଯେକୌଣସି ଅନୁଷ୍ଠାନର ନାମ ଲେଖା କିମ୍ବା ଚାକିରି ପାଇଁ ପରୀକ୍ଷା ସବୁ ଅନ୍‌ଲାଇନ୍‌ରେ ହେଉଛି। ଓଡ଼ିଶାର କେତୋଟି ଜିଲାରେ ବାତ୍ୟା ଯୋଗୁ ଇଣ୍ଟର୍‌ନେଟ ସୁବିଧା ନ ମିଳିଲେ ମଧ୍ୟ ସର୍ବଭାରତୀୟ ଅନୁଷ୍ଠାନଗୁଡିକ ଏହି ପରୀକ୍ଷାଗୁଡିକୁ ବନ୍ଦ କରି ନ ଥାଆନ୍ତି। ଏଣୁ ବାତ୍ୟା ପରେ ପରେ ମୋବାଇଲ ଓ ଇଣ୍ଟର୍‌ନେଟ ସେବା ତୁରନ୍ତ ଯୋଗାଇବା ଆବଶ୍ୟକ। ଏହା ମଧ୍ୟ ବାତ୍ୟା-ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ନିହାତି ଆବଶ୍ୟକ। ହାମ୍ ରେଡିଓ ହେଉଛି ଏଥିପାଇଁ ଗୋଟିଏ ଉତ୍ତମ ବିକଳ୍ପ ବ୍ୟବସ୍ଥା।

ଏହି ବର୍ଷର ବାତ୍ୟାରୁ ଶିକ୍ଷା ନେଇ ବିଭିନ୍ନ ସଂସ୍ଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଭବିଷ୍ୟତରେ ବାତ୍ୟା ପ୍ରତି ସତର୍କ ଓ ପ୍ରସ୍ତୁତ ହେବା ଆବଶ୍ୟକ।

୭୦ ଲକ୍ଷ୍ମୀ ବିହାର, ଫେଜ୍-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

# ଭଲ ମଣିଷ ସନ୍ଧାନରେ



ଲଲାଟ କେଶରୀ ନାୟକ

ଆଚାର୍ଯ୍ୟ ଚାଣକ୍ୟ ଏକାଧାରରେ ଜଣେ ନୈଷ୍ଠିକ ବ୍ରାହ୍ମଣ, ଶିକ୍ଷକ, ଦାର୍ଶନିକ, ଅର୍ଥନୀତିଜ୍ଞ ଏବଂ ଜଣେ ଭଲ ଉପଦେଷ୍ଟା ଥିଲେ। ଆର୍ଯ୍ୟ ସଭ୍ୟତା ଓ ସଂସ୍କୃତିର ପୁନରୁଦ୍ଧାର ଏବଂ ମାତୃଭୂମିର ସୁରକ୍ଷା ନିମିତ୍ତ ପ୍ରୟାସ ବା ତାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଭାରତୀୟ ଦର୍ଶନତତ୍ତ୍ୱ, ସଂସ୍କୃତି, ପରମ୍ପରା, ସାମାଜିକ ଚଳଣି, ରାଜନୀତି, ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ସମ୍ପର୍କ ଉପରେ ଗବେଷଣାରତ ଜଣେ ଦାର୍ଶନିକ ବାହାରିଲେ ଭଲ ମଣିଷର ସନ୍ଧାନରେ।

ପ୍ରଥମେ ଏକ ମନ୍ଦିର ମଧ୍ୟକୁ ପ୍ରବେଶ କଲେ ଦାର୍ଶନିକ ମହାଶୟ। ଆଜି ମନ୍ଦିର ଭିତରେ ଭିଡ଼ କାହିଁକି। ଆଜି ବୋଧହୁଏ ସୋମବାର। ଏଠିକି ଆସିଥିବା ମଣିଷ ନିଶ୍ଚିତ ଭଲ ମଣିଷ ହୋଇଥିବେ। କାରଣ ଆଧ୍ୟାତ୍ମିକତା ହିଁ ମଣିଷର ମାନସିକତାକୁ ଶୃଙ୍ଖଳିତ ଓ ମାର୍ଜିତ କରେ। ଦୁଇ ଭଦ୍ର ମହିଳା କଥା ହେଉଥିବାର ଦେଖିଲେ, ତାଙ୍କ ବେଶ ପୋଷାକରୁ ଜଣାଯାଏ ଦୁଇଜଣ ସମ୍ଭ୍ରାନ୍ତ ଘରର ବୋହୂ। ଜଣେ ମହିଳା ଅନ୍ୟ ଜଣଙ୍କୁ କହୁଥାଏ ଦିଅଁଙ୍କ ପାଖରେ ଭୋଗ ସରିଗଲାଣି। ହେଲେ ଆଉ ଟିକେ ପରେ ଆମେ ଯିବା। ଏବେ ଫେରିଲେ ମୋ ଶ୍ୱଶୁର ବୁଢ଼ା ପାଇଁ ଟିଫିନ ବ୍ୟବସ୍ଥା କରିବାକୁ ପଡ଼ିବ। ସେ କେଉଁଠିକି ଯିବେ ବୋଲି ବାହାରିଥିଲେ। ୟାଙ୍କୁ (ସ୍ୱାମୀ) କହି ଦେଇଛି- ମୁଁ ମନ୍ଦିର ଯାଉଛି, ତୁମେ ଆଜି ବାହାରେ ଟିଫିନ କରିନେବ। ବୁଢ଼ାଟା ବାହାରିଗଲା ପରେ ମୁଁ ଫେରିବି। କଷ୍ଟରୁ ଟିକେ ତ୍ରାହି ମିଳିଯିବ। ଏହା ଶୁଣି ଦ୍ୱିତୀୟ ମହିଳା ଜଣକ କହିଲେ- ମୁଁ ବି ୟାଙ୍କୁ (ସ୍ୱାମୀ) କହିଦେଇଛି- ମୋର ମନ୍ଦିରରୁ ଫେରିଲା ବେଳକୁ ଡେରି ହେବ, ତୁମେ ଆଜି ଅଫିସ କ୍ୟାଣ୍ଟିନରେ ଖାଇଦେବ, ମୁଁ ରୋଷେଇ କରିପାରିବିନି। ଧର୍ମର ଦ୍ୱାହିଦେଇ ନିଜ କର୍ମକୁ ଅଣଦେଖା କରିବା ଏବଂ ଗୁରୁଜନମାନଙ୍କ ପ୍ରତି ଏଭଳି ବ୍ୟବହାର! ନା ନା ଏଠି ଭଲ ମଣିଷ ମିଳିବେ ନାହିଁ।

ଆହୁରି ଆଗକୁ ଚାଲିଲେ ଦାର୍ଶନିକ ଭଲ ମଣିଷ ସନ୍ଧାନ ପାଇଁ। ଦେଖିଲେ କିଛି ଲୋକ ଖବରକାଗଜଟିଏ ପଢ଼ିବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି। ସେଥିରେ ଜଣେ ବାବା ଗିରଫ ସମ୍ପର୍କରେ ତାଜା ଖବର ପ୍ରକାଶ ପାଇଛି। ଚମକିପଡ଼ିଲେ ଦାର୍ଶନିକ। ଦୁଇଦିନ ତଳେ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ତାଙ୍କର ଏକ ସତ୍‌ସଙ୍ଗ ପ୍ରଚାରିତ ହେଉଥିଲା। ବାବା କହୁଥିଲେ, ଈଶ୍ୱରଙ୍କୁ ପାଇବା ପାଇଁ ହେଲେ ନିଷ୍ଠା, ଏକାଗ୍ରତା ଏବଂ ସମର୍ପଣଭାବ ଦରକାର। ଏବେ ଏକ ନାବାଳିକାକୁ ବଳାତ୍କାର ଅଭିଯୋଗରେ ବାବା ଗିରଫ ହୋଇଛନ୍ତି। ଛି ଛି ଆଧ୍ୟାତ୍ମିକତା ଭିତରେ ଏତେ ଭଣ୍ଡାମି ଭରି ରହିଛି!

ଆହୁରି ଆଗକୁ ଚାଲିଲେ ଦାର୍ଶନିକ। ଆଗରେ ଏକ ବିରାଟ ସଭାର ଆୟୋଜନ। ମଞ୍ଚାସୀନ ରାଜନେତା ଭାଷଣ ଦେଉଛନ୍ତି- ମୋ ନିର୍ବାଚନମଣ୍ଡଳୀରେ ଗରିବୀ ରହିବ ନାହିଁ। ମୁଁ ଆପଣମାନଙ୍କ ସେବା କରିବାକୁ ରାଜନୀତିରେ ଯୋଗ ଦେଇଛି। ଏମିତି ଅନେକ କଥା। ନେତା ମଞ୍ଚରୁ ଓହ୍ଲାଇଲେ। ହଠାତ୍ ଜଣେ ଛିନ୍ନବସ୍ତ୍ର ଗରିବ ଲୋକ ଯାଇ ନେତାଙ୍କ ପାଦକୁ ଜାବୁଡି ଧରି କହିଲେ, ଆଜ୍ଞା ଗତକାଲି ମୋ ଝିଅକୁ କେତେଜଣ ଦୁର୍ବୃତ୍ତ ଉଠେଇ ନେଇଛନ୍ତି। ହେଲେ ପୋଲିସ କିଛି କରୁନାହିଁ। ମନ୍ତ୍ରୀ ତତ୍କ୍ଷଣାତ୍ ପୋଲିସକୁ ଫୋନ୍ କରିବା ପାଇଁ ବାହାରିବା ବେଳେ ଜଣେ କୁଜିନେତା ମନ୍ତ୍ରୀଙ୍କ କାନରେ କ'ଣ କହିଦେଲେ। ତା'ପରେ ଗରିବ ଲୋକଟିକୁ ମନ୍ତ୍ରୀ କହିଲେ- ତୁମେ ଯାଅ, ମୁଁ ଭୁବନେଶ୍ୱରରେ ପହଞ୍ଚିଲେ ବିଚାର କରିବି। ବିଚରା ଗରିବ ଲୋକଟିକୁ ସେଠାରୁ ତଡ଼ି ଦିଆଗଲା। ପରେ ପରେ ମନ୍ତ୍ରୀ କୁଜିନେତାଙ୍କୁ କହିଲେ- ତାଙ୍କୁ ଜଣେଇଦିଅ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପୂର୍ବରୁ ସେ ଝିଅକୁ ଫେରେଇଦେବେ। ନଚେତ୍ ଆମ ଦଳର ବଦ୍‌ନାମ ହେବ। ହଠାତ୍ ଦାର୍ଶନିକ ସ୍ତବ୍ଧ ହୋଇଗଲେ।

ସେଠୁ ଯାଇ ପହଞ୍ଚିଲେ ଏକ ବିଦ୍ୟାଳୟରେ। ଶିକ୍ଷାନୁଷ୍ଠାନ ଏକ ମଣିଷ ତିଆରି କାରଖାନା। କିନ୍ତୁ ଦେଖିଲେ ବିଦ୍ୟାଳୟ ପରିସରରେ ଅଭିଭାବକମାନଙ୍କ ଭିଡ଼। କିଛି ବୁଝିବା ପୂର୍ବରୁ ଜଣେ ଅଭିଭାବକ କହିଲେ- ତୁମେ ଶିକ୍ଷକ ହୋଇ ମଦ ଖାଇ ସ୍କୁଲକୁ ଆସିବ ଏବଂ ପିଲାଙ୍କୁ ଅଶ୍ଳୀଳ ବ୍ୟବହାର କରିବ- ଆଜି ଆମେ ସ୍କୁଲରେ ତାଲା ପକାଇବୁ। ଦାର୍ଶନିକ ଆଉ ଭଲ ମଣିଷ ସନ୍ଧାନ ପାଇଁ ବେଶି ସମୟ ବିଦ୍ୟାଳୟ ପରିସରରେ ଅପେକ୍ଷା କଲେ ନାହିଁ।

ତା' ପରେ ଯାଇ ପହଞ୍ଚିଲେ ଏକ ଚିକିତ୍ସାଳୟ ପରିସରରେ। ଡାକ୍ତରବାବୁ ତାଙ୍କ ବ୍ୟକ୍ତିଗତ କ୍ୱାର୍ଟର୍ସରେ ରୋଗୀ ଦେଖୁଥାନ୍ତି। ଦାର୍ଶନିକ ଭାବିଲେ ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ। ଚିକିତ୍ସାଳୟ ପରେ ଘରେ ବି ରୋଗୀସେବା କରୁଛନ୍ତି। ରୋଗୀମାନଙ୍କୁ ଜଣକ ପରେ ଜଣେ ଚିକିତ୍ସା କରୁଥାନ୍ତି। ଗୋଟିଏ ଗରିବ ଲୋକ ବହୁତ କାକୁତିମିନତି ହେଉଥାଏ- ଆଜ୍ଞା ମୁଁ ଗରିବ ଲୋକ, ମୋ ପାଖରେ ପଇସା ନାହିଁ। ଏବେ ତ ସରକାରୀ ଚିକିତ୍ସାଳୟ ବନ୍ଦ ଅଛି। ମୋ ପୁଅକୁ ଭୀଷଣ ଜର, ଟିକେ ଦେଖି ଦିଅନ୍ତୁ। ଡାକ୍ତରବାବୁ ରୋକ୍‌ଠୋକ୍ ମନା କରିଦେଲେ। କହିଲେ- କାଲି ସରକାରୀ ଡାକ୍ତରଙ୍କୁ ଦେଖେଇବ। ମାନବିକତା ଏବଂ ସମ୍ବେଦନଶୀଳତା ଯେମିତି ଡାକ୍ତରବାବୁଙ୍କ ପାଖରେ ହାର ମାନିଛି। ଫେରି ଆସିଲେ ଦାର୍ଶନିକ ସେ ସ୍ଥାନରୁ। ସତରେ ଭଲ ମଣିଷ କ'ଣ ଆଉ ମିଳିବେନି। ପୋଲିସ ହେଉଛନ୍ତି ସମାଜର ରକ୍ଷାକବଚ। ସମାଜ ସହିତ ବନ୍ଧୁତାପୂର୍ଣ୍ଣ ବାତାବରଣ ବଜାୟ ରଖି ଶୃଙ୍ଖଳିତ ସମାଜ ଗଠନ କରିବା ପୋଲିସବାବୁଙ୍କ ଧର୍ମ। ଏଠି ନିଶ୍ଚିତ ଭାବରେ ଭଲ ମଣିଷ ମିଳିପାରିବେ। କିନ୍ତୁ ଦେଖିଲେ ପୋଲିସ ବାବୁ ଏତଲା ରଖିବାକୁ ଲାଞ୍ଚ ନେଉଛନ୍ତି।

ଦାର୍ଶନିକ ଜଣକ ଫେରିଆସିଲେ ସେଠାରୁ। ମନ୍ଦିର ସମ୍ମୁଖରେ ଏକ ପୂଜା ଦୋକାନରେ ବସି ପଡ଼ିଲେ। ତତ୍କ୍ଷଣାତ୍ ତାଙ୍କ ପୁଅ ଆସି ପହଞ୍ଚିଲେ। ଦୋକାନୀ ତାକୁ କହିଲେ- ଦୀପରେ ଘିଅ ଦେବୁ ଏବଂ ଏ ବଟଲରେ ପୋଡ଼ା ମୋବିଲ ଅଛି ଘିଅରେ ଟିକେ ମିଶେଇ ଦୀପରେ ରଖିବୁ। ନ ହେଲେ ଆମର ଲାଭ କମିଯିବ।

ମୋ-୯୪୩୮୧୮୧୧୬୨

## ଏଇ ଭାରତରେ

ଆଜିକାଲି ମଣିଷର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଆବଶ୍ୟକ କରୁଥିବା ବ୍ୟକ୍ତିଠାରେ ପ୍ରତିରୋପଣ କରାଯାଇ ପାରୁଛି। ତେଣୁ ବର୍ତ୍ତମାନ ଚିକିତ୍ସା ବିଜ୍ଞାନରେ ମାନବ ଅଙ୍ଗର ଉପଯୋଗିତା ଖୁବ୍ ବେଶି କହିଲେ ଚଳେ। ତେଣୁ ଅଙ୍ଗଦାନ ଏକ ମହାନ୍ ଦାନ ଭାବେ ବିବେଚିତ ହେଉଛି। ଶରୀରର ବିଭିନ୍ନ ଅଙ୍ଗ ମଧ୍ୟରେ ବୃକ୍କ, ହୃତ୍‌ପିଣ୍ଡ, ଯକୃତ, କର୍ନିଆ ଆଦି ଅନ୍ୟତମ। ତେବେ ୩ ବର୍ଷ ଝିଅର ଶରୀର ଦାନ କରିଛନ୍ତି ମାତାପିତା। ଏପରି ଏକ ଘଟଣା ଘଟିଛି ରାଜସ୍ଥାନର ଯୋଧପୁରରେ। ମାତାପିତା ୩ ବର୍ଷ ଝିଅର ଶରୀର ଦାନ କରି ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏତେ କମ୍ ବୟସରେ ଶରୀର ଦାନ ଦେଶର ପ୍ରଥମ ଘଟଣା ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଯୋଧପୁର ରୋଡୱେଜରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାମ କରୁଥିବା ଉମ୍ମେଦ ସିଂଙ୍କ ୩ ବର୍ଷର କୋମଳମତି କନ୍ୟା ଜ୍ୟୋତିଙ୍କର ଗୁରୁବାର ମୃତ୍ୟୁ ହୋଇଥିଲା। ଜ୍ୟୋତି ଜନ୍ମରୁ ହୃଦ୍‌ରୋଗରେ ପୀଡିତ ଥିଲେ। ଏହାପରେ ତାଙ୍କ ଶରୀର ଚିକିତ୍ସା ବିଜ୍ଞାନରେ ଗବେଷଣା ପାଇଁ ସହାୟକ ହୋଇପାରିବ ଭାବି ଉମ୍ମେଦ ଓ ତାଙ୍କ ପତ୍ନୀ ଜ୍ୟୋତିଙ୍କ ଶରୀର ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୯୪

- କଲମ୍ବିଆର ଦକ୍ଷିଣ ପଶ୍ଚିମାଞ୍ଚଳରେ ଏକ ଭୟାବହ ଭୂମିକମ୍ପ ଘଟି ୫୦୦ ବ୍ୟକ୍ତିଙ୍କ ପ୍ରାଣହାନି।
- ସମଗ୍ର ଦେଶରେ ଥିବା ପ୍ରାୟ ୬୦ଟି ସହକାରୀ ପୋଲିସ ଡିଜି ପଦବୀକୁ କେନ୍ଦ୍ର ସରକାର ଉଚ୍ଛେଦ କରିଛନ୍ତି।



## ଜିଲା ଡାଏରୀ
## କଟକ

### ସରୁନି ସମୀକ୍ଷା

ନିର୍ବାଚନ ପୂର୍ବରୁ ଓ ନିର୍ବାଚନ ସମୟରେ ଯେତିକି ସମୀକ୍ଷା ହେଉଥିଲା ନିର୍ବାଚନ ପରେ ତାହା ବଢିଯାଇଛି। ହାରିବା ପଛରେ କିଏ, ଜିତିବା ପଛରେ କିଏ ଓ ଭୋଟ ହାର କମିବା ପଛରେ କେଉଁମାନେ ବିଭୀଷଣ, ସେ ନେଇ ନେତାମାନେ ଖାତାକଲମ ଧରି ହିସାବ କରୁଛନ୍ତି। ଜିଲାର ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୮ଟିରେ ଶଙ୍ଖ ଜିତିଥିବା ବେଳେ ଗୋଟିଏକୁ ହାତ କବ୍‌ଜା କରିନେଇଛି। ହେଲେ ରାଜ୍ୟରେ ମିଶନ ୧୨୦ର ସ୍ୱପ୍ନ ଦେଖୁଥିବା ଫୁଲ ଦଳ ଜିଲାରେ ଗୋଟିଏ ଆସନରେ ବି ପଦ୍ମ ଫୁଟାଇବାରେ ସକ୍ଷମ ହୋଇନାହିଁ। ଏପରିକି ବଡ଼ମ୍ବା ଓ ବାରବାଟୀ-କଟକରେ ଫୁଲ ଦଳ ୩ ନମ୍ବର ସ୍ଥାନରେ ରହିଛି। ହାୱା ଜୋରରେ ଥିଲା। ହାୱାକୁ ଭୋଟରେ ପରିଣତ କରିବା ପାଇଁ ଯାହା ଯେମିତି ଆବଶ୍ୟକ ସେମିତି ମଧ୍ୟ କରାଯାଇଥିଲା। ହେଲେ ଇଭିଏମ୍ ଭିତରେ ଏହି ହାୱା କେମିତି ପଶିପାରିଲାନି ସେ ଚିନ୍ତା ପଦ୍ମଦଳିଆଙ୍କୁ ଘାରିଥିବା ବେଳେ ଜିଲାର ଗୋଟିଏ ଆସନ କେମିତି ହାତକୁ ପଳାଇଲା ସେ ତର୍ଜମା ଶଙ୍ଖ ଶିବିରରେ ଜାରି ରହିଛି। ସବୁଠାରୁ ଅଧିକ ତର୍ଜମା ହାତ ଶିବିରରେ ଚାଲିଛି। କାରଣ ଜିଲାର ୯ଟି ଆସନ ମଧ୍ୟରୁ କେବଳ ବାଙ୍କୀ ଓ ବାରବାଟୀ-କଟକକୁ ଛାଡ଼ିଦେଲେ ବାକି ଆସନଗୁଡ଼ିକରେ ହାତ ଦଳ ସମ୍ମାନଜନକ ଭୋଟ ମଧ୍ୟ ପାଇନାହିଁ। ଅଧିକାଂଶ ସ୍ଥାନରେ ଦଳ ୩ ନମ୍ବରରେ ଥିବାବେଳେ କେତେକ ସ୍ଥାନରେ ୪ ନମ୍ବରକୁ ଖସିଯାଇଛି। ନେତାଙ୍କ ନିର୍ବାଚନ ପର ପୋଷ୍ଟମର୍ଟମକୁ ଦେଖି ଲୋକେ କହୁଛନ୍ତି ଯେମିତି ଚାଷ କରିଥିଲ ସେମିତି ଅମଳ କଲ। ଏବେ ବାଟରେ ହଜାଇ ହାଟରେ ଖୋଜିବାର ମୂଲ୍ୟ କିଛି ନାହିଁ।

– ନିର୍ମଳ ପଣ୍ଡା

## ପାଠକ ଶ୍ରେଷ୍ଠ ବିଚାରକ

### ଉଜୁଡ଼ା ବୃକ୍ଷସମ୍ପଦ

ମହାଶୟ,

ଦିନକୁ ଦିନ ବନ୍ୟା ଓ ସାମୁଦ୍ରିକ ଝଡ଼ ପ୍ରଭାବରେ ବୃକ୍ଷଲତା ଉଜୁଡିବାରେ ଲାଗିଛି। ହୁଦ୍‌ହୁଦ୍, ଫାଇଲିନ, ତିତ୍‌ଲି ପରେ ଏବେ ଫନୀ ବାତ୍ୟାର ପ୍ରଭାବରେ ପୁରୀ, ଭୁବନେଶ୍ୱର, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ପ୍ରଭୃତି ଉପାନ୍ତ ଅଞ୍ଚଳର ବୃକ୍ଷମାନେ ଧରାଶାୟୀ ହୋଇଛନ୍ତି। ବିଭିନ୍ନ କାରଣରୁ ପୃଥିବୀର ଜଳବାୟୁ ଦୂଷିତ ହେବାରେ ଲାଗିଛି। ଏଥିସହ ବୃକ୍ଷ ସମ୍ପଦର ସବୁଜିମା ବଳୟ ଧ୍ୱଂସ ହେତୁ ତାପମାତ୍ରା ଅଧିକ ବୃଦ୍ଧି ଘଟୁଛି। ଏଣୁ ନୂତନ ବୃକ୍ଷ ରୋପଣ କରିବା, ଫଳ ବୃକ୍ଷ ଚାଷ କରିବା ଓ ଲୋକମାନଙ୍କୁ ମାଗଣାରେ ଚାରା ବଣ୍ଟନ ଇତ୍ୟାଦି କରିବା ଦରକାର। ଉଜୁଡା ବୃକ୍ଷ ସମ୍ପଦକୁ ସଜାଡିବା ପାଇଁ ଦେଶର ନାଗରିକମାନେ କାନ୍ଧ ମିଳାଇବା ଆବଶ୍ୟକ। ପରେ ସେହି ବୃକ୍ଷଗୁଡିକର ରକ୍ଷଣାବେକ୍ଷଣ ବି କରାଯିବା ଉଚିତ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ବିଦାୟ ପାହାଡ଼ ରାଣୀ

ଧରିତ୍ରୀ (୩୧।୫)ରେ ପ୍ରକାଶିତ ଡ. ଆଲୋକ ମିଶ୍ରଙ୍କ 'ବିଦାୟ ପାହାଡ ରାଣୀ' ଖୁବ୍ ଦୁଃଖଦାୟକ। ସ୍ତମ୍ଭକାର ଯେଉଁ ଆଶାବ୍ୟକ୍ତ କରିଛନ୍ତି ତାହା ପୂର୍ଣ୍ଣ ହେଉ। ତା' ସହିତ ପରମପିତାଙ୍କୁ ପ୍ରାର୍ଥନା କରୁଛି ସେହି ଅମର ଆତ୍ମାକୁ ଚିର ଶାନ୍ତି ପ୍ରଦାନ କରନ୍ତୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### କନିଷ୍ଠ ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରିବା ଘଟଣା

# ପାଟଣାଗଡ଼ ବିଧାୟକଙ୍କ ପାଇଁ ଅଡୁଆ ବଢ଼ିଲା

ଭୁବନେଶ୍ୱର, ୭।୬(ବ୍ୟୁରୋ)

ନିମ୍ନମାନର ରାସ୍ତା କାମ ପାଇଁ ପାଟଣାଗଡର ନବନିର୍ବାଚିତ ବିଧାୟକ ସରୋଜ ମେହେର ଗତ ୫ତାରିଖରେ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ସର୍ବସମ୍ମୁଖରେ ଉଠ୍‌ବସ୍ କରାଇଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ପୁରା ଘଟଣା ପଦାକୁ ଆସିଥିଲା। ଏହି ଘଟଣାକୁ ରାଜନୈତିକ ମହଲରେ ନିନ୍ଦା କରାଯାଇଛି। ଜଣେ ବିଧାୟକ ହୋଇ କିଭଳି ଆଇନ୍‌କୁ ହାତକୁ ନେଲେ ସେ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଉକ୍ତ ଘଟଣା ପାଇଁ ବିଧାୟକ ମେହେର କ୍ଷମା ମାଗିଥିଲେ ମଧ୍ୟ ତାଙ୍କୁ ଛାଡ଼ିବାକୁ ନାରାଜ ବିରୋଧୀ। ସେମାନେ ବିଧାୟକ ମେହେରଙ୍କ ଗିରଫ ଦାବି କରିଛନ୍ତି। ସେହିପରି ଯନ୍ତ୍ରୀ ଶବରଙ୍କ ସ୍ତ୍ରୀ ପ୍ରବୀଣା ରାଜହଂସଙ୍କ ଅଭିଯୋଗ କ୍ରମେ ପାଟଣାଗଡ଼ ପୋଲିସ ବିଧାୟକ ମେହେରଙ୍କ ବିରୋଧରେ ମାମଲା ରୁଜୁ କରିଛି। ତାଙ୍କ ବିରୋଧରେ ଆଟ୍ରୋସିଟି ଆକ୍ଟରେ ମଧ୍ୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଥିବାବେଳେ ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ଫଳରେ ମେହେରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି।

ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାନବାଧିକାର କର୍ମୀ ସୁଜିତ ସାହୁ ପିଟିଶନ୍ ଦାଖଲ କରିଛନ୍ତି। ଆଗାମୀ ଦିନରେ ଏହାର ବିଚାର ହେବ ବୋଲି ଜଣାପଡ଼ିଛି। ମୁଖ୍ୟ ଶାସନ ସଚିବଙ୍କୁ ପକ୍ଷଭୁକ୍ତ କରିବା ସହ ଘଟଣାର ନିରପେକ୍ଷ ନ୍ୟାୟିକ ତଦନ୍ତ କରିବା ଏବଂ ୪ସପ୍ତାହ ମଧ୍ୟରେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ ଦେବାକୁ ଅଭିଯୋଗକାରୀ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଯନ୍ତ୍ରୀଙ୍କୁ ସର୍ବସାଧାରଣରେ ଉଠ୍‌ବସ୍ କରିବା ଦ୍ୱାରା ତାଙ୍କର ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଛଇ। ତେଣୁ ତାଙ୍କୁ ପବ୍ଲିକ୍ ହ୍ୟୁମିଲେସନ୍ ଏବଂ ଆଟ୍ରୋସିଟି ଆକ୍ଟ ଅନୁଯାୟୀ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପିଟିଶନ୍‌କାରୀ ସାହୁ କମିଶନରଙ୍କୁ ନିବେଦନ କରିଛନ୍ତି।

ଅନ୍ୟପଟେ ଘଟଣା ପରେ ନିଖୋଜ ଥିବା ଯନ୍ତ୍ରୀ ଶବରଙ୍କୁ ଶୁକ୍ରବାର ପାଟଣାଗଡ ଥାନା ପୋଲିସ କଣ୍ଟାବାଞ୍ଜିରୁ ଉଦ୍ଧାର କରିଛି। ଏହାପରେ ସେ ପୋଲିସ ଏବଂ ଗଣମାଧ୍ୟମ ଆଗରେ ସବୁ କଥା ବଖାଣିଛନ୍ତି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସମୟରେ କାନ୍ଦି କାନ୍ଦି ତାଙ୍କ ଉପରେ ହୋଇଥିବା ନିର୍ଯାତନା ସମ୍ପର୍କରେ କହିଥିଲେ। ଗତ ୫ତାରିଖ ଘଟଣା ପରଠୁ ଯନ୍ତ୍ରୀ ଶବର ଘରକୁ ଫେରି ନ ଥିଲେ। ସେ ଜଣେ ବିଜେଡି କର୍ମୀଙ୍କ ସହ ନୂଆପଡ଼ାର ଖଡ଼ିଆଳକୁ ଯାଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, ସେହିଦିନ ବିଧାୟକଙ୍କ ଉପସ୍ଥିତିରେ ନିର୍ବାହୀଯନ୍ତ୍ରୀ ତାଙ୍କୁ ଚାପୁଡ଼ା ମାରିଥିଲେ। ବିଧାୟକ ଜୋରଜବରଦସ୍ତି ୫ମିନିଟରେ ଶହେ ଥର ଉଠ୍‌ବସ୍ ଲାଗି କହିଥିଲେ। ଉଠବସ୍ ନ ହେଲେ ଲୋକେ ପିଟିବେ ବୋଲି କହିଥିଲେ। ବାଧ୍ୟ ହୋଇ ଉଠବସ୍ ହୋଇଥିଲି। ଲଜ୍ଜାଜନକ ପରିସ୍ଥିତି ଥିବାରୁ ମୁଁ ସେଦିନ ଚୁପ୍ ରହିଥିଲି ବୋଲି କନିଷ୍ଠ ଯନ୍ତ୍ରୀ ଶବର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୫ତାରିଖରେ ବେଲପଡ଼ା ବ୍ଲକ୍‌ର ଗମ୍ଭାରୀ ଗାଁ ରାସ୍ତା କାମ ତଦାରଖ କରିଥିଲେ ବିଧାୟକ ମେହେର। କାମ ନିମ୍ନମାନର ହୋଇଥିବା ଅଭିଯୋଗ କରି ସେ କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ଉଠବସ୍ କରାଇଥିଲେ। ଶବର ନେହୁରା ହୋଇଥିଲେ ମଧ୍ୟ ବିଧାୟକ ତାଙ୍କୁ ଛାଡ଼ି ନ ଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ଏବେ ଦେଖିବାକୁ ବାକି ରହିଲା ଶାସକ ଦଳର ବିଧାୟକ ମେହେରଙ୍କୁ ପୋଲିସ ଗିରଫ କରୁଛି ନା ଘଣ୍ଟ ଘୋଡ଼ାଉଛି।



ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟକୁ ଶୁକ୍ରବାର ସୌଜନ୍ୟମୂଳକ ପରିଦର୍ଶନରେ ଆସିଥିବା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ।

# କାଳିଆ ଯୋଜନା: ୩୨୩୪ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୭।୬(ବ୍ୟୁରୋ)

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗ୍‌ମେଣ୍ଟେଶନ (କାଳିଆ) ଯୋଜନା ସକାଶେ ୩,୨୩୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଯୋଜନାରେ ଚଳିତ ବର୍ଷ ଯୋଗ୍ୟ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏ ଉଭୟ ଖରିଫ ଓ ରବି ଫସଲରେ ଯୋଗାଇ ଦିଆଯିବ। ବର୍ଷକୁ ଜଣେ ଚାଷୀ ପରିବାର ୧୦ ହଜାର ଟଙ୍କାର ସହାୟତା ପାଇପାରିବେ। ଗତ ମେ ୨୯ ତାରିଖରେ ବିଜେଡି ଶାସନର ପଞ୍ଚମ ପାଳିର ପ୍ରଥମ କ୍ୟାବିନେଟ ବୈଠକରେ ୩୨.୩୪ ଲକ୍ଷ ଅତିରିକ୍ତ ଚାଷୀ ପରିବାରଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଥିଲା। ଏଥିପାଇଁ ଅଧିକ ପାଣ୍ଠିର ଆବଶ୍ୟକତା ରହିଛି। ଏହି ଯୋଜନାରୁ କୌଣସି ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡିବେ ସେ ନେଇ ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଏହି ଯୋଜନାରେ ୪୩ ଲକ୍ଷ ଚାଷୀ ପରିବାରଙ୍କୁ ସାମିଲ କରାଯାଇଥିଲା। ଏ ପର୍ଯ୍ୟନ୍ତ ମୋଟ ୭୫ ଲକ୍ଷ ଚାଷୀ ପରିବାରଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଛି। ସେଥିରେ ୫୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବା ବେଳେ ୨୫ ଲକ୍ଷ ଭୂମିହୀନ ଚାଷୀ ପରିବାରଙ୍କୁ ସାମିଲ କରାଯାଇଛି। ଅତିରିକ୍ତ ୩୨.୩୪ ଲକ୍ଷ ଚାଷୀ ପରିବାରଙ୍କ ପାଇଁ ୨୦୧୯-୨୦ ସକାଶେ ୩୨୩୪ କୋଟି ଟଙ୍କାର ଆବଶ୍ୟକତା ରହିଛି। ଏହି ଯୋଜନା ଘୋଷଣା ହେବା ପରେ ରାଜ୍ୟ ସରକାର ଏଥିପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ।

# ‘ଆର୍ଟିକିଲ୍ ୧୫’ ରିଲିଜ୍ ଅପେକ୍ଷାରେ ଆୟୁଷ୍ମାନ୍



**ମୁମ୍ବାଇ:** ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ ‘ଆର୍ଟିକିଲ୍ ୧୫’ ରିଲିଜ ପାଇଁ ବ୍ୟସ୍ତ ରହୁଛନ୍ତି ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନା। ଏହାର କାହାଣୀ ବାସ୍ତବ ଦେଶପ୍ରେମ ଉପରେ ଗଢ଼ିଉଠିଛି। ତାଙ୍କ କହିବାନୁଯାୟୀ, ଦେଶକୁ ପ୍ରକୃତରେ ଭଲ ପାଉଥିବା ବ୍ୟକ୍ତି ସଚ୍ଚା ଦେଶପ୍ରେମୀ ଭାବେ ହିଁ ବିବେଚିତ ହୁଏ। ଭାରତୀୟ ସମ୍ବିଧାନର ‘ଆର୍ଟିକିଲ୍ ୧୫’ରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହିତ କାହା ପ୍ରତି ପାତରଅନ୍ତର ମନୋଭାବ ପୋଷଣ ନ କରିବାକୁ ଉଲ୍ଲେଖ ରହିଛି। ୨୦୧୨ରୁ ଅଭିନୟ ଜଗତରେ ପାଦ ଦେଇଥିବା ଖୁରାନା ବର୍ତ୍ତମାନ ଦୁଇଟି ସନ୍ତାନର ଜନକ। ୭ ବର୍ଷର ପୁଅ ବର୍ତ୍ତମାନ ଫିଲ୍ମର କାହାଣୀ ବୁଝୁ କି ନ ବୁଝୁ ବରୁଣ ଧାୱନ ଏବଂ ଟାଇଗର ଶ୍ରଫ୍‌ଙ୍କ ଭଳି ଫାଣ୍ଟାଷ୍ଟିକାଲ୍ ହିରୋଙ୍କୁ ପସନ୍ଦ କରେ। ତେବେ ବଡ଼ ହେଲେ ମୋ ଅଭିନୀତ ଫିଲ୍ମ ପାଇଁ ସେ ଗର୍ବ ଅନୁଭବ କରିବ ବୋଲି ଆୟୁଷ୍ମାନ୍ ମତ ଦେଇଛନ୍ତି। ଆୟୁଷ୍ମାନ୍‌ଙ୍କ ଅଭିନୀତ ଫିଲ୍ମଗୁଡିକ ହେଉଛି ‘ଭିକି ଡୋନର’, ‘ଶୁଭ ମଙ୍ଗଲ୍ ସାବଧାନ୍’, ଏବଂ ‘ବଧାଇ ହୋ’। ଅନ୍ୟତମ ଫିଲ୍ମ ‘ଆର୍ଟିକିଲ୍ ୧୫’ ଜୁନ୍ ୨୮ରେ ରିଲିଜ ହେବାକୁ ଯାଉଛି।

## ଜିଲ୍ଲା ଚିଠି ବଲାଙ୍ଗୀର



# ବଢୁଛି ପରିବେଶ ପ୍ରୀତି, କମୁଛି ଗଛ

ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଏହି ଅବସରରେ ସଭା ସମିତି କରାଯାଇ ପରିବେଶ ସଚେତନତା କଥା କୁହାଯାଇଛି। ସଭାମାନଙ୍କରେ କ୍ରମଶଃ ବୃଦ୍ଧି ପାଉଥିବା ବିଶ୍ୱତାପନ, ଜୀବଜଗତ ଉପରେ ଏହାର କୁପ୍ରଭାବ ଓ ଏହି ସମସ୍ୟାରୁ ନିରାକରଣ ବାଟ ସମ୍ପର୍କରେ ପ୍ରାୟତଃ ଆଲୋଚନା ହୋଇଛି। ଅତିଥିମାନେ ପରିବେଶ ସୁରକ୍ଷା, ଜୀବନ ରକ୍ଷା ବାର୍ତ୍ତା ଦେଇଛନ୍ତି। ସଭା ଆୟୋଜକମାନେ ମଧ୍ୟ ପରିବେଶ ସଚେତନତା ସୃଷ୍ଟି କରିବା ଦିଗରେ ସେମାନଙ୍କ ଆଭିମୁଖ୍ୟ ସ୍ୱଷ୍ଟ ବୋଲି ବାର୍ତ୍ତା ଦେଇଛନ୍ତି। କେତେକ ସଭାରେ କିଛି ଅନୁଷ୍ଠାନ, ପରିବେଶ ପ୍ରେମୀ ଓ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ଗଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ପରିବେଶ ସୁରକ୍ଷା ଦିଗରେ ସେମାନଙ୍କୁ ଆହୁରି ଉତ୍ସାହିତ କରିବ ବୋଲି ଆଶା କରାଯାଇଛି। କେତେକ ସ୍ଥାନରେ ଅତିଥିମାନେ ପ୍ରଚଣ୍ଡ ଖରାରେ ବୃକ୍ଷରୋପଣ କରି ଭିନ୍ନ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ପରିବେଶ ଦିବସର ବିଭିନ୍ନ କାର୍ଯ୍ୟକ୍ରମକୁ ଆକଳନ କଲେ ଜିଲାରେ ଲୋକେ ସଚେତନ ହେଉଥିବା ଏବଂ ଲୋକଙ୍କ ପରିବେଶ ପ୍ରୀତି ବଢୁଥିବା ମନେହୁଏ। ତେବେ ବଲାଙ୍ଗୀର ଜିଲାରେ କ୍ରମାଗତ ଜଙ୍ଗଲ ହ୍ରାସ, ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ଗଛକାଟ ଓ ପ୍ରତିବର୍ଷ ନିଆଁ ଲାଗି ଶହ ଶହ ଏକର ଜଙ୍ଗଲ ପୋଡିଯିବା ଘଟଣା ଘଟିଆସୁଛି। ସରକାରୀସ୍ତରରେ ଏସବୁ ସମସ୍ୟାର ସମାଧାନ କଥା ପଚାରିଲେ ବନବିଭାଗ ଅଧିକାରୀମାନେ ଜିଲାରେ କେତେ ଶହ ହେକ୍ଟର ନୂଆ ଗଛ ଲଗାଇଛନ୍ତି ଓ କେତେ ଗଛ ଲଗାଇବାର ଯୋଜନା ରଖିଛନ୍ତି ସେ ତଥ୍ୟ ଦିଅନ୍ତି। ସେସବୁରେ କେତେ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବା କେତେ ଖର୍ଚ୍ଚ ହେବାକୁ ଯାଉଛି ସେ କଥା କହନ୍ତି। ମାତ୍ର ଜିଲାରେ ବାସ୍ତବରେ କେତେ ନୂଆ ଜଙ୍ଗଲ ସୃଷ୍ଟି ହୋଇଛି ସେ ସମ୍ପର୍କରେ ପଚାରିଲେ ଅଧିକାରୀମାନେ ଯେଉଁ ତଥ୍ୟ ଦିଅନ୍ତି ତାହା ବେଶ୍ ଖାପଛଡା ମନେହୁଏ। ବୃକ୍ଷରୋପଣ କରି ନୂଆ ଜଙ୍ଗଲ ସୃଷ୍ଟି ଉପରେ ସରକାରୀ ଅଧିକାରୀମାନେ ଯେତିକି ଗୁରୁତ୍ୱ ଦିଅନ୍ତି ଜିଲାରେ ଥିବା ଜଙ୍ଗଲର ସୁରକ୍ଷା ଦିଗରେ ସେତିକି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଜିଲାରେ ଥିବା ବହୁମୂଲ୍ୟ ଜଙ୍ଗଲ ସମ୍ପଦ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଅବାଧ ଜଙ୍ଗଲ ଲୁଟ୍ ଓ ନିଆଁଲାଗି ଜଙ୍ଗଲ ପୋଡି ଘଟଣାକୁ ନେଇ ସରକାରୀ ଅଧିକାରୀମାନେ ଯେଭଳି ଆନ୍ତରିକତା ପ୍ରକାଶ କରନ୍ତି ନାହିଁ ସେଭଳି ଜନସାଧାରଣ ମଧ୍ୟ ଏ ଦିଗରେ ବିଶେଷ ଆଗ୍ରହ ଦେଖାନ୍ତି ନାହିଁ। ପ୍ରତିବର୍ଷ ଖରାଦିନରେ ଜଙ୍ଗଲରେ ନିଆଁ ଲାଗି ପୋଡି ଯିବା ଦୃଶ୍ୟ ଦେଖାଯାଏ। ମାତ୍ର କେହି ଠୋସ୍ ପଦକ୍ଷେପ ନିଅନ୍ତି ନାହିଁ। ବନବିଭାଗ ପକ୍ଷରୁ ଗଠିତ ଜଙ୍ଗଲ ନିଆଁ ଲିଭା ଟିମ୍ ଚୁପ୍ ହୋଇ ବସିଥାନ୍ତି ଓ ଲୋକେ ମଧ୍ୟ ଭେକ୍‌ଲା ହୋଇ ଅନାଉଥାନ୍ତି। ଏଭଳି ପରିସ୍ଥିତିରେ ଜଙ୍ଗଲ ସୁରକ୍ଷା ଓ ପରିବେଶ ପ୍ରୀତି ଧରାପଡିଯାଏ। ବାସ୍ତବରେ ପ୍ରାକୃତିକ ଜଙ୍ଗଲ ସୁରକ୍ଷା ନ କରି ବୃକ୍ଷରୋପଣ ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟ ଭଳି ହୁଏ। ପରିବେଶ ଦିବସ ଆସିଗଲେ ସୋସିଆଲ ମିଡ଼ିଆରେ ପରିବେଶ ପ୍ରୀତି ବହୁ ମାତ୍ରାରେ ବଢ଼େ। ସଭା ସମିତିରେ ଲୋକଙ୍କ ଉତ୍ସାହ ମଧ୍ୟ ବଢ଼େ। ମାତ୍ର ଏସବୁ ସତ୍ତ୍ୱେ ଯଦି ବାସ୍ତବ କ୍ଷେତ୍ରରେ ଗଛ (ଜଙ୍ଗଲ) ବଢ଼ିବ ନାହିଁ ତାକୁ ଛଳନା ବା ପ୍ରହସନ ହିଁ କୁହାଯିବ।

-ବୀରେନ୍ଦ୍ର କୁମାର ଝାଙ୍କର

## ସଚିବାଳୟରେ ନିଯୁକ୍ତି ପାଇବେ ୫୦୦ ଏଏସ୍ଓ

ଭୁବନେଶ୍ୱର, ୭।୬(ବ୍ୟୁରୋ)

ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଖାଲି ପଡିଥିବା ପଦବୀରେ ଆହୁରି ୫୦୦ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ) ନିଯୁକ୍ତି ପାଇବେ। ଶୁକ୍ରବାର ଓଡିଶା ଲୋକ ସେବା ଆୟୋଗ (ଓପିଏସସି) ନିଯୁକ୍ତି ପାଇବାକୁ ଥିବା ପ୍ରାର୍ଥୀମାନଙ୍କର ଚୂଡାନ୍ତ ତାଲିକା ପ୍ରକାଶ କରିଛି। ପୂର୍ବରୁ ଓପିଏସସି ଦ୍ୱାରା ୮୧୦ ଏଏସଓ ନିଯୁକ୍ତ କରାଯାଇଥିଲା। ସେଥିରୁ ୮୦୦ ସଚିବାଳୟରେ ଓ ୧୦ ଜଣଙ୍କୁ ରାଜଭବନରେ ନିଯୁକ୍ତି ମିଳିଥିଲା। ସଚିବାଳୟ ଓ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟର ଖାଲି ପଦବୀଗୁଡିକ ପୂରଣ କରିବା ଦିଗରେ ପଦକ୍ଷେପ ନିଆଯାଉଥିବାରୁ ରାଜ୍ୟ ସଚିବାଳୟ ସେବା ସଂଘର ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜାତୀୟ ନାଟକ ବିଦ୍ୟାଳୟ
ନୂଆଦିଲ୍ଲୀ - ୧୧୦୦୦୧

### ପ୍ରବେଶିକା ଆହ୍ୱାନ
### ୨୧ତମ ଭାରତ ରଙ୍ଗ ମହୋତ୍ସବ-୨୦୨୦
(ଭାରତୀୟ ଅନ୍ତର୍ଜାତୀୟ ରଙ୍ଗମଞ୍ଚ ମହୋତ୍ସବ)

ଜାତୀୟ ନାଟକ ବିଦ୍ୟାଳୟ ୨୧ତମ ଭାରତ ରଙ୍ଗ ମହୋତ୍ସବ (ଭାରତୀୟ ଅନ୍ତର୍ଜାତୀୟ ରଙ୍ଗମଞ୍ଚ ମହୋତ୍ସବ)ରେ ଅଂଶଗ୍ରହଣ ପାଇଁ ପ୍ରସ୍ତାବ ଆହ୍ୱାନ କରୁଛି, ଯାହା ଫେବୃୟାରୀ ୨୦୨୦ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ମହୋତ୍ସବରେ ଭାରତ ତଥା ବିଦେଶର ନିର୍ଦ୍ଦେଶକ, ଥିଏଟର ଗ୍ରୁପ୍ ଏବଂ ନାଟକ ଅନୁଷ୍ଠାନର କୃତି ପ୍ରଦର୍ଶିତ ହେବ ଏବଂ ଏଥିରେ ୩୧ ଅଗଷ୍ଟ ୨୦୧୯ ପୂର୍ବରୁ ସର୍ବସାଧାରଣଙ୍କ ପାଇଁ ପରିବେଷିତ ଉଲ୍ଲେଖନୀୟ ପ୍ରଯୋଜନାଗୁଡ଼ିକ ପ୍ରଦର୍ଶିତ ହେବ । ପୂର୍ବବର୍ତ୍ତୀ ବିଆର୍‌ଏମ୍ ଏବଂ ୮ମ ଥିଏଟର ଅଲିମ୍ପିକ୍ସରେ ପ୍ରଦର୍ଶିତ ହୋଇସାରିଥିବା ନାଟକଗୁଡ଼ିକୁ ୨୧ତମ ବିଆର୍‌ଏମ୍ ଲାଗି ବିଚାରକୁ ନିଆଯିବ ନାହିଁ ।

ଆଗ୍ରହୀ ଥିଏଟର ନିର୍ଦ୍ଦେଶକ, ଥିଏଟର ଗ୍ରୁପ୍ ଏବଂ ନାଟକ ଅନୁଷ୍ଠାନଗୁଡ଼ିକଠାରୁ ନିର୍ଦ୍ଧାରିତ ପ୍ରୋଫର୍ମା (ଏନ୍‌ଏସ୍‌ଡିର ୱେବ୍‌ସାଇଟ୍ - www.nsd.gov.in ରେ ଅନ୍ୟାନ୍ୟ ବିବରଣୀ ସହିତ ଉପଲବ୍ଧ)ରେ ପେନ୍‌ଡ୍ରାଇଭ୍‌ରେ ପ୍ରଯୋଜନାର ସ୍ପଷ୍ଟ ରେକର୍ଡିଂ ସହିତ ଆମନ୍ତ୍ରଣ କରାଯାଉଛି । ଆପଣ ୟୁଆର୍‌ଏଲ୍ ଲିଙ୍କ: https://brmapplication.nsd.gov.in ମାଧ୍ୟମରେ ଅନ୍‌ଲାଇନ୍ ପୋର୍ଟାଲରେ ମଧ୍ୟ ଆବେଦନ କରିପାରନ୍ତି । ଗୋଟିଏ ଗ୍ରୁପ୍/ନିର୍ଦ୍ଦେଶକ/ନାଟକ ଅନୁଷ୍ଠାନରୁ କେବଳ ଗୋଟିଏ ପ୍ରବେଶିକା ଗ୍ରହଣ କରାଯିବ । ଚୟନ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ହେବ ଏବଂ ସମସ୍ତେ ତାହା ମାନିବାକୁ ବାଧ୍ୟ ହେବେ । ନିର୍ଦ୍ଦେଶକ, ଜାତୀୟ ନାଟକ ବିଦ୍ୟାଳୟ, ବାହାବଲପୁର ହାଉସ୍, ଭଗବାନଦାସ ରୋଡ୍, ନୂଆଦିଲ୍ଲୀ- ୧୧୦୦୦୧ ଠିକଣାରେ ଆବେଦନ ପ୍ରାପ୍ତିର ଶେଷ ତାରିଖ ହେଉଛି ୧୦ ସେପ୍ଟେମ୍ବର ୨୦୧୯ ।

ଫୋନ୍: ୦୧୧-୨୩୦୭୩୬୪୭, ୨୩୩୮୮୨୪୯
ଫାକ୍ସ: ୦୧୧-୨୩୩୮୪୨୮୮
ଇମେଲ୍: festivalcell@gmail.com, festivalcell@nsd.gov.in
ୱେବ୍‌ସାଇଟ୍: www.nsd.gov.in

davp 09130/11/0016/1920

## कार्पोरेशन बैंक Corporation Bank
(ସାର୍ବଜନିକ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ)

କର୍ପୋରେଶନ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

### ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏହି ନୋଟସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ କର୍ପୋରେଶନ ବ୍ୟାଙ୍କ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ସାଙ୍କେତିକ / ଗଠନାତ୍ମକ / ଭୌତିକ ଦଖଲ" ନେଇ "ଯାହାବି ସେଠାରେ ଅଛି", ଯେଉଁଠାରେ ଯେପରି ଅଛି" ଏବଂ ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ କର୍ପୋରେଶନ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ବ୍ରହ୍ମପୁର ଶାଖା, ପ୍ଲଟ୍ ନଂ.: ୧୨୧୬/୧୮୮୪, ଗିରି ରୋଡ, ଗୀତା ଭବନ ନିକଟ, ବ୍ରହ୍ମପୁର**

| ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| **ଋଣଗ୍ରହୀତା: ମେସର୍ସ ଏସ୍ ଜି ମେଟାଲିକ୍ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ସନ୍ତୋଷ କୁମାର ପରିଡା,** ପ୍ଲଟ୍ ନଂ.: ୨୮୯, ୭୨୬ ଏବଂ ୨୮୫, ଖାତା ନଂ.: ୫୫ ଏବଂ ୩୫, ମୌଜା: ଖରିଗୁଡା, ତହସିଲ: ସାନଖେମୁଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡିଶା | ୦୭.୦୮.୨୦୧୮ ସୁଦ୍ଧା ଟ.୮୫,୩୭,୨୩୭/- ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧: ଶ୍ରୀ ସନ୍ତୋଷ କୁମାର ପରିଡା**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ୧.୨୦୪ଡିସିମିଲି, ମୋଟ କ୍ଷେତ୍ର ପ୍ରାୟ ସମାନ କିମ୍ବା ସମାନ୍ୟ ଅଧିକ କିମ୍ବା କମ୍, ଯାହାର ସର୍ଭେ ନଂ/ପ୍ଲଟ ନଂ.: ୨୮୫, ୨୮୯/୭୨୬, ୨୩୩, ୨୮୪, ୨୮୯, ୩୪୨/୭୨୪, ୩୨୧/୭୨୫, ଖାତା ନଂ.: ୫୫/୩୫, ୫୫/୩୪, ମୌଜା: ଖରିଗୁଡା, ତହସିଲ: ସାନଖେମୁଣ୍ଡି, ଏସଆରଓ: ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ଷ୍ଟ୍ରକଚର୍ସ, ଫିକ୍ସଚର୍ସ ଏବଂ ଫିଟିଙ୍ଗସ୍, କାରଖାନା ଏବଂ କଳକବ୍‌ଜା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କେନାଲ, ପୂର୍ବ: ନରସିଂହ ସ୍ୱାଇଁଙ୍କ ଜମି, ପଶ୍ଚିମ: ସୁଦର୍ଶନ ନାୟକଙ୍କ ଜମି।
**ଇ-ନିଲାମ ତାରିଖ ଏବଂ ସମୟ: ୨୬.୦୬.୨୦୧୯ ପୂର୍ବାହ୍ନ ୧୧.୪୫** ଘଟିକାରୁ **ଅପରାହ୍ନ ୧.୧୫** ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୨୩,୦୦,୦୦୦/- / ଅମାନତ ଜମା: ଟ.୨,୩୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍: https://corpbank.com/sites/default/files/corpbank-page-files/tender/s_g_metallic_industries_0.pdf ଲିଙ୍କ୍ ଦେଖନ୍ତୁ।**

**ଯାଜପୁର ରୋଡ୍ ଶାଖା, ପ୍ଲଟ୍ ନଂ.: ୧୩୯୪/୨୬୩୨, ବ୍ୟାଙ୍କ ଷ୍ଟ୍ରିଟ୍, ଯାଜପୁର ରୋଡ୍, ଯାଜପୁର**

| ଋଣଗ୍ରହୀତା, ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| **ଋଣଗ୍ରହୀତା: ମେସର୍ସ ପିକେ ଫ୍ୟାଶନ୍, ସ୍ୱତ୍ୱାଧିକାରୀ: ପ୍ରଶାନ୍ତ କୁମାର ନାୟକ, ବାସସ୍ଥାନ ଠିକଣା-**ସା: ଖଣ୍ଡାହାଟ, ପୋ.: ରଛିପୁର, ଭାୟା: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡିଶା-୭୫୫୦୧୯, **ୟୁନିଟ୍ ଠିକଣା:** କେ.ଲଙ୍ଗ ବ୍ୟାଙ୍କ ଷ୍ଟ୍ରିଟ୍, ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଓଡିଶା-୭୫୫୦୧୯ / **ଗ୍ୟାରେଣ୍ଟିଦାତା: ଶ୍ରୀ ଭାଗ୍ୟଧର ଦଳେଇ,** ସା: ନିମପାଟଣା (କରଞ୍ଜିଆରି), ପୋ.: ଓଡିଶୋ, ଥାନା: କୁଆଖିଆ, ଜିଲ୍ଲା: ଯାଜପୁର, ଓଡିଶା-୭୫୫୦୦୮ | ୨୪.୦୧.୨୦୧୯ ସୁଦ୍ଧା ଟ.୨୦,୦୧,୨୪୯.୬୫ ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧: ଶ୍ରୀ ପ୍ରଶାନ୍ତ କୁମାର ନାୟକ**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡପାଟୁଳି, ଥାନା ନଂ.: ୧୫୬, ତହସିଲ: ବ୍ୟାସନଗର, ଯାଜପୁର ରୋଡ, ଏସଆର୍-ଡୋଲିପୁର, ଯାଜପୁର ରୋଡ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ଧନେଶ୍ୱର ପଞ୍ଚାୟତ ଅଧିନରେ, କୋରେଇ ବ୍ଲକ୍, ଖାତା ନଂ.: ୪୪୫/୨୧୨, ପ୍ଲଟ୍ ନଂ.: ୫୯୬/୧୯୫୬, କ୍ଷେତ୍ର: ଏକର୦.୧୨.୬ଡିସିମିଲି, ପଞ୍ଜିକୃତ ବିକ୍ରୟ ଦଲିଲ ଅନୁସାରେ ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୋଚର (ସରକାରୀ ଜମି), ଦକ୍ଷିଣ: ସୀତା ମଲିକ, ପୂର୍ବ: ଅଶୋକ କୁମାର ପରିଡା ଏବଂ ପଶ୍ଚିମ: ପ୍ଲଟ୍ ନଂ.: ୫୯୬, କିସମ: ଘରବାରୀ।
**ଇ-ନିଲାମ ତାରିଖ ଏବଂ ସମୟ: ୨୬.୦୬.୨୦୧୯ ପୂର୍ବାହ୍ନ ୧୧.୪୫** ଘଟିକାରୁ **ଅପରାହ୍ନ ୧.୧୫** ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୯,୦୦,୦୦୦/- / ଅମାନତ ଜମା: ଟ.୯୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍: https://corpbank.com/sites/default/files/corpbank-page-files/tender/pk._fashions_0.pdf ଲିଙ୍କ୍ ଦେଖନ୍ତୁ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୬.୨୦୧୯** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କର୍ପୋରେଶନ ବ୍ୟାଙ୍କ**



# ବଦଳୁଛି ବିଚ୍ଛିନ୍ନାଞ୍ଚଳରେ ଗମନାଗମନ ବ୍ୟବସ୍ଥା

ଚିତ୍ରକୋଣ୍ଡା,୭।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ବିଚ୍ଛିନ୍ନାଞ୍ଚଳର ୩ ପଞ୍ଚାୟତ ବାସୀଙ୍କ ପାଇଁ ସ୍ଥଳପଥରେ ତିଆରି ହୋଇଛି ନୂଆ ରାସ୍ତା। ଫଳରେ ଯୋଡାମ୍ବ, ପଣଷପୁଟ ଓ ଗାଜୁଲୁମାମୁଡି ପଞ୍ଚାୟତବାସୀ କାଦଗୁମାଠାରୁ ଏହି ନୂଆ ରାସ୍ତାରେ ଯାତାୟାତ କରିପାରିବେ। ବିଚ୍ଛିନ୍ନାଞ୍ଚଳର ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ଗମନାଗମନ ହେଉଛି ମୁଖ୍ୟ ସମସ୍ୟା। ଏହି ଅଞ୍ଚଳର ଅଧିକାଂଶ ଗ୍ରାମକୁ ରାସ୍ତା ନାହିଁ। ଫଳରେ ବିକାଶ ଠାରୁ ବହୁ ଦୂରରେ ରହି ଆସୁଛି ଏହିସବୁ ଗ୍ରାମ। ଗ୍ରାମଗୁଡିକୁ ଯିବାକୁ ହେଲେ ପାହାଡ଼, ପର୍ବତ, ଜଙ୍ଗଲ ଓ ନଦୀନାଳ ଦେଇ ଯିବାକୁ ହୋଇଥାଏ। ଦେଶୀ ଡଙ୍ଗା, ଗଧ ଏବଂ ଘୋଡା ହିଁ ଲୋକଙ୍କ ଏକମାତ୍ର ଭରସା। ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚିପାରେ ନାହିଁ। କେବେ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ଉକ୍ତ ଅଞ୍ଚଳରେ ପଡେ ନାହିଁ। ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ପରେ ଉକ୍ତ ଅଞ୍ଚଳରେ ଆଶର ଆଲୋକ ଦେଖାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତୁ ଉଦ୍‌ଘାଟନ କରି ଉକ୍ତ ଅଞ୍ଚଳକୁ ସ୍ୱାଭିମାନ ଅଞ୍ଚଳ ରୂପେ ନାମିତ କରିଥିଲେ। ସେବେଠାରୁ ବିଚ୍ଛିନ୍ନାଞ୍ଚଳରେ ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାହାର ଫଳସ୍ୱରୂପ ଏବେ ୩ କିମି ରାସ୍ତା ନିର୍ମାଣ ସ୍ଥାନୀୟ ଅଧିବାସୀଙ୍କ ଗମନାଗମନ ବ୍ୟବସ୍ଥାକୁ ତରାନ୍ୱିତ କରିବ। ସେମାନେ ଏହି ରାସ୍ତା ଦେଇ ଗୁରୁପ୍ରିୟା ସେତୁ ଉପରେ ଯାତାୟାତ କରିପାରିବେ। ଯଦି ରାସ୍ତା ଭଳି ପ୍ରତେକ ଗ୍ରାମକୁ ରାସ୍ତା ସଂଯୋଗ ହୋଇପାରିବ ତେବେ ପ୍ରତ୍ୟେକ କ୍ଷେତ୍ରରେ ବିଚ୍ଛିନ୍ନାଞ୍ଚଳ ବିକାଶ ତରାନ୍ୱିତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।



ବିଚ୍ଛିନ୍ନାଞ୍ଚଳରେ ତିଆରି ହୋଇଥିବା ନୂଆ ରାସ୍ତା ।

# ଧୁଳିପୁଟ ପଞ୍ଚାୟତରେ ପହଞ୍ଚିଲା ପ୍ରଶାସନ

ମାଲକାନଗିରି/ଚିତ୍ରକୋଣ୍ଡା, ୭।୬(ସ୍ୱ.ପ୍ର./ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅଧୀନ ତଥା ଚିତ୍ରକୋଣ୍ଡାଠାରୁ ୫୦ କିଲୋମିଟର ଦୂରରେ ଥିବା ଧୁଳିପୁଟ ପଞ୍ଚାୟତର ବିକାଶ ଲାଗି ସେଠାରେ ପହଞ୍ଚିଛି ବ୍ଲକ ପ୍ରଶାସନ। ମାଓବାଦୀଙ୍କ କାର୍ଯ୍ୟକଳାପ ଯୋଗୁ ଲାଲଗଡ ରୂପେ ପରିଚିତ ଏହି ଅଞ୍ଚଳରେ ରହିଛି ଅନେକ ସମସ୍ୟା। ୩ବର୍ଷ ହେଲା ନୂତନ ପଞ୍ଚାୟତ ରୂପେ ଗଠିତ ଧୁଳିପୁଟ ପଞ୍ଚାୟତରେ ପଞ୍ଚାୟତ ନିର୍ବାଚନ ହୋଇନାହିଁ। ପୂର୍ବରୁ ଏହି ପଞ୍ଚାୟତ ରାଲେଗାଡ଼ା ପଞ୍ଚାୟତ ଅଧୀନରେ ଥିଲା। ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଘର ନାହିଁ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ନେଇ ଚାଲିଛି ଧୁଳିପୁଟ ପଞ୍ଚାୟତ। ୨୦୧୧ ରେ ମାଲକାନଗିରିର ତତ୍କାଳୀନ ଜିଲାପାଳ ଭିଲିନକ୍ରିଷ୍ଣାଙ୍କୁ ମାଓବାଦୀମାନେ ଅପହରଣ କରିନେବା ପରଠାରୁ ଏଠାରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡି ନ ଥିଲା। ବହୁ ଦିନର ବ୍ୟବଧାନ ପରେ ଧୁଳିପୁଟ ପଞ୍ଚାୟତରେ ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନର ଏକ ଟିମ ପହଞ୍ଚିଛି। ବିଡ଼ିଓ ଲରିମନ ଖରସେଲ, ସିଡ଼ିପିଓ ଅନ୍ନପୂର୍ଣ୍ଣା ବୁରୁଡା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିତରଞ୍ଜନ ବେହେରା, କନିଷ୍ଠ ଯନ୍ତ୍ରୀ ଶିବାଶିଷ ବିଶ୍ୱାସ, ଓଡିଶା ଜୀବିକା ମିଶନର ବିପିଏମ ପର୍ଶୁରାମ ବେହେରା, ଆରଡବ୍ଲୁଏସଏସର କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ସହ ଅନ୍ୟମାନେ ପହଞ୍ଚିଛନ୍ତି। ଅଧିକାରୀମାନେ ଧୁଳିପୁଟ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଏକ ବୈଠକ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପଞ୍ଚାୟତବାସୀ ପଞ୍ଚାୟତ କାର୍ଯ୍ୟାଳୟ, ରାସ୍ତା, ପାନୀୟଜଳ, ଶିକ୍ଷା,ସ୍ୱାସ୍ଥ୍ୟ ସେବା, ସ୍କୁଲ ଘର, ଅଙ୍ଗନୱାଡି ଓ ଶିକ୍ଷକ ନ ଥିବା ନେଇ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କୁ କହିଥିଲେ। ଲୁହାରାମରେ ଗ୍ରାମକୁ ବିଦ୍ୟୁତ୍ ଖୁଣ୍ଟ ଥାଇ ବିଦ୍ୟୁତ ସଂଯୋଗ ହୋଇ ନ ଥିବା ପ୍ରକାଶ କରିଥିଲେ। ବିଡ଼ିଓ ଖରସେଲ ଅଗାମୀ ଦିନରେ ପଞ୍ଚାୟତରେ ସମସ୍ତ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଲୋକଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ପଲିଥିନ୍ ବିକ୍ରେତାଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି,୭।୬(ଡି.ଏନ.ଏ.)

ମାଲକାନଗିରି ଜିଲ୍ଲାକୁ ସୁନ୍ଦର ଏବଂ ସ୍ୱଚ୍ଛ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛଇ। ଏନେଇ ବିଭିନ୍ନ ବର୍ଗଙ୍କୁ ନେଇ ଶୁକ୍ରବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଅଗାମୀ ଦିନରେ ଜିଲାରେ ପଲିଥିନ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏହି ପ୍ରଶିକ୍ଷଣ ଶିବିରରେ ପୌର ନିର୍ବାହୀ ଅଧିକାରୀ ଏମ୍. ନିଳକଣ୍ଠ ନାଇଡୁଙ୍କ ଅଧକ୍ଷତା କରିଥିଲେ। ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନିଲ କୁମାର ମିଶ୍ର, ଜିଲା ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ମୁନିସିପାଲିଟି ସାନିଟେରୀ ଏକ୍ସପର୍ଟ ଲିଙ୍ଗରାଜ ପାଳ ପ୍ରମୁଖ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଏଥିରୁ ଜୈବିକ ସାର ଏବଂ ଗୃହପୋକରଣ ସାମଗ୍ରୀ ପ୍ରସ୍ତୁତ ନେଇ ତାଲିମ ପ୍ରଦାନ କରିଥିଲେ । ଘରର ଅଳିଆ ଆବର୍ଜନା, ଭଙ୍ଗା ପ୍ଲାଷ୍ଟିକ, ଲୁହା ଏବଂ ଅଦରକାରୀ ଜିନିଷ ଏଣେତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା, ସଫେଇ କର୍ମଚାରୀ ଏହାକୁ ନେଇ ଡମ୍ପିଂ ୟାର୍ଡରେ ପକାଇବା ପରେ ସେଠାରେ ଏହି ବଜ୍ୟବସ୍ତୁକୁ ଚିହ୍ନଟ କରାଯାଇ ସଂଗ୍ରହ କରି ଏହାକୁ ବିଭିନ୍ନ କାରଖାନାକୁ ପଠାଇ ଘରପୋକରଣ ତିଆରି କରାଯାଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସଫେଇ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପୌର ପରିଷଦର କର୍ମଚାରୀ ଏବଂ ଜନ ପ୍ରତିନିଧି ଏହି ଶିବିରରେ ସାମିଲ ହୋଇଥିଲେ। ଏଥିସହ ମାଲକାନଗିରି ପୌର ପରିଷଦ ବିଭିନ୍ନ ବ୍ଲକ ସଦର ମହକୁମାରେ ପଲିଥିନ ବ୍ୟବସାୟୀଙ୍କୁ ଗତ ଗାନ୍ଧି ଜୟନ୍ତୀ ରେ ପଲିଥିନ ବର୍ଜନ ନେଇ ସଚେତନ କରି ଏହାକୁ ବ୍ୟବହାର ଏବଂ ବିକ୍ରି ନ କରିବା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ତାହା ବାସ୍ତବରେ କାର୍ଯ୍ୟକାରୀ ହୋଇନାହିଁ। ଆଗାମୀ ଦିନରେ ବ୍ୟବସାୟୀମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବ୍ଲକ ସ୍ତରରେ ସ୍କ୍ୱାଡ୍ ଗଠନ କରାଯିବ। ସ୍କ୍ୱାଡରେ ପୋଲିସ, ବନ ବିଭାଗ, ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ ଏବଂ ବ୍ଲକ କର୍ମଚାରୀ ରହିବେ ବୋଲି ନିର୍ବାହୀ ଅଧିକାରୀ ନାଇଡୁ କହିଛନ୍ତି।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳୀ



**ସ୍ୱର୍ଗତା କୃଷ୍ଣା କୁମାରୀ ରଥ**
ସ୍ୱାମୀ– ଉମା ଗୁରଣ ରଥ
(Retd. Senior Supt. Jail)
Jyoti nagar 1st lane, Berhampur(GM)
ଆବିର୍ଭାବ: ୨୦।୦୨।୧୯୪୯
ତିରୋଧାନ: ୧୯।୦୬।୨୦୧୮
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମର ସ୍ନେହ, କର୍ତ୍ତବ୍ୟ, ପ୍ରେରଣା ଆମ୍ଭମାନଙ୍କର ସବୁବେଳେ ସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାକୁ ଶ୍ରୀଜଗନ୍ନାଥ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ।
**ଶୋକସନ୍ତପ୍ତ:**
ପୁଅ: ଶିଶିର, ସଞ୍ଜୀବ, ଝିଅ: କିରଣ, ରଶ୍ମି, ଶର୍ମିଳା, ଜ୍ୱାଇଁ: ଶରତ, ବିଷ୍ଣୁ, ଅଶେଷ, ବୋହୂ, ନାତି– ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ–୪୯୨୯୮

### ଗଙ୍ଗା ଶ୍ରାଦ୍ଧ



**ସ୍ୱର୍ଗତା ମିନତୀ ମହାପାତ୍ର**
ଗ୍ରାମ– ତାଲମାଲ, ଜିଲ୍ଲା– ଝାରସୁଗୁଡ଼ା
ଆବିର୍ଭାବ: ୧୯୧୪
ତିରୋଧାନ: ୨୮।୦୫।୨୦୧୯
ଆପଣଙ୍କ ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା
**ଶୋକସନ୍ତପ୍ତ**
ପୁତ୍ର– ଲୋଚନ ମହାପାତ୍ର, ସମସ୍ତ ବନ୍ଧୁ ଓ ମହାପାତ୍ର ପରିବାରବର୍ଗ।
ଧ–୧୨୮୮୬

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ମାଗୁଣି ଜେନା**
ଭିଏସ୍ଏସ୍ ନଗର, ୱାର୍ଡ଼ ନଂ.୯, ବରଗଡ଼
ଆବିର୍ଭାବ: ୨୭।୧୨।୧୯୪୨
ତିରୋଧାନ: ୩୦।୦୫।୨୦୧୯
ତୁମେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ସ୍ୱର୍ଗାରୋହଣ କଲ। ଆଜି ତୁମର ଦଶାହ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶୋକସନ୍ତପ୍ତ:**
ପୁଅ–ସୁଧି ରଞ୍ଜନ, ସୋମ ଭୂଷଣ, ଶୁଭ୍ରକାନ୍ତ, ଶମ୍ଭୁ ନାରାୟଣ ଓ ପରିବାରବର୍ଗ।
ଧ–୧୨୮୮୫



## ସଂକ୍ଷେପରେ

### ବିଏସଏଫ ପକ୍ଷରୁ ଶହୀଦ ଦିବସ ପାଳିତ

ମାଲକାନଗିରି,୭।୬(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଏମ.ଭି-୩ଠାରେ ୧୬୦ ବାଟାଲିୟନର ବିଏସଏଫ ବାହିନୀ ପକ୍ଷରୁ ପ୍ରଥମ ଶହୀଦ ଶିଖ ଗୁରୁ ଅର୍ଜୁନ ଦେବ ଜୀଙ୍କ ୩୧୩ତମ ଶହୀଦ ଦିବସ ପାଳିତ ହୋଇଛି । ବିଏସଏଫ ଡିଆଇଜି ସତବିନ୍ଦର ପାଲ ସିଂ ସାନ୍ଧୁଙ୍କ ନେତୃତ୍ୱରେ ଶୁକ୍ରବାର ସକାଳେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣକରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କମାଣ୍ଡାଣ୍ଟ ତୀର୍ଥ ଆଚାର୍ଯ୍ୟ, ଡେପୁଟି କମାଣ୍ଡାଣ୍ଟ ଶିବ ଭାସ୍କର ତିୱାରୀ, କୃଷ୍ଣଚନ୍ଦ୍ର ନିଆଲ, ମେଡିକାଲ ଅଫିସର ଡା.ଉମେଟ ୟାରାଗାଟି, ଇନ୍ସପେକ୍ଟର ମନୋଜ କୁମାର ସିଂ ଓ ଏସ.ଆଇ ମୁକେଶ କୁମାରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଶିଖ ଗୁରୁ ମୋଗଲମାନଙ୍କ ଦ୍ୱାରା ଶହୀଦ ହୋଇଥିବାରୁ ଦେଶରେ ବିଏସଏଫ ପକ୍ଷରୁ ପ୍ରତ୍ୟେକ ବର୍ଷ ତାଙ୍କ ବଳିଦାନକୁ ଶହୀଦ ଦିବସ ରୂପେ ପାଳନ କରାଯାଉଛି।

### ୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ମାଲକାନଗିରି,୭।୬(ଡି.ଏନ.ଏ.) ମାଲକାନଗିରି ପୋଲିସ ଗଞ୍ଜେଇ ଚୋରା ଚାଲାଣ ବେଳେ ୫କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ବ୍ୟବହୃତ ଟ୍ରକକୁ ମଧ ଜବତ କରାଯାଇଛି। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଟ୍ରକ ଡ୍ରାଇଭର ମନୋଜ କୁମାର ପଟ୍ଟନାୟକ(୨୩) ଓ ମୋତିଲାଲ ମଣ୍ଡଳ(୪୫)। ମନୋଜଙ୍କ ଘର କାଲିମେଳା ଥାନା ଅନ୍ତର୍ଗତ ଏମ.ପି.ଭି-୨୩ ଗ୍ରାମରେ ହୋଇଥିବା ବେଳେ ମୋତିଲାଲଙ୍କ ଘର ଏମ.ପି.ଭି-୨୯ ଗ୍ରାମରେ ବୋଲି ଏକ ଖବରଦାତା ସମ୍ମିଳନୀରେ ଏସପି ଜଗ ମୋହନ ମୀନା କହିଛନ୍ତି। ଗୁରୁବାର ସକାଳେ ଶିଖପାଲ୍ଲୀ ଛକ ନିକଟରେ ଏସ.ଆଇ. କୁନାଲ କୁମାରଙ୍କ ନେତୃତ୍ୱରେ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏକ ଟାଟା ୪୦୭ ଟ୍ରକ (ସି.ଜି ୦୯ ଜେ.ଏଚ ୦୬୨୫)କୁ କର୍ମଚାରୀମାନେ ଅଟକାଇଥିଲେ। ଟ୍ରକକୁ ଯାଞ୍ଚ କରିବାରୁ ଏଥିରେ ବିପୁଳ ପରିମାଣରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା । ପରେ ଗଞ୍ଜେଇ ସହ ଟ୍ରକ ଜବତ କରି ଉପରୋକ୍ତ ୨ଜଣଙ୍କୁ ଗିରଫ କରାଯାଇଥିଲା। ଓଜନ କରିବାରୁ ମୋଟ ୫ କୁଇଣ୍ଟାଲ ଗଞ୍ଜେଇ ରହିଥିବା ଜଣାପଡ଼ିଥିଲା। କେସ ନମ୍ବର ୧୨୪/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସପି ମୀନା କହିଛନ୍ତି।



# CLASSIFIED DISPLAY

## TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

LOAN
ମହିଳା ମିତ୍ର ସମୂହ ଋଣ
2500 - 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍‌ନୀ - 9119072218
ଶାଲିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ASTROLOGY ASTROLOGY

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

TO LET TO LET

AVAILABLE FOR RENT / LEASE



3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION
Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com



## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





GHADAI RESIDENTIAL
JUNIOR & DEGREE SCIENCE COLLEGE, MALKANGIRI
RECOGNIZED BY GOVT. OF ODISHA UNDER C.H.S.E., BHUBANESWAR
(A COLLEGE FOR BOTH DAY-SCHOLAR AND RESIDENTIAL STUDENTS)
ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାଫଳ : ୨୦୧୯
ମାଲକାନଗିରି ଜିଲ୍ଲାରେ ସର୍ବୋଚ୍ଚ ନମ୍ବର, ସର୍ବାଧିକ ପ୍ରଥମ ଶ୍ରେଣୀ ଓ ପାସ୍ ହାରରେ ଘଡେଇ ମହାବିଦ୍ୟାଳୟ ପ୍ରଥମ
TOPPER
ARATI SARKAR
1st CLASS - 39
2nd CLASS - 66
3rd CLASS - 69
ଯୁକ୍ତ ଦୁଇ ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ଘଡେଇ ଆବାସିକ ମହାବିଦ୍ୟାଳୟ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି। ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାପାଇଁ ଘଡେଇ ମହାବିଦ୍ୟାଳୟର ଏକ ନିର୍ଦ୍ଦିଷ୍ଟ କ୍ୟାମ୍ପସ୍‌ରେ ଆଠଟି ଆକର୍ଷଣୀୟ କୋଠା ମଧ୍ୟରେ ଏକ ମନଲୋଭା ଉତ୍ତମ ଓ ସୁନ୍ଦର ପରିବେଶ ସୃଷ୍ଟି କରିଛି। ଛାତ୍ରଛାତ୍ରୀମାନଙ୍କର ଉତ୍ତମ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ମହାବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନ, ଚରିତ୍ର ଗଠନ ସହ ଶାରୀରିକ, ମାନସିକ, ଶିକ୍ଷା ଓ ଶୃଙ୍ଖଳାକୁ ପ୍ରାଧାନ୍ୟ ଦେଇ ଅଭିଭାବକଙ୍କ ହୃଦୟ ମଧ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ମହାବିଦ୍ୟାଳୟର ନିର୍ଦ୍ଧାରିତ ନୀତି ନିୟମ ଆଦର୍ଶ ଓ ସୁପରିଚାଳନା ଦ୍ୱାରା ଅନୁପ୍ରାଣିତ ଓ ଆକର୍ଷିତ ହୋଇ ଛାତ୍ରଛାତ୍ରୀମାନେ ସଫଳତାର ଶୀର୍ଷରେ ପହଞ୍ଚି ପାରୁଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ଥିବା ଶ୍ରେଣୀଗୃହ, ଛାତ୍ରାବାସ, ଭୋଜନାଳୟ, ଖେଳ ପଡିଆ, ପାଠାଗାର ଓ ପ୍ରୟୋଗଶାଳାର ସୁବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀମାନଙ୍କର ପ୍ରାଣୀକ ଶିକ୍ଷା ସକାଶେ ଖେଳ ପଡିଆ ସ୍ପୋର୍ଟ କ୍ଲବ, ଯୋଗଶାଳା ଏବଂ ଆଧାତ୍ମିକ ଶିକ୍ଷା ନିମନ୍ତେ ସତ୍‌ସଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ହୋଇଥାଏ। ପ୍ରତ୍ୟେକ ଶିକ୍ଷାବର୍ଷରେ ମହାବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ପରୀକ୍ଷାଫଳ ନିର୍ଭର କରୁଥିବା ସତ୍ତ୍ୱେ ଏହି ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉତ୍ତମ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଭିଜ୍ଞ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଯୁକ୍ତ ଦୁଇ ବିଜ୍ଞାନ ଫଳାଫଳକୁ ଅକ୍ଷୁଣ୍ଣ ରଖିପାରିଛି। ଚଳିତ ବର୍ଷ ଏହି ମହାବିଦ୍ୟାଳୟରେ ୧୯୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୯ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ମହାବିଦ୍ୟାଳୟର ଛାତ୍ରୀ ଆରତୀ ସରକାର ସର୍ବୋଚ୍ଚ ୪୯୧ ନମ୍ବର ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ରଖି ପାରିଛନ୍ତି।
ସୁରେଶ ଚନ୍ଦ୍ର ଘଡ଼େଇ, ମୁଖ୍ୟ ପରିଚାଳକ
ଘଡେଇ ଆବାସିକ ମହାବିଦ୍ୟାଳୟ, ମାଲକାନଗିରି
1ST DIVISION
AJAY MONDAL
A SWAPNA
ARATI SARKAR
ARUPANANDA SAHOO
B DEEPIKA
BANDANA DAKUA
BHAGIRATHI HALDAR
BIKRAM MONDAL
BILASINI AJMERA
BINAY HIRA
CHADU GAIN
DEEPAK GAIN
DIBAKAR MITRA
DIYUT GARLE
HIRAMAN MISTRY
KAPIL BALDI
KRUSHNA CHANDRA NAG
LALIT KU GIRI
LAXMI KANTA MAJHI
MANATOSH SANA
PALASH BISWAS
PALASH RANJAN PAUL
PRAMOD KU BUTHA
PREETY PATRA
SABITRI DAS
SADHU KIRSANI
UMAKANTA OJHA
SUSANTA MALI
SURAJ SAMADDAR
SURAJ BANIK
SUBHASIS PAL
SUBHASIS JENA
SHYAMAL MONDAL
SATYAJIT MISTRY
SANTANU MAHANKUDA
SANGITA RAY
SANDHYA RANI NAYAK
SANDHYA RANI KABASI
SAI KRISHNA BASANTIA
2ND DIVISION
UTPAL SARKAR
TUSUR BAIDYA
TARAK MONDAL
SWATA PADMA PATRA
SUVANKAR MONDAL
SUSMITA PATTNAYAK
SUPRIYA PRIYADARSINI GHADAI
SUMIT MANDAL
SUKANTI DUDI
SUDEEP SARDAR
SUBHASHREE MIRGAN
STUTISNIGDHA MAHANTA
SOMALINA PATRA
SINOY KACHIM
SHANTI MALLICK
SAHID KUMAR CHOPADI
SABITA SUKRI
RASHMITA TAPALI
RAKHI MONDAL
RAJEEB ADHIKARI
RAHUL BANIK
RACHITA SWAIN
PUSPA BAIRAGI
PRIYANKA BAIN
PRATAP MISTRY
PRAKASH BISWAS
PRADIPTA BISWAS
PRADEP KUMAR KOPE
PRABHA SINI BEHERA
PINTU BISWAS
PAYAL BAIRAGI
PAWAN HANSDA
NRUSINGHA MADKAMI
NITU BISWAS
NANDITA BANIK
NAGESWAR SAHU
MONALISHA BANIK
MANAS KU BAISNAB
MALAYA RANJAN SETHY
MAHANANDNA MONDAL
LIPISMITA MANDAL
LAXMAN BADANAYAK
KISHORE CHANDRA GALORI
KANKAN MONDAL
JYOTI SARDAR
JYOTI RANJAN MAHAPATRA
JAYANTA SARDAR
JAMI YAMINI
JAGAMOHAN BISOI
J TRIBANI
DEEP BAIN
DEBASHREE GAIN
CHUMKI DEBNATH
CHANDANA BISWAS
CHANDAN SAHU
BIPUL SARKAR
BIPUL GOLDAR
BINAY MANDAL
BAISAKHI JENA
ASHUTOSH PATTNAIK
APARAJITA CHOUDHURY
AMULYA PRIYADARSHI KHETRIYA
AJAYDEV SISA
AJAY JANI
AJAY BISWAS
ABHIJIT BARKANDAJ
3RD DIVISION
V JABAMAYI RAJU
U KIRTI
SWAPNIL HANS
SUSMITA SARDAR
SUSMITA BAIDYA
SUJAY SARKAR
SUJAY RAY
SUBHASIS PRADHAN
SIPRA SARDAR
SIDDHANTA MISTRY
SIBARAJ MADKAMI
SIBANI KIRTANIYA
SHILPA MALLICK
SHIBASHREE MISTRY
SEKH SIME
SATYA PRAKASH
SASMITA SHILL
SAGAR SARKAR
RINKI DAS
RESHMA MONDAL
RASMITA MANDAL
RASHMI RANJAN BISOYI
RANJITA BHAKTA
RAM PRASAD PADOI
RAJIB BHAKTA
RAJESH PUJARI
RAJ KRISHNA BHUMIA
RAJ KAMAL TAPALI
RAHUL SARKAR
RAHUL BAIRAGI
PUSPANJALI MAJHI
PRIYANKA MONDAL
PRIYA BAIDYA
PRASANJIT SHIL
PRADEEP PARAMANIK
PHULA NAYAK
PADLAM NAYAK
MONALISHA PANDA
MITA TAPALI
KASTURI BAI GOLPEDA
KANKAN MANDAL
JYOTI BISWAS
JYOTI BAIRAGI
JAYRAM
JASMIN SAMAL
J G POOJA RANI
ISMITA SARDAR
GOBINDA DEBNATH
GANESWAR PRADHAN
GANESH NARAYAN
DONA JENA
DISHA DURUKA
DHIRAJ MISTRY
DEBIKA ROY
CHANDINI PADIAMI
CHAMPA MAJUMDAR
BITU MAJUMDAR
BITU DAS
BISHAL MONDAL
BIPLOB MONDAL
BIKRAM MANDAL
BIDYUT MISTRY
BHABESH NATH
BANDANA MONDAL
ASHOK GHARAMI
ARPITA SARKAR
ANUPAMA DEWAN
AKANKSHYA P HASDA
ABHIJIT SARDAR



“କର୍ଣ୍ଣାଟକରେ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଶାସନ କରି ନ ପାରିଲେ କ୍ଷମତା ଛାଡ଼ିଦିଅନ୍ତୁ।

-ବି.ଏସ୍. ୟେଦ୍ୟୁରପ୍ପା, ବରିଷ୍ଠ ଭାଜପା ନେତା



■ ନ୍ୟାୟ ପାଇଁ ସୋସିଆଲ ମିଡିଆରେ ଅଭିଯାନ

# ଦେଶବ୍ୟାପୀ ଆକ୍ରୋଶ, ବିକ୍ଷୋଭ

ଆଲିଗଡ଼/ନୂଆଦିଲ୍ଲୀ,୭।୬(ପି.ଟି.)


ଆଖି ଦୁଇଟିକୁ ନଷ୍ଟ କରିଦିଆଯାଇଛି, ମସ୍ତିଷ୍କକୁ ଗଳିତ କରାଯାଇଛି ଓ ହାତଗୋଡ଼ ଭାଙ୍ଗି ଦିଆଯାଇଛି। ବଳାତ୍କାରକୁ ଅସ୍ୱୀକାର କରାଯାଇ ପାରୁନାହିଁ। ନାବାଳିକଙ୍କ ମୃତଦେହର ବ୍ୟବଚ୍ଛେଦ ରିପୋର୍ଟରୁ ଏହି ବିଷୟ ସାମ୍ନାକୁ ଆସିବା ପରେ ଠଉରାଇ ହୋଇଯାଉଛି ବର୍ବରତା ଓ ନିର୍ମମତାର କେତେ ସୀମା ଲଂଘିଛନ୍ତି ହତ୍ୟାକାରୀ ଜାହିଦ ଓ ଅସ୍‌ଲମ୍। ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ଭଳି ଏକ ଲଜ୍ଜାଜନକ ଘଟଣା ଉତ୍ତରପ୍ରଦେଶ(ୟୁପି)ର ଆଲିଗଡ଼ରେ ଘଟିଛି। ମାତ୍ର ୧୦ ହଜାର ଟଙ୍କା ପାଇଁ ଜଣେ ଅଢ଼େଇ ବର୍ଷର ଶିଶୁକନ୍ୟାକୁ ହତ୍ୟା କରାଯାଇଛି। ହତ୍ୟା ପୂର୍ବରୁ ତାଙ୍କୁ ବଳାତ୍କାର ମଧ୍ୟ କରାଯାଇଥିବା ସନ୍ଦେହ କରାଯାଉଛି। ନିଖୋଜ ନାବାଳିକାଙ୍କ ମୃତଦେହ ମିଳିବା ପରେ କେବଳ ଆଲିଗଡ଼ ନୁହେଁ, ବରଂ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱର ଉଠିଛି। ସୋସିଆଲ




ମିଡିଆରେ ନାବାଳିକାଙ୍କ ନ୍ୟାୟ ଦାବିରେ ଅଭିଯାନ ଜୋର୍ ଧରିବା ସହ ଜାତୀୟ ରାଜନୀତି ମଧ୍ୟ ସରଗରମ ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଆଲିଗଡ଼ ଘଟଣାକୁ ନେଇ ସେ ସ୍ତବ୍ଧ ଓ ବିଚଳିତ। ଜଣେ ଶିଶୁକନ୍ୟାଙ୍କୁ ଜଣେ ମଣିଷ ଏତେ ନିର୍ମମ ବ୍ୟବହାର କିପରି କରିପାରେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଟୁଇଟରରେ ରାହୁଲ ଦାବି କରିଛନ୍ତି। ତାଙ୍କ ଭଉଣୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ଆଲିଗଡ଼ର ନିର୍ମମ ହତ୍ୟା ଆଉ ଏକ ଅମାନବୀୟ କାଣ୍ଡ ଓ ନିରୀହ ଶିଶୁ ବିରୋଧରେ ଅକଥନୀୟ ଅପରାଧ। ତାଙ୍କ ମା'ବାପା ଏଥିରୁ କିପରି କଷ୍ଟ ପାଉଥିବେ ତାହା ଅନୁଭବ କରିହେଉଛି। ସେହିପରି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଏହାକୁ ଅତ୍ୟନ୍ତ ଲଜ୍ଜାଜନକ ଓ ଦୁଃଖଦ ଘଟଣା ଭାବେ ଅଭିହିତ କରି ଉତ୍ତରପ୍ରଦେଶ ସରକାର ଅଭିଯୁକ୍ତଙ୍କୁ ତୁରନ୍ତ ଦଣ୍ଡିତ କରନ୍ତୁ ବୋଲି ଦାବି କରିଛନ୍ତି। ସେଲିବ୍ରିଟିମାନେ ମଧ୍ୟ ଏହି କାଣ୍ଡକୁ ନିନ୍ଦା କରି ପୀଡ଼ିତାଙ୍କ ପାଇଁ ନ୍ୟାୟ ମାଗିଛନ୍ତି। ଅଭିନେତା ଅକ୍ଷୟ କୁମାର ଟୁଇଟ୍ କରିଛନ୍ତି, ଆଲିଗଡ଼ ଘଟଣାକୁ ନେଇ ସେ ଆତଙ୍କିତ ଓ କ୍ରୋଧିତ। ଆମ ପିଲାଙ୍କ ପାଇଁ ଯେପରି ଦୁନିଆ ଚାହୁଁ, ନିଶ୍ଚିତ ଭାବେ ଏହା ତାହା ନୁହେଁ। ଅପରାଧୀଙ୍କୁ ଦଣ୍ଡ ମିଳୁ। ସୋସିଆଲ ମିଡିଆରେ ଅଭିଷେକ ବଚ୍ଚନ ଲେଖିଛନ୍ତି, ଏଭଳି ହୀନ କାର୍ଯ୍ୟ କରିବା ପାଇଁ ଜଣେ କିପରି ଚିନ୍ତା କରିପାରେ। ନିନ୍ଦା ପାଇଁ ଭାଷା ନାହିଁ। ସେହିପରି ଅଭିନେତ୍ରୀ ସୋନମ କପୁର ଆହୁଜା କହିଛନ୍ତି, ଆଲିଗଡ଼ ଝିଅ ଉପରେ ଯାହା ବିତିଛି ତାହା ହୃଦୟ ବିଦାରକ ଓ ଭୟଙ୍କର। ଶିଶୁ ପାଇଁ ପ୍ରାର୍ଥନା। ଏହାକୁ ସ୍ୱାର୍ଥପର ଏଜେଣ୍ଡା ଭାବେ ବ୍ୟବହାର କରା ନ ଯାଉ। ଶିଶୁକନ୍ୟା ନାମରେ ଟୁଇଟରରେ ଏକ ହ୍ୟାସ୍‌ଟ୍ୟାଗ୍ ଟ୍ରେଣ୍ଡ କରିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏହାକୁ ନେଇ ୫୦ ହଜାର ଟୁଇଟ୍ କରାଯାଇଥିବା ଜଣାପଡ଼ିଛି।

ଆଲିଗଡ଼ ଲଜ୍ଜା





ଅକ୍ଷୟ କୁମାର | ସୋନମ୍ କପୁର | ଅଭିଷେକ ବଚ୍ଚନ

## କୁନିଝିଅଠୁ ନେଲେ ଅପମାନର ପ୍ରତିଶୋଧ

**ଆଲିଗଡ଼,୭।୬:** ଆଲିଗଡ଼ରୁ ପ୍ରାୟ ୫୦ କି.ମି. ଦୂର ତପ୍ପାଲ ସହର। ମେ ୩୦ ତାରିଖରେ ହଠାତ ନିଖୋଜ ହୋଇଯାଇଥିଲେ ଜଣେ ଅଢ଼େଇ ବର୍ଷୀୟା ଝିଅ। ପରିବାର ଲୋକ ଓ ସମ୍ପର୍କୀୟମାନେ ଖୋଜାଖୋଜି କରିବା ପରେ ବି ମିଳେନି ନାବାଳିକାଙ୍କ ପତ୍ତା। ପରଦିନ ପରିବାର ପକ୍ଷରୁ ଥାନାରେ ରିପୋର୍ଟ କରାଯାଏ । ଜୁନ୍ ୨ ତାରିଖରେ ତାଙ୍କ ଘର ନିକଟ ଏକ ଅଳିଆ ଗଦାରେ ଘଟେ ଏକ ଅସ୍ୱାଭାବିକ ଘଟଣା। ଅଳିଆ ଭିତରୁ ବୁଲା କୁକୁରମାନେ କିଛି ଗୋଟେ ଟାଣୁଥିବା ଜଣେ ମହିଳା ଦେଖିବାକୁ ପାଆନ୍ତି। ଅନୁଧ୍ୟାନରୁ ଜଣାପଡ଼େ କୁକୁର ଟାଣୁଥିବା କପଡ଼ା ଭିତର ଜିନିଷ ଏକ ଶିଶୁର ମୃତଦେହ ବୋଲି। ପୋଲିସ ଆସି



ଗିରଫ ୨ ଅଭିଯୁକ୍ତ

ଶବ ବ୍ୟବଚ୍ଛେଦ ପାଇଁ ପଠାଏ। ତନାଘନା ପରେ ଗିରଫ ହୁଅନ୍ତି ୨ ଅଭିଯୁକ୍ତ ଜାହିଦ ଓ ଅସ୍‌ଲମ୍। ଜେରାବେଳେ ଦୁହେଁ ଅପରାଧ ସ୍ୱୀକାର କରନ୍ତି। ସାମ୍ନାକୁ ଆସେ ସବୁ କଥା। ଜାହିଦଙ୍କ କହିବାନୁସାରେ ସେ ଶିଶୁକନ୍ୟାଙ୍କ ଜେଜେବାପାଙ୍କଠାରୁ ୫୦ ହଜାର ଟଙ୍କା ଧାର ନେଇଥିଲେ। ୪୦ ହଜାର ଶୁଝିସାରିଥିବାବେଳେ ଆଉ ୧୦ ହଜାର ବାକି ଅଛି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ ନେଇ ଅପମାନର ପ୍ରତିଶୋଧ ପାଇଁ ଜାହିଦ ପଣ କରିଥିଲେ। ଶେଷରେ ନିରୀହ ଶିଶୁକନ୍ୟାଙ୍କୁ ଅପହରଣ କରି ହତ୍ୟା କରିଥିଲେ। ଏହି ନାରକୀୟ କାଣ୍ଡରେ ତାଙ୍କୁ ସାହାଯ୍ୟ କରିଥିଲେ ଅସ୍‌ଲମ୍। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ସତ। ହେଲେ ନିଖୋଜ ଖବର ପାଇବା ପରେ ତ୍ୱରିତ ତତ୍ପରତା ପ୍ରକାଶ କରି ଖୋଜାଖୋଜି କରିଥିଲେ ହୁଏତ ଶିଶୁକନ୍ୟାଙ୍କ ଜୀବନ ବଞ୍ଚାଯାଇ ପାରିଥାନ୍ତା।

## ୬ କ୍ୟାବିନେଟ କମିଟିରେ ରାଜନାଥ



ବଦଳିଲା ବିଜ୍ଞପ୍ତି

ଇସ୍ତଫା ପ୍ରସ୍ତାବକୁ ଖଣ୍ଡନ

ନୂଆଦିଲ୍ଲୀ,୭।୬

କେନ୍ଦ୍ର ସରକାର ପ୍ରକାଶ କରିଥିବା କ୍ୟାବିନେଟ କମିଟି ସମ୍ପର୍କିତ ବିଜ୍ଞପ୍ତିରେ ପରିବର୍ତ୍ତନ କରିଛନ୍ତି। ଗୁରୁବାର ପ୍ରକାଶିତ ବିଜ୍ଞପ୍ତିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ମାତ୍ର ୨ଟି କ୍ୟାବିନେଟ କମିଟିରେ ସଦସ୍ୟ ରଖାଯାଇଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ସମସ୍ତ ୮ଟି କମିଟିରେ ନିଆଯାଇଥିଲା। ଏହାକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ହେବା ପରେ ସରକାର ଶୁକ୍ରବାର ବିଜ୍ଞପ୍ତିରେ ସଂଶୋଧନ କରି ରାଜନାଥଙ୍କୁ ରାଜନୈତିକ ବ୍ୟାପାର, ସଂସଦୀୟ ବ୍ୟାପାର ସମେତ ନୂଆ ଗଠନ ହୋଇଥିବା ପୁଞ୍ଜିନିବେଶ ଓ ନିଯୁକ୍ତି ବୃଦ୍ଧି ସମ୍ପର୍କିତ କ୍ୟାବିନେଟ କମିଟିରେ ସାମିଲ କରିଛନ୍ତି। ପୂର୍ବ ବିଜ୍ଞପ୍ତିରେ ରାଜନାଥ କେବଳ ସୁରକ୍ଷା ଏବଂ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟିରେ ସ୍ଥାନ ପାଇଥିଲେ। ଅନ୍ୟପକ୍ଷରେ ରାଜନାଥ ସିଂ ମନ୍ତ୍ରୀପଦ ଛାଡ଼ିବାକୁ ଧମକ ଦେବାରୁ ତାଙ୍କୁ ୬ଟି କ୍ୟାବିନେଟ କମିଟିରେ ନିଆଗଲା ବୋଲି ପ୍ରକାଶ ପାଇଥିବା ଖବରକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇଛି।

ଭାଜପା ଅଧ୍ୟକ୍ଷ ଶାହ ୮ଟି କମିଟିରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬ଟି କମିଟିରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୭ଟିରେ ଏବଂ ବାଣିଜ୍ୟ ଓ ରେଳମନ୍ତ୍ରୀ ପୀୟୂଷ ଗୋୟଲ ୫ଟି କମିଟିରେ ସଦସ୍ୟ ଅଛନ୍ତି। ପୂର୍ବ ସରକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ରାଜନାଥ ଦୁଇଥର ଭାଜପା ଅଧ୍ୟକ୍ଷ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମଧ୍ୟ ଥିଲେ। ନୂଆ ସରକାରରେ ତାଙ୍କୁ ରାଜନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟିରେ ନିଆଯାଇ ନ ଥିବା ଜଣାପଡିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଥିଲା।

■ ଦୁବାଇରେ ବସ୍ ଦୁର୍ଘଟଣା

## ୧୨ ଭାରତୀୟଙ୍କ ସହ ୧୭ ମୃତ

ଦୁବାଇ, ୭।୬(ପି.ଟି.)

ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ଦୁବାଇରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବାବେଳେ ସେଥିରେ ଥିବା ମୋଟ ୩୧ ଯାତ୍ରୀଙ୍କ ମଧ୍ୟରୁ ୧୭ ଜଣଙ୍କ ପ୍ରାଣହାନି ଘଟିଛି। ଏମାନଙ୍କ ମଧ୍ୟରେ ୧୨ ଜଣ ଭାରତୀୟ ଥିବା ଜଣାପଡ଼ିଛି। ଏଥିରେ ୯ ଜଣ ଗୁରୁତର ହୋଇ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ପ୍ରକାଶ। ବସ୍‌ଟି ରାସ୍ତାରେ ଥିବା ଏକ ସାଇନ୍‌ବୋର୍ଡ ସହ ଧକ୍କା ଖାଇ ଓଲଟି



ପଡ଼ିଥିଲା। ଏହି ରାସ୍ତା ବସ୍ ଲାଗି ଉଦ୍ଦିଷ୍ଟ ନ ଥିବାବେଳେ ଡ୍ରାଇଭର ଜାଣିପାରି ନ ଥିଲେ ବୋଲି ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି।

## ମାଳଦ୍ୱୀପ, ଶ୍ରୀଲଙ୍କା ଗସ୍ତରେ ମୋଦି

ନୂଆଦିଲ୍ଲୀ,୭।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାରଠାରୁ ଦୁଇଦିନିଆ ମାଳଦ୍ୱୀପ ଓ ଶ୍ରୀଲଙ୍କା ଗସ୍ତରେ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ପୁନଃନିର୍ବାଚିତ ହେବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ। ଦ୍ୱିରାଷ୍ଟ୍ର ଗସ୍ତର ପ୍ରଥମ ଚରଣରେ ମୋଦି ମାଲେରେ ପହଞ୍ଚି ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ୍ ମହମ୍ମଦ ସୋଲିହଙ୍କ ସହ ମିଳିତ ଭାବେ ଉପକୂଳ ଗୋଇନ୍ଦା ରାଡାର ସିଷ୍ଟମ ଏବଂ ମାଳଦ୍ୱୀପ ଜାତୀୟ ପ୍ରତିରକ୍ଷା ବାହିନୀ ପାଇଁ ମିଳିତ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରିବେ। ୨୦୧୬ରେ ମିଳିତ ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ ଉକ୍ତ ପ୍ରକଳ୍ପ ନିର୍ମାଣ ଲାଗି ଭାରତ ସହାୟତା ଯୋଗାଇ ଦେଇଥିଲା ବୋଲି ମାଲେରେ ଥିବା ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୟ ସୁଧୀର କହିଛନ୍ତି। ଏହା ବ୍ୟତୀତ ମାଳଦ୍ୱୀପ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ



ମୋଦି ଉଦ୍‌ବୋଧନ ଦେବେ। କୌଣସି ବିଦେଶୀ ଅତିଥିଙ୍କ ପାଇଁ ମାଳଦ୍ୱୀପ ପକ୍ଷରୁ ଏହା ବିରଳ ସମ୍ମାନ। ଏଥିସହିତ ପ୍ରଧାନମନ୍ତ୍ରୀଙ୍କୁ ମାଳଦ୍ୱୀପର ସର୍ବୋଚ୍ଚ ସମ୍ମାନ ନିଶାନ ଇଜୁଦ୍ଦିନ୍‌ରେ ସମ୍ମାନିତ କରାଯିବ। ମୋଦିଙ୍କ ଗସ୍ତ ଅବସରରେ ବିଭିନ୍ନ ସେକ୍ଟର ସହ ପ୍ରତିନିଧି ସ୍ତରୀୟ ଆଲୋଚନା ହେବା ସହ କେତେଗୁଡ଼ିଏ ରାଜିନାମା ଓ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହେବ ବୋଲି ରାଷ୍ଟ୍ରଦୂତ ସୂଚନା ଦେଇଛନ୍ତି। ସେଠାରୁ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ଅଭିମୁଖେ ଗସ୍ତ କରିବେ। ପ୍ରଥମେ ପଡୋଶୀ ନୀତିକୁ ଭାରତ ଗୁରୁତ୍ୱ ଦେଇଆସୁଛି ଏବଂ ଏହି ଗସ୍ତ ତାହାର ସୂଚନା ଦେଉଛି। ଦୁଇ ପଡୋଶୀ ଦେଶ ସହ ସମ୍ପର୍କକୁ ଅଧିକ ମଜଭୁତ କରିବା ତାଙ୍କ ଗସ୍ତର ଲକ୍ଷ୍ୟ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ଶ୍ରୀଲଙ୍କାକୁ ପୂର୍ଣ୍ଣ ସହାୟତା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

■ ୟୁପିରେ କାଳବୈଶାଖୀ ତାଣ୍ଡବ

## ଧୂଳିଝଡ଼ ନେଲା ୨୬ ଜୀବନ

ଲକ୍ଷ୍ନୌ, ୭।୬(ପି.ଟି.)

ଉତ୍ତରପ୍ରଦେଶର ଅନେକ ସ୍ଥାନରେ ଶୁକ୍ରବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଧୂଳିଝଡ଼ ସହ ବଜ୍ରପାତ ଯୋଗୁ ରାଜ୍ୟରେ ୨୬ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ୫୨ ଆହତ ହୋଇଛନ୍ତି। ଜୋର୍‌ରେ ପବନ ବହିବାରୁ ବହୁ ଘର ଓ କାନ୍ଥ ଭାଙ୍ଗିଯିବା ସହ ଅନେକ ଗଛ ଉପୁଡ଼ି ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ରିଲିଫ୍ ଅପରେଶନକୁ ଜୋର୍‌ଦାର କରାଯାଇଥିବା ପ୍ରକାଶ। କାଳବୈଶାଖୀରେ ମୈନ୍‌ପୁରୀ ଜିଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଅନେକ ଘର ଓ କାନ୍ଥ ଭାଙ୍ଗିଯାଇ ଥିବାବେଳେ ୮ ଜଣ ଲୋକଙ୍କ ପ୍ରାଣହାନି ଘଟିଛି। ରାସ୍ତା ଉପରେ ଗଛ ପଡ଼ିରହିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଜିଲାରୁ ପ୍ରାୟ ୪୧ ଜଣ ଏଥିରେ ଆହତ ହୋଇଥିବା ପ୍ରକାଶ।

ଗୁରୁବାର ରାତିରୁ ପବନ ଓ ବର୍ଷା ସହ ଘଡ଼ଘଡ଼ି କାଳ ସାଜିଥିଲା। ଲୋକେ ଶୋଇଥିବାବେଳେ ଘରର କାନ୍ଥ ଭାଙ୍ଗିବା, ଗଛ ଉପୁଡ଼ିବା ଓ ବଜ୍ରପାତ ହେବା ଭଳି ସମସ୍ୟା ଦେଖାଦେଇଥିଲା। ରାଜ୍ୟର ଏଟା ଓ କାସ୍‌ଗଞ୍ଜରେ ୩ ଜଣ ଲେଖାଏ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ମୋରାଦାବାଦ୍, ବଦାଉଁ, ପିଲିଭିତ୍, ମଥୁରା, କନୌଜ୍, ସମ୍ଭଲ ଓ ଗାଜିଆବାଦ୍‌ରେ ଜଣେ ଲେଖାଏ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବା ରାଜ୍ୟ ରିଲିଫ କମିଶନରଙ୍କଠାରୁ ଜଣାପଡ଼ିଛି।

କାଳବୈଶାଖୀ ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରପୀଡ଼ିତଙ୍କୁ ରିଲିଫ ସାମଗ୍ରୀ ତୁରନ୍ତ ଯୋଗାଇ ଦେବା ସହ ସେମାନଙ୍କ ଆବଶ୍ୟକତାକୁ ଧ୍ୟାନ ଦେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ମନ୍ତ୍ରୀ ଓ ଜିଲାପାଳଙ୍କୁ ମଧ୍ୟ ତଦାରଖ ଦାୟିତ୍ୱ ଅର୍ପଣ କରାଯାଇଛି। ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଘୋଷଣା କରିଛନ୍ତି।

### ନେପାଳରେ ୨ ମୃତ, ଶତାଧିକ ଆହତ

**କାଠମାଣ୍ଡୁ, ୭।୬(ପି.ଟି.):** ନେପାଳରେ ଭୟଙ୍କର ଝଡ଼ ଦେଖାଦେବାରୁ ଏହାର ପ୍ରଭାବରେ ୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ସୁଦୂରପଶ୍ଚିମ ପ୍ରଦେଶରେ ଏହାର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି। କୈଲାଳି ଓ କାଞ୍ଚନପୁର ଜିଲାରେ ଶତାଧିକ ଘର ଭାଙ୍ଗିଯାଇଛି। ଝଡ଼ ମାତ୍ର ୪୦ ମିନିଟ୍‌ରେ ତାଣ୍ଡବ ରଚିଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଲାଗି ବିଭିନ୍ନ ସ୍ଥାନରେ ନେପାଳ ପୋଲିସ ଓ ସେନାକୁ ନିୟୋଜିତ କରାଯାଇଛି।

[ଇତିହାସର ଆଇନାରେ]

### ଜୁନ୍ ୮ର ପ୍ରମୁଖ ଘଟଣା

୨୦୦୮ ଜୁନ୍ ୮ରେ ୟୁକ୍ରେନ୍‌ର ଏକ କୋଇଲା ଖଣିରେ ବିସ୍ଫୋରଣ ଯୋଗୁ ଅନ୍ୟୂନ ୩୭ ଖଣି ଶ୍ରମିକ ନିଖୋଜ ହୋଇଯାଇଥିଲେ। ୟୁକ୍ରେନ୍ ହେଉଛି ପୂର୍ବ ୟୁରୋପ୍‌ର ଏକ ଦେଶ। ୟୁକ୍ରେନ୍‌ର ଜନସଂଖ୍ୟା ୪କୋଟି ୨୫ଲକ୍ଷରୁ ଊର୍ଦ୍ଧ୍ୱ ଏବଂ ଏହା ବିଶ୍ୱର ୩୨ତମ ଜନବହୁଳ ଦେଶ। ଏହାର ରାଜଧାନୀ ଏବଂ ବୃହତ୍ତମ ନଗରୀ କେଭ୍ ଏବଂ ଏହାର ସରକାରୀ ଭାଷା ୟୁକ୍ରେନିୟାନ୍।

୨୦୦୯ ଜୁନ୍ ୮ରେ ଦୁଇଜଣ ଆମେରିକୀୟ ଖବରଦାତା ଉତ୍ତରକୋରିଆରେ ବେଆଇନ ଭାବେ ପ୍ରବେଶ କରିଥିବାରୁ ଦୁହିଁଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଥିଲା। ଉତ୍ତର କୋରିଆର ସରକାରୀ ନାମ ଡେମୋକ୍ରାଟିକ୍ ପିପୁଲ୍ସ ରିପବ୍ଲିକ୍ ଅଫ୍ କୋରିଆ। ଏହା ପୂର୍ବ ଏସିଆର ଏକ ଦେଶ। ଏହାର ରାଜଧାନୀ ପ୍ୟୋଙ୍ଗ୍ୟାଙ୍ଗ୍। ଏହା ଦେଶର ବୃହତ୍ତମ ନଗରୀ। ଏହାର ଉତ୍ତର ଓ ଉତ୍ତର-ପଶ୍ଚିମରେ ଚାଇନା ଓ ରୁଷିଆ ରହିଛି।

## ଏନ୍‌କାଉଣ୍ଟରରେ ଟଳିଲେ ୪ ଆତଙ୍କବାଦୀ

ଶ୍ରୀନଗର, ୭।୬

ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଶୁକ୍ରବାର ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ୪ ଜୈଶ୍-ଇ-ମହମ୍ମଦ(ଜେଇଏମ୍)ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ସ୍ୱତନ୍ତ୍ର ପୋଲିସ ଅଧିକାରୀ ଥିବା ଜଣାପଡ଼ିଛି। ଏମାନେ ଦୁଇଦିନ ନିଖୋଜ ହେବା ପରେ ଆତଙ୍କବାଦୀଙ୍କ ସହ ସାମିଲ ହୋଇ ଗୁପ୍ତଚରଗିରି କରୁଥିବା ଜଣାପଡ଼ିଛି। ସେନାପକ୍ଷରୁ ପଞ୍ଜ୍ରାନଠାରେ ଆତଙ୍କବାଦୀ ଲୁଚିଥିବା ଖବର ମିଳିବା ପରେ ସୁରକ୍ଷା କର୍ମୀ ଅଞ୍ଚଳକୁ ଘେରାବନ୍ଦୀ କର ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ସୁରକ୍ଷା କର୍ମୀ ଏହାର ଜବାବ୍ ଦେଇଥିଲେ। ଗୁଳିମାଡ଼ରେ ୪ ଆତଙ୍କବାଦୀ ଟଳିପଡ଼ିଥିଲେ। ସେମାନଙ୍କଠାରୁ ୩ ବନ୍ଧୁକ ସହ କେତେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ପୋଲିସ ମୁଖପାତ୍ର ପ୍ରକାଶ କରିଛନ୍ତି।

ନିହତ ଆତଙ୍କବାଦୀ ହେଲେ ପଞ୍ଜ୍ରାନ୍‌ର ଆଶିକ୍ ହୁସେନ୍ ଗନି ଓ ଅରିହଲ୍‌ର ଇମ୍ରାନ୍ ଅହମ୍ମଦ ଭଟ୍। ଦୁଇ ପୋଲିସ ଅଧିକାରୀ ହେଉଛନ୍ତି ଉଠ୍‌ମୁଲ୍ଲା ସୋପିଆନ୍‌ର ମହମ୍ମଦ ସଲ୍‌ମାନ୍ ଖାନ୍ ଓ ତୁଜାନ୍ ପୁଲ୍‌ୱାମାର ଶବିର ଅହମ୍ମଦ ଦର୍। ନିଖୋଜ ଦୁଇ ଏସ୍‌ପିଓ ଜିଲା ପୋଲିସ୍‌କୁ ଫେରି ରିପୋର୍ଟ ନ ଦେବାରୁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ଏମାନେ ଆତଙ୍କବାଦୀଙ୍କ ସହ ମିଶି କୁମନ୍ତ୍ରଣା ଆରମ୍ଭ କରିଥିଲେ। ପୋଲିସ ରେକର୍ଡରୁ ଜଣାପଡ଼ିଛି ଯେ, ଗନି ଓ ଭଟ ବିଭିନ୍ନ ଆତଙ୍କବାଦୀ ଘଟଣାରେ ସାମିଲ ଥିଲେ।



■ନିହତଙ୍କ ମଧ୍ୟରେ ୨ ପୋଲିସ

■୨ ଦିନ ପୂର୍ବରୁ ନିଖୋଜ ଥିଲେ

### ପାର୍ଲାମେଣ୍ଟ ଅଧିବେଶନ ସୋନିଆଙ୍କ ସହଯୋଗ ଲୋଡ଼ିଲେ ସରକାର

ନୂଆଦିଲ୍ଲୀ, ୭।୬(ପି.ଟି.):

ସଂସଦର ମୌସୁମୀ ଅଧିବେଶନ ଜୁନ୍ ୧୭ ତାରିଖରେ ଆରମ୍ଭ ହେଉଥିବାବେଳେ ଏହା ପୂର୍ବରୁ ସରକାର କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀଙ୍କ ସହଯୋଗ କାମନା କରିଛନ୍ତି। ଶୁକ୍ରବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୋନିଆଙ୍କୁ ତାଙ୍କ ବାସଭବନରେ ଭେଟି ଗୃହ ପରିଚାଳନାରେ ଦଳ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସୋନିଆ ମଧ୍ୟ ସମସ୍ତ ସହଯୋଗ ସରକାରଙ୍କୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଜୋଷୀଙ୍କ ସହ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ଅର୍ଜୁନ ରାମ ମେଘୱାଲ୍ ସାମିଲ ଥିଲେ। ଜୋଷୀ ରାଜ୍ୟସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଓ ଲୋକସଭାରେ ଡିଏମ୍‌କେ ନେତା ଟି.ଆର୍. ବାଲୁଙ୍କ ସହ ମଧ୍ୟ ଏନେଇ ଆଲୋଚନା କରିଛନ୍ତି।

## ୧୦୦ ସ୍ପାଇସ୍ ବୋମା କିଣିବ ଭାରତ

ନୂଆଦିଲ୍ଲୀ,୭।୬

ଇସ୍ରାଏଲ୍‌ରୁ ପାଖାପାଖି ୩୦୦ କୋଟି ଟଙ୍କା ବ୍ୟୟରେ ୧୦୦ରୁ ଅଧିକ ସ୍ପାଇସ୍ ୨୦୦୦ ବୋମା କିଣିବା ଲାଗି ଭାରତୀୟ ବାୟୁସେନା ଗୁରୁବାର ଚୁକ୍ତି ସ୍ୱାକ୍ଷର କରିଛି। ଫେବୃୟାରୀ ୨୬ରେ ପାକିସ୍ତାନର ବାଲାକୋଟରେ ଥିବା ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିବା ଲାଗି ବାୟୁସେନା ଏୟାରଷ୍ଟ୍ରାଇକ୍‌ରେ ଏହି ବୋମା ବ୍ୟବହାର କରିଥିଲା। ଚୁକ୍ତିନାମା ଅନୁଯାୟୀ ଜରୁରିକାଳୀନ ଭିତ୍ତିରେ ଇସ୍ରାଏଲ ଆଗାମୀ ୩ ମାସ ମଧ୍ୟରେ ଏହି ବୋମା ଯୋଗାଇଦେବ। ସ୍ପାଇସ୍ ବୋମାର ଗତିରୋଧ ସୀମା ୬୦ କିଲୋମିଟର ରହିଛି ଏବଂ ଦୃଶ୍ୟ ମେଳକ ଆଲ୍‌ଗୋରିଦମ୍ ଅନୁଯାୟୀ ଏହା ଲକ୍ଷ୍ୟସ୍ଥଳକୁ ଭେଦ କରିଥାଏ। ଇସ୍ରାଏଲ୍‌ର ରାଫାଲ ଆଡଭାନ୍ସଡ୍ ଡିଫେନ୍ସ ସିଷ୍ଟମ୍ସ ଏହି ବୋମାର ନିର୍ମାତା। କେନ୍ଦ୍ରରେ ନୂଆ ସରକାରଙ୍କର ଏହା ପ୍ରଥମ ପ୍ରତିରକ୍ଷା ଡିଲ୍। ଫେବୃୟାରୀ ୧୪ରେ ଜେଇଏମ୍ ଆତଙ୍କବାଦୀ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଆକ୍ରମଣ କରିବା ପରେ ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ବାଲାକୋଟରେ ଏୟାରଷ୍ଟ୍ରାଇକ୍ କରିଥିଲା। ମିରାଜ-୨୦୦୦ ଯୁଦ୍ଧବିମାନ ବାଲାକୋଟର ତିନୋଟି ସ୍ଥାନକୁ ଟାର୍ଗେଟ କରି ୫ଟି ସ୍ପାଇସ୍ ବୋମା ମାଡ଼ କରିଥିଲା। ୯୦୦ କିଲୋଗ୍ରାମ ଓଜନର ଇସ୍ପାତ ଆବରଣ ଭିତରେ ଥିବା ଏହି ବୋମାରେ ୮୦ କିଲୋଗ୍ରାମ ବିସ୍ଫୋରକ ରହିଥାଏ। ବାୟୁସେନାର ଏୟାରଷ୍ଟ୍ରାଇକରେ ଅଭୂତପୂର୍ବ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ପାକିସ୍ତାନ ଏହାକୁ ସ୍ୱୀକାର କରି ନ ଥିଲା।



■ଇସ୍ରାଏଲ ସହ ୩୦୦ କୋଟିର ଚୁକ୍ତି ସ୍ୱାକ୍ଷର

■ବାଲାକୋଟ ଏୟାରଷ୍ଟ୍ରାଇକରେ ବ୍ୟବହାର ହୋଇଥିଲା ଏହି ବୋମା

## ପ୍ରଥମ ପୃଷ୍ଠାରୁ...

### ୧୦ ହଜାର ପାଇଁ ...

ପ୍ରାୟ ୫୦ କି.ମି. ଦୂର ତପ୍ପାଲ ସହରରୁ ଜଣେ ଅଢ଼େଇ ବର୍ଷୀୟା କନ୍ୟା ମେ ୩୦ରେ ନିଖୋଜ ହୋଇଯାଇଥିଲେ। ଅଭିଯୋଗ କ୍ରମେ ଏହାର ଦିନକ ପରେ ପୋଲିସ ମାମଲା ରୁଜୁ କରିଥିଲା। ଗତ ୨ ତାରିଖରେ ନାବାଳିକାଙ୍କ ଘର ପାଖରେ ଥିବା ଏକ ଅଳିଆ ଗଦାରୁ ତାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ନାବାଳିକାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ତେବେ ହତ୍ୟା ପୂର୍ବରୁ ତାଙ୍କୁ ବଳାତ୍କାର କରାଯାଇଥିବା ମଧ୍ୟ ସନ୍ଦେହ କରାଯାଉଛି। ପୋଲିସ ଏନେଇ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକାଙ୍କ ଜେଜେବାପାଙ୍କଠାରୁ ଜାହିଦ ୫୦ ହଜାର ଟଙ୍କା ଧାର ନେଇଥିଲେ। ସେଥିରୁ ୧୦ ହଜାର ଟଙ୍କା ଫେରାଇବାରେ ବିଫଳ ହେବା ପରେ ବିବାଦ ହୋଇଥିଲା। ଏହାର ପ୍ରତିଶୋଧ ପାଇଁ ଶିଶୁକନ୍ୟାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ଜାହିଦ ଓ ଅସ୍‌ଲମ୍ ଜେରାବେଳେ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ମଧ୍ୟ ଧରିବା ପାଇଁ ପୀଡ଼ିତାଙ୍କ ବାପା ଦାବି କରିଛନ୍ତି। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅନଶନରେ ବସିବେ ବୋଲି ସେ ଚେତାବନୀ ଦେଇଥିବାବେଳେ ପୋଲିସ ଅଧିକାରୀମାନେ ଏଥିରୁ କ୍ଷାନ୍ତ ରହିବାକୁ ତାଙ୍କୁ ବୁଝାଶୁଝା କରିଛନ୍ତି। ପୋଲିସ ପକ୍ଷରୁ ଏକ ୬ ଜଣିଆ ଏସ୍‌ଆଇଟି ଗଠନ କରାଯାଇଛି। ତଦନ୍ତକାରୀ ଟିମ୍‌ରେ ଜଣେ ମହିଳା ଇନ୍ସପେକ୍ଟରଙ୍କୁ ସାମିଲ କରାଯାଇଛି। ଲକ୍ଷ୍ନୌ ଏଡିଜି (ଆଇନଶୃଙ୍ଖଳା) ଆନନ୍ଦ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଫାଷ୍ଟଟ୍ରାକ୍ କୋର୍ଟରେ ଏହି ମାମଲାର ବିଚାର ହେବ। ପୀଡ଼ିତାଙ୍କୁ ଯୌନ ଉତ୍ପୀଡ଼ନ କରାଯାଇଥିବାକୁ ଏଡ଼ାଯାଇ ପାରିବ ନାହିଁ। ତାଙ୍କ ସମ୍ବେଦନଶୀଳ ଅଙ୍ଗର ସ୍ୱାବ୍ ଫରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଏଫ୍‌ଆଇଆର୍‌ରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ଯୋଡ଼ାଯିବ।

### ୯.୬ ଲକ୍ଷ...

ଜୟପୁର ଅଞ୍ଚଳର ଜଣେ କାଜୁ ବ୍ୟବସାୟୀ ଭାସ୍କର ରାଓ ଶୁକ୍ରବାର ସନ୍ଧ୍ୟାରେ ଟଙ୍କା ନେଇ ବୋଲେରୋରେ କାଶୀପୁର ଯାଉଥିଲେ। ସନ୍ଧ୍ୟା ପ୍ରାୟ ୮ଟା ୩୦ ସମୟରେ କୋରାପୁଟଠାରୁ ୫ କିମି ଦୂର ମଣ୍ଡିପୁଟ ଛକରେ ହଠାତ୍ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବୋଲେରୋକୁ ଅଟକାଇଥିଲେ। ଗାଡ଼ି ଅଟକିବା କ୍ଷଣି ସେମାନେ ଭାସ୍କରଙ୍କୁ ମାଉଜର ଦେଖାଇ ୯.୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ପରେ ଭାସ୍କର କୋରାପୁଟ ସଦର ଥାନାରେ ଏତଲା ଦେବା ପରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ କହିଛନ୍ତି।

### ରାଜଧାନୀରୁ....

ଯେକୌଣସି ଖାତାରେ ଥାଉ ନା କାହିଁକି ତାହା କେବଳ ଜଙ୍ଗଲ ଜମି ଭାବେ ମାନ୍ୟତା ପାଇବ। କିନ୍ତୁ ଏଠାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ୨୦୧୭ ମେ ୧୫ ତାରିଖରେ ଆବେଦନକାରୀ ନିଜେ ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କୁ ଦରଖାସ୍ତ ଲେଖି ଜଙ୍ଗଲ ଜମିର ଅପବ୍ୟବହାର ଉପରେ କଡ଼ା ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ମାତ୍ର ତାହା ଫଳପ୍ରଦ ହୋଇ ନ ଥିଲା। ଏପରି କି ୨୦୧୨ ମାର୍ଚ୍ଚରେ ସିଏଜି ତାଙ୍କ ରିପୋର୍ଟରେ ଉକ୍ତ ମୌଜାରେ ୭ ଏକର ଜଙ୍ଗଲ ଜମିକୁ କେତେକ ଘରୋଇ ବ୍ୟକ୍ତିବିଶେଷଙ୍କୁ ଅଯାଚିତ ଭାବେ ଦିଆଯାଇଥିବା ନେଇ ପ୍ରଶ୍ନ ଉଠାଇଥିଲେ। ଏହି ଅନୁଯାୟୀ ଦେଖିଲେ ଭୁବନେଶ୍ୱରର ଦୁଇଟି ହୋଟେଲ ଓ ଅନ୍ୟ ଏକ ଘରୋଇ ସଂସ୍ଥାକୁ ୭ ଏକର ଜଙ୍ଗଲ ଜମି ଦିଆଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ୨୦୧୭ ରାଜ୍ୟ ଜଙ୍ଗଲ ସର୍ଭେ ରିପୋର୍ଟ ଅନୁଯାୟୀ, ଖୋର୍ଦ୍ଧା ଜିଲାରେ ମାତ୍ର ୧୬.୨୫ ପ୍ରତିଶତ ଜଙ୍ଗଲ ଥିବା କୁହାଯାଇଥିଲା। ଜାତୀୟ ବନ ନୀତି ଅନୁଯାୟୀ ଅତିକମ୍‌ରେ ୩୩ ପ୍ରତିଶତ ଜଙ୍ଗଲ ରହିବା କଥା। ଅନ୍ୟପକ୍ଷରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉକ୍ତ ଜମିର ପୂର୍ବାପର ସ୍ଥିତି ଅନୁଧ୍ୟାନ ନ କରି ଜମି ଉପରେ ନିର୍ମାଣ ପାଇଁ ଅନୁମୋଦନ ଦେଇଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ସରକାରୀ ଅଧିକାରୀମାନେ ଇଂଲିଶ ଭାଷାକୋଷ ପଢ଼ି ଜଙ୍ଗଲର ପ୍ରକୃତ ଅର୍ଥକୁ ବୁଝିବା ଦରକାର ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ମୁଖ୍ୟତଃ ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱହୀନତା ଓ ଅପରିଣାମଦର୍ଶିତା ପାଇଁ ଜଙ୍ଗଲ ସମ୍ପଦ ଧ୍ୱଂସ ହେଉଥିବା ଆବେଦନକାରୀଙ୍କ ଓକିଲ ଆଡଭୋକେଟ ଶଙ୍କର ପ୍ରସାଦ ପାଣି କହିଛନ୍ତି। ଆସନ୍ତା ଅଗଷ୍ଟ ୨୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ଉକ୍ତ ଦିନ ସରକାର ସରଜମିନ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଏନ୍‌ଜିଟି ଆଦେଶ ଦେଇଛନ୍ତି।

### ୧ କୋଟିରୁ ଊର୍ଦ୍ଧ୍ୱ...

ମୂଲ୍ୟ ୨୫ ଲକ୍ଷ ୮୪ହଜାର ୧୦୦ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବିଭିନ୍ନ ବ୍ୟାଙ୍କରେ ସାହୁ ୧ ଲକ୍ଷ ୯୨ହଜାର ୭୪୫ ଟଙ୍କା ଜମା ରଖିଥିବାବେଳେ ଇନ୍‌ସ୍ୟୁରାନ୍ସ ପଲିସି ବାବଦରେ ୮ ଲକ୍ଷ ୩୯ହଜାର ୮୧୮ ଟଙ୍କା ଜମା ରଖିଥିବା ଭିଜିଲାନ୍ସ ଯାଞ୍ଚରୁ ଜଣାପଡ଼ିଛି। ସେହିପରି ତାଙ୍କର ୪୨ହଜାର ଟଙ୍କା ମୂଲ୍ୟର ଗୋଟିଏ ମୋଟରସାଇକେଲ ଥିବାବେଳେ ୨୨ହଜାର ୯୦୦ ଟଙ୍କା ମୂଲ୍ୟର ସୁନାରୂପା ଗହଣା ରହିଛି। ଭିଜିଲାନ୍ସ ଯାଞ୍ଚ ସମୟରେ ସାହୁଙ୍କ ଘରୁ ନଗଦ ୪ ଲକ୍ଷ ୧୫୫ ଟଙ୍କା ଓ ୨ ଲକ୍ଷ ୫୪ହଜାର ୮୧୬ ଟଙ୍କା ମୂଲ୍ୟର ଆସବାବପତ୍ର ଠାବ କରିଛି।

ଭଦ୍ରକ ଜିଲା ଭିଜିଲାନ୍ସ ବିଭାଗର ଡିଏସପି ସଞ୍ଜୟ କୁମାର ଦାସମହାପାତ୍ରଙ୍କ ନେତୃତ୍ୱରେ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଡିଏସପି ଡିସି ମୁର୍ମୁ, ଇନସପେକ୍ଟର ଏସକେ ସାମନ୍ତରାୟ, ସୁଶୀଲ କୁମାର ଏକ୍କା, ପ୍ରଦୀପ କୁମାର ସାମଲ, ମାନସୀ ଜେନା, ସିବତା ବେହେରା, ଭାଗ୍ୟଲକ୍ଷ୍ମୀ ପୁହାଣ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁଟି ଢେଙ୍କାନାଳ ଜିଲ୍ଲାର ଉନ୍ମୁକ୍ତ ଗୃହ, (Open Shelter) ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା କିମ୍ବା ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଏଲ୍.ଆଇ.ସି. ଲାଇନ୍, ଗଣେଶ ବଜାର, ଢେଙ୍କାନାଳ – ୭୫୯୦୦୧, ଫୋନ୍ – ୦୬୭୬୨–୨୨୩୨୪୬ କିମ୍ବା ଶିଶୁ ମଙ୍ଗଳ ସମିତି, ବଡ଼ପଣ୍ଡା ସାହି, ଦୁର୍ଗା ବଜାର, ଢେଙ୍କାନାଳ, ଫୋନ୍ – ୦୬୭୬୨–୨୨୫୦୦୨କୁ ଯୋଗାଯୋଗ କରନ୍ତୁ। ଏହି ସମୟ ସୀମାର ପରିସମାପ୍ତି ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

**ନିମ୍ନରେ ଶିଶୁଟିର ବିବରଣୀ ପ୍ରଦାନ କରାଗଲା:–**

| କ୍ର.ନଂ. | ଶିଶୁର ନାମ | ପୁଅ/ ଝିଅ | ବୟସ/ ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ଫଟୋ |
|---|---|---|---|---|---|---|
| ୧ | **ଅଜଣା** | ପୁଅ | ୦୯–୧୦ ବର୍ଷ | ୧୧।୦୬।୨୦୧୮ | କାମାକ୍ଷା ନଗର, ଢେଙ୍କାନାଳ |  |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ**
**ଢେଙ୍କାନାଳ**

## ଜିଲ୍ଲା କୃଷି କାର୍ଯ୍ୟାଳୟ, କଟକ

### ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯

ଚଳିତ ଖରିଫଋତୁ ୨୦୧୯ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ଧାନ ବିହନ ବିଶୋଧନ ତାଲିମ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ କଟକ କୃଷି ଜିଲ୍ଲାର ୪ଟି ବ୍ଲକ ଯଥା– କଟକ ସଦର, ବାରଙ୍ଗ, କଣ୍ଟାପଡା ଓ ନିଆଳି ଅନ୍ତର୍ଗତ ଗ୍ରାମମାନଙ୍କରେ ଜୁନମାସ ୨ୟ ସପ୍ତାହରୁ କରାଯିବା ପାଇଁ ସ୍ଥିର କରାଯାଇଅଛି। ତେଣୁ ପ୍ରତି ବ୍ଲକରେ ଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ସେମାନଙ୍କର ସଞ୍ଚିତ ଧାନ ବିହନଗୁଡିକୁ ମାଗଣାରେ ବିଶୋଧନ କରାଇ ନିଅନ୍ତୁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଧାନଗଛ ବିହନ ବାହିତ ଓ ମୃତ୍ତିକା ଜନ୍ମିତରୋଗ ଦାଉରୁ ସୁରକ୍ଷିତ ରହି ଅଧିକ ଅମଳ ଦେଇପାରିବ।

**ସ୍ୱା./- ଶଙ୍କର୍ଷଣ ସାହୁ**
**ଜିଲ୍ଲା କୃଷି ଅଧିକାରୀ, କଟକ**

## ZILLA SWASTHYA SAMITI, BALANGIR

**(Department of Health & FW, Govt. of Odisha)**

**Advt. No: 2150** **Date: 06.06.2019**

**No.46-E:-** Sealed tenders in prescribed format are invited from registered firms/ agencies towards engagement of Outsourcing Agency for Bio Medical Waste Management services at different Govt Health Institutions of Balangir district. Sealed tender documents should reach to the undersigned on or before 21.06.19 till 5.00 PM by registered post/speed post/ courier only. Tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website (www.balangir.nic.in). The undersigned reserves the right to cancel any or all tender document(s) without assigning any reason thereof.

**10019/11/0001/1920** **Sd./- CDM&PHO, Balangir**

## OFFICE OF THE EXECUTIVE ENGINEER TELENGIRI HEAD WORKS DIVISION

**AT/PO: AMBAGUDA, DISTRICT: KORAPUT (ODISHA)**
**Phone & Fax 916854246769,**
**e-mail Id: thwd.ambaguda@gmail.com**

**QUOTATION CALL NOTICE NO. 01/ 2019-20 DATED 01/06/2019**

**No.100-A:-** Sealed quotations are invited from interested reputed Travel Agencies/Tour Operators or private individuals for providing 2 (two) Nos. of Non-A.C. Marshal/ Mahindra Max/ Bolero/ Tata Sumo diesel driven vehicles having sitting capacity not more than ten including driver, which shall conform to the Terms and Conditions attached there to, for official use on monthly rent basis. The bidder (s) can furnish offer for either one or both of the vehicles, but separate application form for individual vehicle should be furnished.

1) The application form of quotations containing General **Bid Information and Terms & Conditions for hiring of vehicles** etc; will be available with Cashier of this office and can be obtained from **10/06/2019 to 20/06/2019 up to 12:00 Noon** on the working days during office hours on payment of Rs. 100/- (Rupees one hundred) only per set or can be down loaded from Odisha Govt. website www.odisha.gov.in during the above period. In case the application form is down loaded from Govt. website, the applicant shall furnish a Demand Draft for an amount of Rs. 100/- (Rupees one hundred) only per set towards the cost of application along with the application.
2) The quotation completed in all respects should reach the undersigned on or before 20/06/2019 by 12:00 Noon and shall be opened on 20/06/2019 at 12:30 PM in the presence of the bidders or their authorised representatives who wish to be present.
3) The authority reserves right to reject any or all the quotations without assigning any reason thereof.
4) Further details can be seen in the website of Government of Odisha www.odisha.gov.in

**Executive Engineer**
**Telengiri Head Works Division**
**Ambaguda**

**32164/11/0001/1920**

## भारतीय प्रौद्योगिकी संस्थान भुवनेश्वर
## INDIAN INSTITUTE OF TECHNOLOGY BHUBANESWAR

**At: Argul, Post: Jatni, Khurda, Odisha, Pin: 752050**

**निविदा के लिए आमंत्रण / NOTICE INVITING TENDER**

Sealed tenders in prescribed format are invited from the approved and eligible contractors of IIT Bhubaneswar/CPWD/PWD/MES/ PSUs/Government Organizations meeting the minimum qualifying criteria for the following work.

| Sl. No. | Name of work | Estimated cost (in Rs.) | Tender Fee (in Rs) | EMD (in Rs.) | Last date and time of receipt of tender | Date and time of opening of tender | Time period for completion of work |
|---|---|---|---|---|---|---|---|
| 1. | Repair and renovation work of buildings damaged by Cyclone 'Fani' in IIT Bhubaneswar at Argul, Jatni. | 1,71,66,709/- | 1,000/- | 3,43,350/- | 14.06.2019 upto 2.00 P.M | 14.06.2019 at 2.30 P.M | 2 months |

The details of tender with terms and conditions are available in IIT Bhubaneswar website www.iitbbs.ac.in.

Sd/-Superintending Engineer

## Food Corporation of India, Regional Office, Bhubaneswar

Tender No. QC-15(1)/2018-19 **TENDER NOTICE** Dated : 07.06.2019

FCI, RO, Bhubaneswar invites online Tender under Two Bid System for RRC for supply of Aluminium Phosphide Tablets from Manufacturers and Authorized Suppliers. The Period of RRC is for one year extendable for a further period up to 3 months at the sole discretion of FCI on the same rates terms and conditions. **(A) Last date for submission of Bid on 21.06.2019 up to 03:00 PM. (B) Bid opening date on 22.06.2019 at 03:00 PM.** The Tender documents and other details are available on the website : **https://eprocure.gov.in/eprocure/app** and **www.fci.gov.in from 03:00 PM on 07.06.2019 up to 03:00 PM on 21.06.2019.** GENERAL MANAGER

## GOVERNMENT OF ODISHA
## HEALTH & FAMILY WELFARE DEPARTMENT

### ADVERTISEMENT

**No.48-E:-** Applications are invited from eligible candidates in the prescribed proforma for the post of Director, VSS Institute of Medical Sciences and Research, Burla Sambalpur, Odisha, in the scale of pay of Rs.37,400/- - Rs. 67,000/-+ AGP of Rs. 10,000/- or (as admissible from time to time) + a special allowance of Rs.5,000/- per month. The appointment shall be for a term of three years from the date on which he/she enters upon his/her office or till he/ she attains the age of sixty-five years, whichever is earlier. The incumbent shall also be eligible for reappointment for another term of three years or till he/she attains the age of sixty-five years, whichever is earlier. The application in the prescribed format, complete in all respects along with the required documents must be sent by speed post only to **"The Deputy Secretary (Medical Education), Health & FW, Department, Secretariat, Bhubaneswar, 751001, Odisha" so as to reach on or before 15.07.2019, 5PM.**

The detailed eligility criteria and other conditions with prescribed proforma can be downloaded from http://health. odisha.gov.in/Announcement.asp?GL=10/ and http://www. dmetodisha.gov.in/

**Commissioner-cum-Secretary to Govt. of Odisha**
**10001/11/0003/1920** **Health and Family Welfare Department**

## COLLECTORATE, KORAPUT
### (NIZARAT SECTION)

**Order No. 592 /II-78/19** **Dated: 06.06.2019**

### NOTICE FOR AUCTION SALE OF GOVT. VEHICLE (MAHINDRA JEEP)

Sealed tenders in plain paper are inviting from the intending purchasers in Auction Sale of Govt. vehicle bearing Registration No-OR-10-A-8262 (Mahindra Jeep) of Tahsildar, Borigumma by the undersigned on 25.06.19 at 04 PM in the office Chamber of the Additional District Magistrate, Koraput. The upset price of the condemned vehicle is fixed to Rs. 28000/- (Rupees Twenty-eight thousand) only. The vehicle can be inspected during office hours on any working day from 10 AM to 5 PM in the garage of Tahsildar, Borigumma. Intending tenderers are required to enclose a demand draft/bankers cheque of Rs. 2800/- (Rupees Two thousand Eight hundred) only in favour of Deputy Collector, Nizarat, Collectorate, Koraput payable at SBI, Koraput as earnest money failing which the tender will not be considered. The earnest money shall be refunded to the unsuccessful tenderers after finalization of the tender. The sealed Tender covers containing the Tender Paper with "Tender Paper for purchase of vehicle (condemned)" written in the top of the cover shall be received by 2 PM in the Nizarat Section at Collectorate, Koraput on or before 25.06.2019 and shall be opened on the same day at 4 PM in presence of the tenderers or their authorized representatives in the office chamber of A.D.M, Koraput. The highest tenderer whose tender would be accepted shall deposit 25% of the offered amount immediately after the sale is confirmed and balance amount within 07 days (seven days) from the date of acceptance of the tender failing which the deposited amount along with the earnest money shall be forfeited.

The undersigned reserves the right to reject any or all the tender papers without assigning any reason thereof.

**Sd./- Addl. District Magistrate, Koraput**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପତ୍ର ସଂଖ୍ୟା ୫୩।୭ **ବିଜ୍ଞାପନ** ତା. : ୨୮।୫।୧୯

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାସନ୍ତୀ କଲୋନୀ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ-ଇ.ଏଲ୍-୮୨ (EL-82) କୁ ଜି. ରାମଗୋପାଲ, ପି-ଏ ଜି.ଏସ୍. ରାଓ, ଫ୍ଲାଟ୍ ନଂ-୪୦୭, ଭବ୍ୟାସ୍ ଭେଙ୍କଟା ପତି ମାନସନ୍, ଭାଗ୍ୟନଗର ଆପାର୍ଟମେଣ୍ଟ, ପୋ/ଥା- କୁକଟପଲ୍ଲୀ-୭୨, ଜି-ହାଇଦ୍ରାବାଦ (ଆନ୍ଧ୍ରପ୍ରଦେଶ)କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଜି. ରାମଗୋପାଲ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ରଂଜନ କୁମାର ପ୍ରଧାନ, ପି- ଶଶିଭୂଷଣ ପ୍ରଧାନ, ଗ୍ରା-ପାଣ୍ଡୁନାଳି, ପୋ- ବଟଗାଁ, ଥା - ନାକଟିଦେଉଳ, ଜି- ସମ୍ବଲପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଓ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ର ସଂଖ୍ୟା...୫୪୭୪ **ବିଜ୍ଞାପନ** ତା...୨୮।୫।୧୯

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ-ବି-୧/୨୧ (B-1/21) ବନଜା ଆପାର୍ଟମେଣ୍ଟ, ରଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଦେବେଶ୍ୱର ଦିଗାଲ, ପିତା-ଚନ୍ଦ୍ରଧର ଦିଗାଲ, ସା-ଗୁଡ଼ଗାଁ, ପୋ-ବନ୍ତିଙ୍ଗିଆ, ଥାନା-ଟିକାବାଲି, ଜିଲ୍ଲା-କନ୍ଧମାଳକୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଦେବେଶ୍ୱର ଦିଗାଲ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ତାରିଣୀସେନ୍ ସେଠୀ, ପିତା-ସ୍ୱ ମଙ୍ଗଳୁ ଚରଣ ସେଠୀ, ସା/ପୋ-ଭଦ୍ରପୁର, ଥାନା-ପାଟଣା, ଜିଲ୍ଲା-କେନ୍ଦୁଝରଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ /ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା-ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ODISHA SPACE APPLICATIONS CENTRE (ORSAC)

**(Dept. of Science & Technology, Govt. of Odisha)**
**Plot No.45/48(P) JayadevVihar, Near Gopabandhu Academy of Administration, Unit-16, Bhubaneswar-751 023**

**TENDER NOTICE No. 08 / 2019**
**HIRING OF TECHNICAL MANPOWER BY ORSAC THROUGH A MANPOWER SERVICE PROVIDER**

**No.CAD-78:-** Sealed tenders are invited from reputed and experienced Agencies for hiring of Technical manpower by ORSAC through a manpower service provider to implement the technical activities of various projects being implemented at Odisha Space Applications Centre for a period of 3 years from date of contract.

| | | |
|---|---|---|
| Cost of tender paper | : | Rs.2500/- |
| Issue of tender paper | : | 10.06.19 to 01.07.19 |
| Last date of submission of tender | : | 01.00 PM of 02.07.19 |
| Opening of Technical bid | : | 11.30 AM of 03.07.19 |
| Opening of Financial bid | : | 3.30 PM of 10.07.19 |
| Earnest Money Deposit | : | Rs.1,00,000/- |

ORSAC reserves the right to change/cancel the above programme without assigning any reason thereof.

For details, please visit http://www.odisha.gov.in or http://www.orsac.gov.in or in the above office for the tender papers.

**CHIEF EXECUTIVE**

**28007/11/0003/1920**

## ZILLA SWASTHYA SAMITI, SUBARNAPUR

**Tender Call Notice for Hiring of Vehicle**

No.45-E

**Letter No.279** **Dated: 06.06.2019**

Sealed quotations are invited from Travel Agency/ Transporters/ Tour Operator/ Individuals / private Organization / NGOs for supply of vehicle on monthly hiring basis to be used in DPMU of Subarnapur District. Last date for submitting the documents is 25.06.2019 up to 03.00 P.M. through registry / Speed post only. For detail information and documents, please visit **www.subarnapur.nic.in.** The authority has reserve the right to cancel the whole process without any notice.

**Sd./- CDM & PHO-cum-District Mission**
10118/11/0002/1920 **Director, Subarnapur**

## THE ODISHA STATE POLICE HOUSING & WELFARE CORPORATION LTD.

**JANAPATH, BHOINAGAR, BHUBANESWAR-22**
**[Electrical Division]**
**Ph: 0674-2541545, 2542921, Fax: 0674- 2541543,**
**E-mail: jmelecricalophwc@gmail.com, Website: www.ophwc.nic.in**

**INVITATIONS OF APPLICATION FOR PRE-QUALIFICATION OF AGENCIES FOR ENLISTMENT UNDER OSPH&WC, BHUBANESWAR**

**PRE-QUALIFICATION NOTICE NO:-05/JM/ELECT/OPHWC/2019-20**

**No.CAD-75:-** Sealed applications in the prescribed format with detailed Pre-qualification Notice for enlistment of Agencies under OSPH&WC are invited in single cover system from the eligible Agencies for Installation of Solar System. The detailed documents will be available from the website www.ophwc.nic.in.

- The pre-qualification document is available from: Dt. 10.06.2019.
- Pre-empanelment discussion is upto: 11.30 AM of Dt. 19.06.2019.
- Last date for issue of pre-qualification document is upto: 05.00 PM of Dt. 21.06.2019.
- Last date for receipt of pre-qualification document is upto: 12.30 PM of Dt. 24.06.2019.
- Date of opening of pre-qualification document at: 3.30 PM of Dt. 24.06.2019.
- Any Addendum/ corrigendum/ cancellation of tender can also be seen from the website: www.ophwc.nic.in.

**12025/11/0011/1920** **Sd./- Joint Manager**

## Sambalpur Municipal Corporation Sambalpur (Odisha)

**Email Id : Sambalpur.hud@nic.in**
**Phone No. 0663-2411012**

### ବିଜ୍ଞାପନ

**ସଂଖ୍ୟା.୧୬୯୦** **ତା.୦୬।୦୬।୨୦୧୯**

ଏତଦ୍ଦ୍ୱାରା ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର ବ୍ୟବସାୟୀ ପ୍ରତିଷ୍ଠାନ ଯଥା–ପ୍ରତ୍ୟେକ ଦୋକାନ, ଖୁଚୁରା ବ୍ୟବସାୟୀ ପ୍ରତିଷ୍ଠାନ, ହୋଲ୍‌ସେଲ୍, କୋଚିଙ୍ଗ୍ ଶିକ୍ଷାକେନ୍ଦ୍ର, ଶିଳ୍ପ ସଂସ୍ଥା, ଘରୋଇ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ନର୍ସିଙ୍ଗ ହୋମ, ଲଜିଂ ବୋଡିଂ, ହୋଟେଲ୍, ହଷ୍ଟେଲ୍, ପାଥୋକ୍ଲିନିକ ଇତ୍ୟାଦିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଯେଉଁ ବ୍ୟବସାୟୀମାନେ ଟ୍ରେଡ୍ ଲାଇସେନସ୍ କରି ନାହାନ୍ତି, ସେମାନେ U/s ୧୯୪ OMC Act.2003 ଅନୁଯାୟୀ ଟ୍ରେଡ୍ ଲାଇସେନସ୍ ତୁରନ୍ତ କରାଇ ନିଅନ୍ତୁ। ନଚେତ୍ ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଯେଉଁମାନଙ୍କ ଟ୍ରେଡ୍ ଲାଇସେନସ୍ ହୋଇ ସାରିଛି, ସେହି ବ୍ୟବସାୟୀ ପ୍ରତିଷ୍ଠାନମାନେ ତୁରନ୍ତ ରେନ୍‌ୱାଲ୍ କରିନିଅନ୍ତୁ।

As per provision of U/s 194 of OMC Act 2003 obtaining of Trade Licence is compulsory for every business establishment under Sambalpur Municipal Corporation. In this connection all businessmen i.e. Retail shop, all whole sale Business establishment are hereby directed to applied before the undersigned submitting relevant documents i.e. Patta, Electric Bill, Holding Tax Clearance money Receipt, Agreement ID Proof for obtaining on Trade Licence and those who have not renewed the Trade Licence for the year 2019-2020 there are informed to submit the photo copy of Trade Licence Certificate and deposit the requisite fee and renewed the Trade Licence failing which action will be taken as per law.

**ପଶ୍ଚିମ ଓଡ଼ିଶାର ମହା ଗଣପର୍ବ ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ଉପଲକ୍ଷେ ସମ୍ବଲପୁର ମହାନଗରବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବଲପୁର ସହରକୁ ସ୍ୱଚ୍ଛ ଓ ପରିଚ୍ଛନ୍ନ ରଖିବାକୁ ଅନୁରୋଧ।**

**ସ୍ୱା./- ଉପ-ଆୟୁକ୍ତ**
**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**

No. 10-L

## ବିହନ ବିଶୋଧନ କାର୍ଯ୍ୟକ୍ରମ
### ଖରିଫ୍-୨୦୧୯

**ଓଡ଼ିଶାର ପ୍ରତ୍ୟେକ ବ୍ଲକରେ କେତେକ ବଛା ବଛା ଗ୍ରାମମାନଙ୍କରେ ତା ୦୧.୦୬.୨୦୧୯ରିଖ ଠାରୁ ତା୧୫.୦୭.୨୦୧୯ରିଖ ପର୍ଯ୍ୟନ୍ତ ଚାଷୀମାନଙ୍କର ସଞ୍ଚିତ ଧାନ ବିହନକୁ ବିଶୋଧିତ କରାଯାଇ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ଚାଲୁ ରହିବ। ଏହି କାର୍ଯ୍ୟକ୍ରମରେ ଚାଷୀ ଭାଇ ଓ ଭଉଣୀମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇ ନିଜର ସଞ୍ଚିତ ଧାନ ବିହନକୁ ବିଶୋଧନ କରାଇ ନେବା ପାଇଁ ଅନୁରୋଧ କରାଯାଉଛି।**

01034/11/0005/1920



**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**


# ବିଦେଶରେ ପଢ଼ିବାକୁ ଚାହୁଁଥିଲେ...



ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବାକୁ ପ୍ରାୟ ସବୁ ଯୁବବର୍ଗ ଚାହାନ୍ତି। କ୍ୟାରିୟର ଦୃଷ୍ଟିରୁ ଏହାକୁ ମହତ୍ତ୍ୱପୂର୍ଣ୍ଣ ମନେକରାଯାଏ। ବିଦେଶରେ ପାଠପଢ଼ିବା ଆପଣଙ୍କ ପ୍ରାଥମିକତା ଥିଲେ, ଏହା ଜାଣିରଖିବା ଉଚିତ ହେବ ଯେ, ଆପଣଙ୍କ ପରି ଏପରି ଆହୁରି ଅନେକ ଅଛନ୍ତି, ଯିଏ କି ବିଦେଶରେ ପାଠ ପଢ଼ିବାକୁ ଚାହୁଁଛନ୍ତି। କାରଣ ପ୍ରତିବର୍ଷ ପ୍ରାୟ ୩ ଲକ୍ଷରୁ ଅଧିକ ଭାରତୀୟ ଛାତ୍ରୀଛାତ୍ର ବିଦେଶରେ ଶିକ୍ଷାଲାଭ କରିବା ଲାଗି ଆବେଦନ କରିଥାନ୍ତି। ବିଗତ ୫ ବର୍ଷ ଭିତରେ ଏହି ସଂଖ୍ୟା ୫୦% ବଢ଼ିଛି ବୋଲି ଏକ ସର୍ଭେରୁ ଜଣାପଡିଛି। ତେବେ ବିଦେଶରେ ପାଠ ପଢ଼ିବା ବେଳେ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ। ସେଗୁଡ଼ିକ ହେଲା...

- ଆପଣଙ୍କୁ ପ୍ରଥମେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ କୋର୍ସ ବିଷୟରେ ଜାଣିବାକୁ ହେବ। ଏକାଧିକ ବିଶ୍ୱବିଦ୍ୟାଳୟରେ ଆବେଦନ କରିବାଠାରୁ ଦୂରେଇ ରହିବାକୁ ପଡିବ। କାରଣ ଏହାଦ୍ୱାରା ଭ୍ରମ ସୃଷ୍ଟି ହେବ।
- କୋର୍ସ ଓ କଲେଜ ବାଛିବା ବେଳେ ନିଜର ରୁଚି ଦିଗଟିକୁ ପ୍ରଥମେ ମନେରଖିବାକୁ ହେବ। ନିଜର ରୁଚି ଅନୁଯାୟୀ କୋର୍ସ ବାଛିବା ପରେ ସେହି ଅନୁସାରେ ବିଶ୍ୱବିଦ୍ୟାଳୟ ଖୋଜିବାକୁ ପଡିବ। ସାଙ୍ଗ ଆଡମିଶନ ନେଇଥିବା ୟୁନିଭର୍ସିଟି ଯିବାଠାରୁ ନିଜକୁ ଦୂରେଇ ରଖିବାକୁ ହେବ। ନିଜର ଭବିଷ୍ୟତ ଓ ରୁଚିକୁ ପ୍ରଥମେ ଧ୍ୟାନ ଦେବାକୁ ହେବ।
- କୌଣସି କୋର୍ସ ଓ ବିଶ୍ୱବିଦ୍ୟାଳୟ ବାଛିବା ପରେ ସର୍ବଦା ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। ତାଙ୍କଠାରୁ ବିଭିନ୍ନ ପ୍ରଶ୍ନର ଉତ୍ତର ନେଇ ଶେଷରେ ନିଷ୍ପତ୍ତି ନିଆଯାଇପାରେ। ଅଧିକାଂଶ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଲାଗି ସ୍ୱତନ୍ତ୍ର ଭାବେ କାଉନସେଲର ନିଯୁକ୍ତ କରିଥାନ୍ତି।
- ବିଶ୍ୱବିଦ୍ୟାଳୟର ର୍‍ୟାଙ୍କିଙ୍ଗ୍ ଉପରେ ଧ୍ୟାନ ନ ଦେଇ ବରଂ କୋର୍ସ ଭାଲ୍ୟୁ ଉପରେ ନଜର ଦେବାର ଆବଶ୍ୟକତା ରହିଛି। ଅଧିକାଂଶ ବିଶ୍ୱବିଦ୍ୟାଳୟର ର୍‍ୟାଙ୍କିଙ୍ଗ୍ ବିଭିନ୍ନ ସମୟରେ ବଦଳିଥାଏ। କେତେକ ବିଶ୍ୱବିଦ୍ୟାଳୟରେ ଭଲ କୋର୍ସ ଉପଲବ୍ଧ ହେଉଥିଲେ ହେଁ ସେମାନଙ୍କର ର୍‍ୟାଙ୍କିଙ୍ଗ୍ ଭଲ ନ ଥାଏ। ଏଣୁ ଭଲ ହେବ ର୍‍ୟାଙ୍କିଙ୍ଗ୍ ପଛରେ ନ ଗୋଡାଇ କେଉଁ ବିଶ୍ୱବିଦ୍ୟାଳୟରେ ଭଲ କୋର୍ସ ରହିଛି, ନିଜ ସ୍ତରରେ ଖୋଳତାଡ କରିବା ଆବଶ୍ୟକ।
- ସର୍ବଦା ନିଜର ପ୍ଲାନ୍ ବି ପ୍ରସ୍ତୁତ ରଖିବା ଉଚିତ। କାରଣ ଅଧିକାଂଶ ଛାତ୍ରୀଛାତ୍ର ନିଜର ବ୍ୟାକ୍‌ଅପ୍ ଅପ୍ସନ ରଖି ନଥାନ୍ତି। ବାସ୍ତବରେ ନିଜର ସ୍ୱପ୍ନର ବିଶ୍ୱବିଦ୍ୟାଳୟରେ ପ୍ରବେଶ ପାଇଁ ଉଚ୍ଚ ମାର୍କର ଆବଶ୍ୟକତା ପଡେ। ଏଣୁ ବେଳେ ବେଳେ ସୁଯୋଗ ହାତଛଡ଼ା ହୋଇଯାଏ। ଏଭଳି ସ୍ଥିତିରେ ଆପଣଙ୍କ ନିକଟରେ ଦ୍ୱିତୀୟ ବିକଳ୍ପ ରହିବା ଉଚିତ୍। ଆଡମିଶନ ବେଳେ ଅଧିକ ଫିସ୍ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଣୁ ଅନ୍ୟ ବିଶ୍ୱବିଦ୍ୟାଳୟରେ ଆବେଦନ କରିବାର ବିକଳ୍ପ ରହିବା ଜରୁରୀ।

# ଯୋଗ୍ୟତା ଥାଇ ରିଜେକ୍ଟ ହେବାର କାରଣ



**ନିତିଦିନିଆ ଜୀବନରେ ଏଭଳି ବହୁ ଉଦାହରଣ ମିଳିଯିବ, ଯେଉଁଠି ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚାକିରି ମିଳୁନି। କାରଣ ଖୋଜିବାକୁ ଗଲେ ଅନେକ ମିଳିଯିବ। ସେଗୁଡ଼ିକ ସମ୍ପର୍କରେ କେତେକ ମୁଖ୍ୟ କାରଣ ହେଲା...**

### ଅଧିକ ଯୋଗ୍ୟତା ହୁଏ ବାଧକ

ବିଜ୍ଞାପନରେ ବାହାରି ଥିବା ପଦବୀ ଲାଗି ଆବଶ୍ୟକ ଯୋଗ୍ୟତା ନ ଥିଲେ ପ୍ରାର୍ଥୀଙ୍କୁ ଦୁଃଖ ଲାଗିବା ସ୍ୱାଭାବିକ। କିନ୍ତୁ ବେଳେ ବେଳେ ଅଧିକ ଯୋଗ୍ୟତା ମଧ୍ୟ ଚାକିରିରେ ବାଧକ ସାଜିଥାଏ। ଏଚ୍‌ଆର୍ ମ୍ୟାନେଜରଙ୍କ ମନରେ ପ୍ରାର୍ଥୀଙ୍କ ଅଧିକ ଯୋଗ୍ୟତା କଣ୍ଟା ଫୋଡିଲା ଭଳି ଲାଗେ। କୌଣସି କର୍ମଚାରୀଙ୍କ ବଦଳରେ ଅନ୍ୟଜଣଙ୍କୁ ରଖିବା ଲାଗି ଏଚ୍‌ଆର୍ ମ୍ୟାନେଜର ଆଗ୍ରହ ଦେଖାନ୍ତି ନାହିଁ। କାରଣ ଏହି କାମ ଲାଗି କର୍ମଚାରୀଙ୍କ ଦରମାର ୧୩୦ ପ୍ରତିଶତ ପର୍ଯ୍ୟନ୍ତ ବ୍ୟୟ କରିବାକୁ ପଡେ। ଅଧିକ ଶିକ୍ଷିତ ପ୍ରାର୍ଥୀ ଶୀଘ୍ର ଚାକିରି ଛାଡିଦେଉଥିବାରୁ ସେମାନଙ୍କୁ ସୁଯୋଗ ଦେବାରୁ ଦୂରେଇ ରହନ୍ତି ଏଚ୍‌ଆର୍ ମ୍ୟାନେଜର। ବହୁ ଦିନ ଧରି ସ୍ଥିର ଭାବେ କାମ କରିବାକୁ ଆଗ୍ରହୀ ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଏ।

### ଅଧିକ ଦରମା ଦେବାର ଭୟ

ଅଧିକ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କୁ ଚାକିରି ଦେଲେ ସେମାନଙ୍କୁ ଅଧିକ ଦରମା ଦେବାକୁ ପଡ଼ିବ ବୋଲି ଏଚ୍‌ଆର୍ ମ୍ୟାନେଜରମାନେ ମନେ କରନ୍ତି। କମ୍ ଯୋଗ୍ୟତାର ପ୍ରାର୍ଥୀଙ୍କ ଦ୍ୱାରା ପଦବୀ ପୂରଣ କରିଦେଲେ କାମ ଚଳିଯିବ ବୋଲି ସେ ମନେକରନ୍ତି।

### ରିଜେକ୍ଟର କାରଣ ପଚାରନ୍ତୁ

ନିଯୁକ୍ତିଦାତାଙ୍କ ସମସ୍ତ ଚିନ୍ତା ଯଥାର୍ଥ। କିନ୍ତୁ ସେମାନେ ଭାବନ୍ତି ନାହିଁ ଯେ, ଇଣ୍ଟରଭ୍ୟୁ ପାଇଁ ଆସିଥିବା ପ୍ରାର୍ଥୀଟି ଚାକିରି ପାଇବା ଆଶାରେ ଆସିଛି। ଏଭଳି ସ୍ଥିତିରେ ସେ ଆପଣଙ୍କୁ ଅତି ଯୋଗ୍ୟତାସମ୍ପନ୍ନ ମନେକରି ରିଜେକ୍ଟ କରିଦେଲେ, ଏହାର କାରଣ ଜାଣିବା ଲାଗି ଆପଣ ତାଙ୍କୁ ପ୍ରଶ୍ନ ପଚାରି ପାରନ୍ତି।

# ଇଣ୍ଟରଭ୍ୟୁ ପୂର୍ବରୁ ଧ୍ୟାନ ଦିଅନ୍ତୁ

**ଚାକିରି ପାଇବାର ପ୍ରଥମ ଶିଡ଼ି ହେଉଛି ଇଣ୍ଟରଭ୍ୟୁ, ଅର୍ଥାତ୍ ସାକ୍ଷାତ୍‌କାର। ଏହି ସମୟରେ ନିଜ କ୍ଷମତା ଏବଂ ଦକ୍ଷତାର ପରିଚୟ ଦେବାର ସୁଯୋଗ ମିଳିଥାଏ। ଏହି ସମୟରେ ନିଜର ପ୍ରସ୍ତୁତି, ଫିଜିକାଲ ଆପିୟରାନ୍ସ ଏବଂ ବଡ଼ି ଲାଙ୍ଗୁଏଜ୍ ମାଧ୍ୟମରେ ଇଣ୍ଟରଭ୍ୟୁ ନେଉଥିବା ବ୍ୟକ୍ତିଙ୍କ ସମ୍ମୁଖରେ ଭଲ ଇମ୍ପ୍ରେଶନ ଜମାଇ ପାରିବେ। ଏହା ସମ୍ଭବ ହେଲେ ଚାକିରି ମିଳିବା ନିଶ୍ଚିତ ହୋଇଯାଏ। ଏହାଛଡ଼ା ଆଉ କିଛି ପ୍ରସଙ୍ଗ ଉପରେ ଧ୍ୟାନ ଦିଆଗଲେ ଇମ୍ପ୍ରେଶନ ଜମାଇବା ସହଜ ହୋଇଯାଏ।**

- **ସମୟ ପ୍ରତି ଧ୍ୟାନ ଦିଅନ୍ତୁ:** ଇଣ୍ଟରଭ୍ୟୁ ଲାଗି ଯିବା ବେଳେ କେତେକ ପ୍ରସଙ୍ଗ ପ୍ରତି ଧ୍ୟାନଦେବା ଆବଶ୍ୟକ। ଠିକ୍ ସମୟରେ ଇଣ୍ଟରଭ୍ୟୁ ସ୍ଥଳରେ ପହଞ୍ଚିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବିଶେଷଜ୍ଞଙ୍କ ମତରେ ଇଣ୍ଟରଭ୍ୟୁ ସମୟଠାରୁ ଅତିକମ୍‌ରେ ୧୫ ମିନିଟ ପୂର୍ବରୁ ପହଞ୍ଚିଯିବା ଆବଶ୍ୟକ। ଏହାଛଡ଼ା ନିଜକୁ ଆଦୌ ନର୍ଭସ ବୋଲି ପ୍ରଦର୍ଶନ କରିବାରୁ ଦୂରେଇ ରୁହନ୍ତୁ। ସାକ୍ଷାତକାରକୁ ଗଲା ବେଳେ ସର୍ବଦା ଶାନ୍ତ ତଥା ଧିରସ୍ଥିର ରହିବା ଉଚିତ୍।
- **ହ୍ୟାଣ୍ଡଶେକ୍ ଠିକ୍ ଢଙ୍ଗରେ ହେବା ଉଚିତ୍:** ପଜିଟିଭ ଇମ୍ପ୍ରେଶନ ଜମାଇବାକୁ ହେଲେ ହ୍ୟାଣ୍ଡଶେକ୍ କରିବା ଅତ୍ୟନ୍ତ ଜରୁରୀ। ସାକ୍ଷାତ୍‌କାର ନେଉଥିବା ବ୍ୟକ୍ତିଙ୍କ ସହିତ ଠିକ୍ ଢଙ୍ଗରେ ହାତ ମିଳାନ୍ତୁ। ଆପଣଙ୍କ ହାତ ଧରିବା ଷ୍ଟାଇଲ୍ ଅତ୍ୟନ୍ତ ଢିଲା ଅଥବା ହାଡ ଭାଙ୍ଗି ଦେଲା ଭଳି ହେବା ଅନୁଚିତ। ଦୁଇ ଅଥବା ତିନି ସେକେଣ୍ଡ ଧରି ହ୍ୟାଣ୍ଡସେକ୍ କରିବା ଠିକ୍ ଉପାୟ। ହ୍ୟାଣ୍ଡଶେକ୍ ବେଳେ ଆପଣ ସାକ୍ଷାତ୍‌କାର ନେଉଥିବା ବ୍ୟକ୍ତିଙ୍କ ଆଖି ସହ ଆଖି ମିଳାଇବା ଜରୁରୀ।
- **ଓପନ ପୋଜିଶନ ହେବା ଆବଶ୍ୟକ:** ହାୟରିଂ ମ୍ୟାନେଜର ପ୍ରାର୍ଥୀଙ୍କ ବଡି ଲାଙ୍ଗୁଏଜ୍ ଏବଂ ତାଙ୍କର ମୁହଁର ହାବଭାବ ଦେଖି ଓ ବସିବାର ଢଙ୍ଗରୁ ଏକ ରାୟରେ ପହଞ୍ଚିଥାନ୍ତି। ଇଣ୍ଟରଭ୍ୟୁ ବେଳେ ପଜିଟିଭ ଏବଂ ଓପନ ପୋଜିଶନ ବଜାୟ ରଖିବା ଜରୁରୀ। ଇଣ୍ଟରଭ୍ୟୁୟରଙ୍କ ସମ୍ମୁଖରେ ଏମିତି ଭାବରେ ବସିବେ, ଯେପରି ଫ୍ରେଣ୍ଡ୍‌ଲି ଲାଗିବ।
- **ଦରମା ସମ୍ପର୍କରେ ପଚାରିବେନି:** ଚାକିରି, ଏହାର ଆହ୍ୱାନ, ଯେଉଁ କାମ କରିବାକୁ ହେବ ଏବଂ ବସ୍‌ଙ୍କ ଆପଣଙ୍କଠାରୁ ଆଶା ଆଦି ସମ୍ପର୍କରେ ପଚାରି ବୁଝି ନେବାକୁ ହେବ। ତେବେ ନିଜର ଦରମା ଓ ପଦବୀ ସମ୍ପର୍କରେ ପଚାରିବା ଅନାବଶ୍ୟକ। କାରଣ ଏହାଦ୍ୱାରା ନେଗେଟିଭ ପ୍ରଭାବ ପଡ଼ିଥାଏ। ନିଜର ଭୂମିକା ସମ୍ପର୍କରେ ବିଶ୍ୱାସ, ସମ୍ମାନ ଓ ଉତ୍ସାହ ପ୍ରଦର୍ଶନ କରିବା ସହ ନିଜର ଯୋଗ୍ୟତା ପ୍ରଦର୍ଶନ କରିବାକୁ ଭୁଲିବା ଅନୁଚିତ।



# ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍

**ଗ୍ରାଜୁଏଟ ଅଥବା ପୋଷ୍ଟ ଗ୍ରାଜୁଏଟ ପାଠ ପଢ଼ିବା ପୂର୍ବରୁ ବିଦ୍ୟାର୍ଥୀମାନେ ପ୍ରାୟତଃ ନିଜ ରୁଚି ଅନୁଯାୟୀ କୋର୍ସ ବାଛିବା ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି। ବ୍ୟାଙ୍କ ଅଥବା ଇନଭେଷ୍ଟମେଣ୍ଟ ପ୍ରତି ରୁଚି ରଖୁଥିବା ବିଦ୍ୟାର୍ଥୀ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କ୍ୟାରିୟର ନିର୍ମାଣ କରିବା ପାଇଁ ବିଚାର କରିପାରନ୍ତି। ଭଲ ଚାକିରି କ୍ଷେତ୍ର, ଆକର୍ଷଣୀୟ ଦରମା ପ୍ୟାକେଜ ଓ ଉନ୍ନତ କ୍ୟାରିୟର ଅବସର ଖୋଜୁଥିଲେ, ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍ କ୍ୟାରିୟର ବିଦ୍ୟାର୍ଥୀଙ୍କ ପାଇଁ ଆଦର୍ଶ ହୋଇପାରେ।**


ଦେଶର ଆର୍ଥିକ ଅଭିବୃଦ୍ଧି ଉର୍ଦ୍ଧ୍ୱମୁଖୀ ହେବା ସହିତ ବ୍ୟାଙ୍କିଙ୍ଗ କ୍ଷେତ୍ର ସମାନ ତାଳରେ ଆଗେଇ ଚାଲିଛି। ଯେଉଁ ଦେଶର ବ୍ୟାଙ୍କିଙ୍ଗ ଜଗତ ଯେତେ ଶକ୍ତିଶାଳୀ, ସେ ଦେଶର ଅର୍ଥନୀତି ସେତେ ଦୃଢ଼ ଓ ପ୍ରଗତିଶୀଳ ହୁଏ। ଅର୍ଥନୀତିର ପ୍ରଗତି ସହିତ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଦ୍ରୁତଗତିରେ ଆଗେଇ ଚାଲିଛି। ଏହି କ୍ଷେତ୍ରରେ ଦିନକୁ ଦିନ ଆହ୍ୱାନ ବୃଦ୍ଧିପାଉଥିବା ବେଳେ କାର୍ଯ୍ୟ ପରିବେଶ, ଚାପ ଆଦି ବଢ଼ିବାରେ ଲାଗିଛି। ଏ କ୍ଷେତ୍ରରେ ଜଣେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଣେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କ୍ୟାରିୟର କରିବାକୁ ଆଗ୍ରହୀ ବିଦ୍ୟାର୍ଥୀଙ୍କ ଲାଗି ଏହା ହିଁ ପ୍ରକୃଷ୍ଟ ସମୟ।

### ବ୍ୟାଙ୍କରଙ୍କ କାମ

କୌଣସି ସରକାରୀ ଅଥବା ଘରୋଇ କମ୍ପାନୀରେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତାଙ୍କୁ ପ୍ରତିଷ୍ଠାନର ଆର୍ଥିକ ନେଣଦେଣ ସହ ଜଡ଼ିତ ରେକର୍ଡ ପରିଚାଳନା, ସଂଶୋଧନ, ପରୀକ୍ଷାନିରୀକ୍ଷା, ଉନ୍ନତୀକରଣ, କମ୍ପାନୀର ପୁଞ୍ଜି, ପାଣ୍ଠି, ଋଣ, ଶେୟାର ଆଦି ଉପରେ କାମ କରିବାକୁ ପଡେ। କମ୍ପାନୀର ଗ୍ରାହକଙ୍କୁ ଋଣ ପ୍ରଦାନ କରିବା, ନିବେଶ କରିବା ପ୍ରକ୍ରିୟାରେ ସହଯୋଗ କରିବାକୁ ପଡ଼ିଥାଏ। ଇନଭେଷ୍ଟମେଣ୍ଟ ବ୍ୟାଙ୍କର ନିଜର ବ୍ୟାଙ୍କିଙ୍ଗ ଟିମ୍ ସହିତ ଆର୍ଥିକ ରଣନୀତିର ରୂପରେଖ ମଧ୍ୟ ପ୍ରସ୍ତୁତ କରିଥାନ୍ତି ଏବଂ ଅନ୍ୟ ସମ୍ବନ୍ଧିତ ଟିମ୍ ସହ ମିଶି କାମ କରନ୍ତି। ଆର୍ଥିକ ମାମଲାରେ ତାଙ୍କୁ ଗ୍ରାହକଙ୍କ ସହ ବୈଠକରେ ବସିବାକୁ ପଡ଼େ।

### ଯୋଗ୍ୟତା

ବିଜ୍‌ନେସ ଆଡମିନିଷ୍ଟ୍ରେଶନ ଏବଂ ଫାଇନାନ୍ସରେ ବ୍ୟାଚେଲର ଡିଗ୍ରୀ ଏହି ପେସାର ପ୍ରାରମ୍ଭିକ ଯୋଗ୍ୟତା ବୋଲି ମନେକରାଯାଏ। ଅଧିକାଂଶ କମ୍ପାନୀ ମାଷ୍ଟର ଡିଗ୍ରୀ ପରେ ଚାକିରି ଲାଗି ଚୟନ କରିଥାନ୍ତି। ତେବେ ଏମ୍‌ବିଏ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାନ୍ସି, କମ୍ପାନୀ ସେକ୍ରେଟାରୀ, ସିଏଫ୍‌ଏ ଆଦି ଡିଗ୍ରୀକୁ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ପଦ ପାଇଁ ଅଧିକ ଗୁରୁତ୍ୱ ଦିଆଯାଏ। ଏଥିସହିତ ମାଷ୍ଟର ଇନ ଇଣ୍ଟରନ୍ୟାଶନାଲ ବିଜ୍‌ନେସ(ଏମ୍‌ଆଇବି) ଏବଂ ଅନେକ ପ୍ରକାର ପିଜି ଡିପ୍ଲୋମା କୋର୍ସ ଏହି ପେସା ପାଇଁ ଉପଯୁକ୍ତ ମନେକରାଯାଏ। ପୋର୍ଟଫୋଲିଓ ମ୍ୟାନେଜମେଣ୍ଟର କେତେକ କୋର୍ସ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବରଦାନ ହୋଇଥାଏ।



### ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିର ଏକ ଝଲକ

ଅର୍ଥନୀତି ସୁଦୃଢ଼ ହେବା ସହିତ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ରୋଜଗାର ମଧ୍ୟ ସମାନ ତାଳରେ ବଢ଼ିଚାଲିଛି। ନିବେଶ ପୂର୍ବରୁ କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନେବାର ପ୍ରଚଳନ ବଢ଼ିବାରେ ଲାଗିଛି। ୟୁଏସ୍ ବ୍ୟୁରୋ ଅଫ୍ ଲେବର ଷ୍ଟାଟିଷ୍ଟିକ୍ସର ଏକ ରିପୋର୍ଟ ଅନୁଯାୟୀ, ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଆୟ ବାର୍ଷିକ ୧୦% ହାରରେ ବଢ଼ିଚାଲିଛି। ଏହା ୨୦୨୪ ପର୍ଯ୍ୟନ୍ତ ଜାରି ରହିବ। ନ୍ୟାଶନାଲ ସ୍କିଲ ଡେଭଲପ୍‌ମେଣ୍ଟ କର୍ପୋରେଶନର ଏକ ରିପୋର୍ଟ ଅନୁଯାୟୀ ବ୍ୟାଙ୍କିଙ୍ଗ ସେକ୍ଟର ୨୫% ହାର ଅଭିବୃଦ୍ଧି ହାସଲ କରିଚାଲିଛି। ୨୦୨୧-୨୨ ସୁଦ୍ଧା ପ୍ରାୟ ୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି।

### କାମରେ ଆସୁଥିବା ଦକ୍ଷତା

ବ୍ୟାଙ୍କିଙ୍ଗ୍ ପ୍ରଫେଶନାଲଙ୍କ ନିକଟରେ ଅତିରିକ୍ତ କେତେକ ଗୁଣ ରହିବା ନିହାତି ଜରୁରୀ। ପରିସଂଖ୍ୟାନ ଏବଂ ଗଣନା କରିବାର ଦକ୍ଷତା ସହ ଏହା ସମ୍ପୃକ୍ତ। ଏଣୁ ପ୍ରତି ମୁହୂର୍ତ୍ତରେ ଗଣିତରେ ଥିବା ଭଲ ଦକ୍ଷତା ଓ ଗଣନା କରିବାର କୌଶଳ ପ୍ରଦର୍ଶନ କରିବାକୁ ପଡେ। ଏହାଛଡ଼ା ଚାପରେ ଥାଇ ଉନ୍ନତ ପ୍ରଦର୍ଶନ କରିବା, କମ୍ୟୁନିକେଶନ୍ସ ସ୍କିଲ୍‌ସ ପ୍ରଭାବ ପକାଇ ପାରୁଥିବ, ଫାଇନାନ୍ସିଆଲ ସ୍କିଲ୍ସ ଭଲ ରହିବା ଆବଶ୍ୟକ। ସୁଯୋଗକୁ ଦେଖି ନିଜର ଦକ୍ଷତାକୁ ସଫଳ କରାଇବାରେ ପ୍ରୟୋଗ କରିବା କ୍ଷମତା ରହିଥିଲେ ସେଭଳି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଏ।

### ଏହି କ୍ଷେତ୍ରରେ ଆହ୍ୱାନ

ଜଣେ ଗ୍ରାହକଙ୍କୁ ପୁଞ୍ଜିନିବେଶ ଲାଗି ପ୍ରବର୍ତ୍ତାଇବା ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ମୁଖ୍ୟ ଆହ୍ୱାନ ହୋଇଥାଏ। ତାଙ୍କୁ ବିଭିନ୍ନ ପନ୍ଥାପଦ୍ଧତି ଆପଣାଇ ମୂଲ୍ୟାଙ୍କନ ତର୍ଜମା କରିବାକୁ ପଡିଥାଏ। ଯେକୌଣସି ପେସାଦାରଙ୍କ ଲାଗି ଆର୍ଥିକ ମଡେଲ ବିକଶିତ କରିବା, କ୍ଲାଇଣ୍ଟ ମିଟିଂ ଲାଗି ପ୍ରେଜେଣ୍ଟେଶନ ପ୍ରସ୍ତୁତ କରିବା, କ୍ୟାପିଟାଲ ଷ୍ଟ୍ରକ୍‌ଚରକୁ ବୁଝିବା ଆଦି କାମ ସହଜ ନୁହେଁ। କୌଣସି ଡିଲ୍ ଅଧାରୁ ଭାଙ୍ଗିଯିବା ଅଥବା କାମରେ ବିଫଳ ହେବାର ବିପଦ ସର୍ବଦା ମୁଣ୍ଡ ଉପରେ ଝୁଲୁଥାଏ।

### ରୋଜଗାରର ବିପୁଳ ସମ୍ଭାବନା

କମର୍ସିଆଲ ବ୍ୟାଙ୍କ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଲାଗି ସବୁଠାରୁ ବଡ଼ ରୋଜଗାର ପ୍ରଦାନକାରୀ ହୋଇଛନ୍ତି। ଟ୍ରେଡିଂ ଫାର୍ମ, କ୍ୟାପିଟାଲ ମାର୍କେଟ, ଋଣପ୍ରଦାନକାରୀ କମ୍ପାନୀ ଆଦି ବଡ଼ ଆକାରରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କୁ ନିଯୁକ୍ତ କରୁଛନ୍ତି। ଏସବୁରେ ପେସାଦାରମାନେ ପୋର୍ଟଫୋଲିଓ ମ୍ୟାନେଜର ଓ ଫାଇନାନ୍ସିଆଲ ମ୍ୟାନେଜର ଭାବେ ନିଜର କାମ ଦର୍ଶାଇପାରିବେ। କମ୍ପାନୀଗୁଡ଼ିକ ନିଜର ଆର୍ଥିକ ଯୋଜନା, ଖର୍ଚ୍ଚ, ପ୍ରୋଜେକ୍ସନ ପ୍ଲାନିଂ ଏବଂ ଆସେଟ୍ ପ୍ଲାନିଂର ବିଶ୍ଳେଷଣ କରିବା ଲାଗି ପେସାଦାରଙ୍କୁ ନିଯୁକ୍ତ କରିଥାନ୍ତି। ହେଲ୍‌ଥକେୟାର, ଟେକ୍ନୋଲୋଜି ଏବଂ ଏନର୍ଜି ସେକ୍ଟରରେ ଏବେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଚାହିଦା ବଢ଼ିବାରେ ଲାଗିଛି। ଏହାଛଡ଼ା ଜଣେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର କୌଣସି କମ୍ପାନୀ ଅଥବା ଫାର୍ମରେ ଯୋଗ ନ ଦେଇ ସ୍ୱାଧୀନ ଭାବେ ଜଣେ କନସଲଟାଣ୍ଟ ଭାବେ କାର୍ଯ୍ୟ କରିପାରିବେ। ଏବେ କିଛିବର୍ଷ ହେଲା ବିଦେଶ ଯାଇ ସେଠାରେ କାମ କରିବାର ପ୍ରଚଳନ ବଢ଼ିବାରେ ଲାଗିଛି।



### ଆକର୍ଷଣୀୟ ଦରମା ପ୍ୟାକେଜ

ନିଯୁକ୍ତିର ପ୍ରାରମ୍ଭିକ ପର୍ଯ୍ୟାୟରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କୁ ମାସକୁ ୩୫ରୁ ୪୦ ହଜାର ଟଙ୍କା ଦରମା ମିଳିଥାଏ। ୩/୪ ବର୍ଷର ଅଭିଜ୍ଞତା ପରେ ଏହି ରାଶି ବଢ଼ି ୫୦ରୁ ୬୦ ହଜାର ଟଙ୍କା ହୋଇଯାଏ। ମଲ୍ଟିନ୍ୟାଶନାଲ କମ୍ପାନୀରେ ଏହା ଆହୁରି ଅଧିକ ହୋଇପାରେ।

### କିଛି ପ୍ରମୁଖ କୋର୍ସ

ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ହେବା ଲାଗି ଏମ୍‌ବିଏ ଇନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ, ବିଏ ଇନ ଫାଇନାନ୍ସ ଆଣ୍ଡ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ, ପିଜି ଡିପ୍ଲୋମା ଇନ ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସ, ପିଜି ଡିପ୍ଲୋମା ଇନ ଗ୍ଲୋବାଲ ଇନଭେଷ୍ଟମେଣ୍ଟ, ଡିପ୍ଲୋମା ଇନ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଆଣ୍ଡ ଇକ୍ୱିଟି ରିସର୍ଚ୍ଚ ଏବଂ ୟୁଜି ପ୍ରୋଗ୍ରାମ ଇନ ପୋର୍ଟଫୋଲିଓ ମ୍ୟାନେଜମେଣ୍ଟ ଆଣ୍ଡ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଆଦି କୋର୍ସ ରହିଛି।

ପରିଶେଷରେ କହିବାକୁ ଗଲେ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍‌ରେ ସଫଳ ହେବା ଲାଗି ବ୍ୟକ୍ତିଙ୍କ ନିକଟରେ ଲଜିକାଲ, ଆନାଲିଟିକାଲ, ଆଇଟି ଏବଂ ଗଣିତରେ ଭଲଜ୍ଞାନ ଥିବା ଆବଶ୍ୟକ। ପରିଶ୍ରମ ଉପରେ ଏହାର ସଫଳତା ସମ୍ପୂର୍ଣ୍ଣ ନିର୍ଭର କରୁଛି। ତେବେ ଟେକ୍ନୋଲୋଜି ଦୃଷ୍ଟିରୁ ଆଜିର ଯୁବପିଢ଼ି ଯେ ବେଶ୍ ଦକ୍ଷ ଏହା ସ୍ୱୀକାର କରାଯାଇପାରେ।

**OMI କମ୍ପାନୀରେ ମ୍ୟାନେଜର, ଅଫିସ ଷ୍ଟାଫ ପୋଷ୍ଟ ପାଇଁ ୩୯ ପୁଅ / ଝିଅ ଆବଶ୍ୟକତା**
ଦରମା 10000/- ରୁ 15000/-
ସାମନ୍ତରାପୁର, ଭୁବନେଶ୍ୱର
7992848615, 9078415615

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ଚାକର। ଘର ସଫେଇବାଲା। ଅଫିସ୍ ଆସିଷ୍ଟାଣ୍ଟ। ଜୁନିୟର କୁକ୍। ହେଲ୍‌ପର/ପିଅନ। ଭଲ ଦରମା।
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ:
9884761210

URGENTLY REQUIRED
**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 9776141333

**All Odisha Aadarsha Vidyalaya Vacancy**
TEACHER, CLERK, SECURITY GUARD, DATA ENTRY, PEON
Sal- 15,000 / Above, 3 Years Exp.
Qualification : +2 / Above
Contact : 8895574020

**ପଞ୍ଚାୟତ ବ୍ଲକସ୍ତରୀୟ ନିଯୁକ୍ତି**
ସମସ୍ତ ଜିଲ୍ଲାରୁ 7th to +3, ITI, Diploma B.Tech Candidate ଆବଶ୍ୟକ।
Salary :- Rs 7,000/- to Rs 42,000/-
9777639313

**WANTED**
Experienced **Drivers** for 4-wheelers, **Lathe & Milling Machine Operators**, **Welders**, **Gas-cutters**, **Fitters, Erector Gangs** for erection of all types of mechanical irrigation shutters for enlistment.
Contact: 9937513322

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary pto Rs.25000/-.
Contact Immediately Mob: 8763257042

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-30) yrs. ରହିବାର ସୁବିଧା ଦିଆଯିବ। Monthly Salary upto Rs. 24000/-.
Contact: 9938414918

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ କାର ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। Permanent Licence ଥିବା ଦରକାର।
Cont: 9337731351, 7077061630

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Mob: 9938676412

**WANTED SALESMAN & PEON BOY**
for Electronics Showroom in Bhubaneswar
Contact No:- 9861122226, 9090555447

**URGENT REQUIRED**
**Sales Executive**
having Sales experience in Agarbatti / Engine oil.
Contact No. 9861357758, 9938854494

**URGENTLY REQUIRED**
- Counsellor/Telecaller Salary: Rs. 6000/- to 12000/-P.M
- Smart Lady Receptionist Salary: Rs. 8000/- to 10000/-P.M
- OFFICE ASSISTANCE
- DTP • House Keeping
- Hostel Warden (For an Institute)
BHUBANESWAR / BALANGIR
7735387851/ 9438256276

**ITPS ACADEMY, BBSR requires**
• Marketing Executive (Fresher Male), • Tele Caller, • Back Office Executive (Male/Female), • DTP cum Computer Operator (Male), • Office Boy (Male).
Walk in or send Biodata to:
Email: utilityservices60@gmail.com
Call: 8984063445, 8984063447

**REQUIRED**
Required Experienced **MANAGER** (Production) B.Sc., **MANAGER** (Liaison) BA or B.Com. for a Chemical Industry at Bhubaneswar.
Contact: 9437468880

**Jr. Clerk cum Computer Asst.** For NGO at Bhubaneswar. Full Time, Salary Negotiable, Accommodation Free.
Contact: 9437976979, 9437392145

**URGENTLY REQUIRED**
- **PRINCIPAL (Female):** B.Ed. with 5 to 7 years Experience, **Salary:** 15,000 to 25,000.
- **TEACHER (Math & Science) Female:** B.Ed. with 3 years Exp., **Salary:** 7,000 to 15,000.
- **TEACHER (English) Female:** B.Ed with 3 years Exp., **Salary:** 7,000 to 15,000.
- **TEACHER (Kindergarten) Female:** NTT/ B.Ed. with 3 years Exp., **Salary:** 5,000 to 15,000.
LUCKY PUBLIC SCHOOL
Charichhak, Nimapara, Puri
7894447001/ 7894447111/ 06758-237776
luckypublicschool2015@gmail.com

**OrissaPOST** English daily
**WANTED**
SENIOR SUB-EDITORS:-
- Applicants must have atleast 5 years of editorial experience and proficiency in QuarkXPress. Responsibilities will include copy editing and rewriting articles, fact-checking and writing engaging headlines.
SENIOR REPORTERS:-
- Minimum 5 years of reporting experience in English media.
TRANSLATORS:-
- Well Versed in English and Oriya (Full Time).
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

**ସତ୍ୟ ମାଇକ୍ରୋ କ୍ୟାପିଟାଲ ଲିମିଟେଡ**
(ଆର.ବି.ଆଇ. ରେଜିଷ୍ଟରଡ ନ.ବି.ଫ.ସି - ମ.ଫ.ଆଇ)
ସୁବର୍ଣ୍ଣ ନିଯୁକ୍ତି ସୁଯୋଗ - ବ୍ୟାଙ୍କିଙ୍ଗ / ଫାଇନାନ୍ସ କ୍ଷେତ୍ରରେ କ୍ୟାରିୟର ବନେଇବା ପାଇଁ ସୁବର୍ଣ୍ଣ ସୁଯୋଗ
**ଇଡିଓ (ଫିଲଡ ଅଫିସର) - 100 ପଦବୀ**
ଯୋଗ୍ୟତା: +2/ଗ୍ରାଜୁଏଟ, ଅନୁଭବ: 0ରୁ 1ବର୍ଷ ଅନୁଭବ (ଭଲ କୁଶଳ ବକ୍ତା)
ଦରମା - 10,000 - 15,000 ପ୍ରତି ମାସ (ବୟସ : 18-30 ବର୍ଷ)
ସୁବିଧା - ରହିବା ପାଇଁ ରୁମ, ପ୍ରୋଭିଡେଣ୍ଟ ଫଣ୍ଡ, ଗ୍ରାଚୁଇଟି, ବୋନସ, ଭତ୍ତା, ଇନ୍‌ସୁରାନ୍ସ
ଇଣ୍ଟରଭିୟୁ ତାରିଖ - ୮ ଏବଂ ୯ ଜୁନ ୨୦୧୯ । ସକାଳ- ୧୦.୦୦ ରୁ ସନ୍ଧ୍ୟା ୪.୦୦ ଯାଏଁ
ସ୍ଥାନ- ହୋଟେଲ ପାର୍କ ରିସୋର୍ଟସ
ପ୍ଲଟ୍ ନଂ. ୨୨୭୧, ଅପୋଜିଟ୍ ଅଫ୍ ସିଣ୍ଡିକେଟ୍ ବ୍ୟାଙ୍କ, କଟକରୋଡ୍, ଭୁବନେଶ୍ୱର-୭୫୧୦୦୬
ଯୋଗାଯୋଗ- 8448092877 / 9937046818 / 7978799274
ଏହି ଚାକିରି ପାଇଁ ବାଇକ୍ ଆବଶ୍ୟକ।

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.46 (18) | 39,615.90 (86.18) | 11,870.65 (26.90) | 33,420.00 (`70) | 38,000.00 (`100) |



"ଡେଲ୍ ଭାରତରେ ୧୦ ହଜାର ପ୍ରିମିୟମ ଲାଟିଚ୍ୟୁଡ୍ ୭୪୦୦ ୨-ଇନ-୧ନୋଟବୁକ ବିକ୍ରି କରିବାର ଲକ୍ଷ୍ୟଧାର୍ଯ୍ୟ କରିଛି । ଏ କ୍ଷେତ୍ରରେ କମ୍ପାନୀ ନୂଆ ମାର୍କେଟ ସୃଷ୍ଟି କରିବ ।"
– ଇନ୍ଦ୍ରଜିତ୍ ବେଲଗୁଣ୍ଡି, ଜିଏମ୍, ଡେଲ୍ ଇଣ୍ଡିଆ



"ମୌସୁମୀ ପୂର୍ବରୁ ଏଫ୍‌ସିଆଇର ସମସ୍ତ ଗୋଦାମରେ ରହିଥିବା ଖାଦ୍ୟଶସ୍ୟ ସୁରକ୍ଷିତ ଥିବାବେଳେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟଶସ୍ୟ ରହିଛି।"
– ରାମବିଳାସ ପାଶୱାନ, କେନ୍ଦ୍ର ଖାଦ୍ୟ ମନ୍ତ୍ରୀ

## ସଂକ୍ଷେପରେ

### ଚନ୍ଦାଙ୍କୁ ଇଡି ନୋଟିସ



**ନୂଆଦିଲ୍ଲୀ,୭-୬:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୮୭୫ କୋଟି ଟଙ୍କାର ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ ଚନ୍ଦା କୋଚରଙ୍କୁ ପୁନର୍ବାର ଜେରା କରିବ। ଆସନ୍ତା ୧୦ରେ ହାଜର ହେବାକୁ ତାଙ୍କୁ ନୋଟିସ ଜାରି କରାଯାଇଛି। ଜଣେ ଅଧିକାରୀ କହିଛନ୍ତି ଯେ, ଚନ୍ଦାଙ୍କୁ ମଧ ଦିଲ୍ଲୀସ୍ଥିତ ଜାମନଗର କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏହି ମାମଲାରେ ଗୁରୁବାର ହାଜର ହେବାର ଥିଲା। ତେବେ ଚନ୍ଦା ସ୍ୱାସ୍ଥ୍ୟଗତ ତଥା ବ୍ୟକ୍ତିଗତ କାରଣ ଦର୍ଶାଇ ଆଉ କିଛି ଦିନ ପାଇଁ ସମୟ ମାଗିଛନ୍ତି। ଭିଡିଓକନ ଗ୍ରୁପ୍‌କୁ ଦିଆଯାଇଥିବା ଋଣକୁ ନେଇ ହୋଇଥିବା ମୂଲଚାଲକୁ ସ୍ପଷ୍ଟ କରିବା ଲାଗି ଇଡି ପକ୍ଷରୁ ଆଇସିଆଇସିଆଇ ବ୍ୟାଙ୍କର ଆହୁରି କିଛି ବରିଷ୍ଠ ଅଧିକାରୀଙ୍କୁ ହାଜର ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଉକ୍ତ ମାମଲାରେ ଜଡ଼ିତ ଚନ୍ଦାଙ୍କ ଦିଅର ତଥା ଦୀପକ କୋଚରଙ୍କ ଭାଇ ରାଜୀବ କୋଚରଙ୍କ ବିରୋଧରେ ଜାରି ହୋଇଥିବା ଲୁକ୍‌ଆଉଟ ନୋଟିସକୁ କୋର୍ଟ ହଟାଇ ଦେଇଛନ୍ତି। ତାଙ୍କୁ ବିଦେଶ ଯିବାକୁ କୋର୍ଟ ସର୍ତ୍ତର ସହ ଅନୁମତି ଦେଇଛନ୍ତି। ଅଦାଲତ ରାଜୀବଙ୍କୁ ସିଙ୍ଗାପୁର ଯିବାକୁ ଅନୁମତି ଦେଇଥିଲେ ହେଁ ସେଠାକାର ଠିକଣା ଏବଂ ସମ୍ପୂର୍ଣ୍ଣ ବିବରଣୀ ଇଡିଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଙ୍ଗାପୁରରେ ଥିବା ବେଳେ ସେ କୌଣସି ସମ୍ପତ୍ତି ବିକ୍ରି କରିପାରିବେ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

### ଅଗଷ୍ଟରୁ ଅନ୍‌ଲାଇନରେ କିଣି ହେବ ବିଦେଶୀ ମୁଦ୍ରା

**ନୂଆଦିଲ୍ଲୀ,୭-୬:** ବିଦେଶ ଯିବାକୁ ଥିବା ବ୍ୟକ୍ତିବିଶେଷ ଅଥବା କ୍ଷୁଦ୍ର ବ୍ୟବସାୟୀ ଅଗଷ୍ଟରୁ ଅନ୍‌ଲାଇନରେ ବିଦେଶୀ ମୁଦ୍ରା କିଣିପାରିବେ। ଏଥିଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଖୁବ୍‌ଶୀଘ୍ର ଏକ ପ୍ଲାଟଫର୍ମ ଆରମ୍ଭ କରିବାକୁ ଯାଉଛି। ଏ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ ଏକ ବିବୃତି ଜାରି କରିଛି। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, କ୍ଲିୟରିଂ କର୍ପୋରେଶନ ଅଫ୍ ଇଣ୍ଡିଆ ଏକ ନୂଆ ପ୍ଲାଟଫର୍ମ ଡେଭଲପ୍ କରିଛି। ଏହାର ଏବେ ପରୀକ୍ଷା ଚାଲିଛି। ଅଗଷ୍ଟ ପ୍ରଥମ ସପ୍ତାହରୁ ସାଧାରଣ ନାଗରିକ ଏହି ପ୍ଲାଟଫର୍ମର ବ୍ୟବହାର କରିପାରିବେ। ସୂଚନାଯୋଗ୍ୟ ଯେ, ବିଦେଶୀ ମୁଦ୍ରା କାରବାର ଅଦ୍ୟାବଧି ସମ୍ପୂର୍ଣ୍ଣ ଭାବେ ସଂଗଠିତ ନୁହେଁ। ବିଦେଶୀ ମୁଦ୍ରା କିଣିବା ଲାଗି ଲୋକଙ୍କୁ ୧ରୁ ୩% ପର୍ଯ୍ୟନ୍ତ କମିଶନ ଦେବାକୁ ପଡୁଛି। ଏହାକୁ ଧ୍ୟାନରେ ରଖି ୨୦୧୭ରେ ଆର୍‌ବିଆଇ ଏକ ଅନ୍‌ଲାଇନ ପ୍ଲାଟଫର୍ମ ବିକଶିତ କରିବା ଲାଗି ପ୍ରସ୍ତାବ ଦେଇଥିଲା। ଏହି ପ୍ଲାଟଫର୍ମ ଆରମ୍ଭ ହୋଇଯିବା ପରେ ସାଧାରଣ ଲୋକ ବିଦେଶୀ ମୁଦ୍ରାକୁ ଗୋଟିଏ କ୍ଲିକ୍‌ରେ ସହଜରେ କିଣି ବା ବିକି ପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କୌଣସି କମିଶନ ନିଆଯିବ ନାହିଁ। ଲୋକଙ୍କୁ ଆନ୍ତଃବ୍ୟାଙ୍କ ଦର ହିସାବରେ ବିଦେଶୀ ମୁଦ୍ରା କିଣାବିକା କରିବାକୁ ସୁଯୋଗ ଦିଆଯିବ। ନୂଆ ପ୍ଲାଟଫର୍ମରେ ଗ୍ରାହକଙ୍କ ରେଜିଷ୍ଟ୍ରେଶନ ଜୁଲାଇ ପହିଲାରୁ ଆରମ୍ଭ କରିବାକୁ ଫରେନ ଏକ୍ସଚେଞ୍ଜ ଡିଲର ଆସୋସିଏଶନ ନିଜର ସମସ୍ତ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଛି।

### ଆଇଓବିର ନୂତନ କ୍ଷେତ୍ରୀୟ ମୁଖ୍ୟ



**ଭୁବନେଶ୍ୱର,୭-୬:** ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଶ୍ୟାମ ସୁନ୍ଦର ନାରଙ୍ଗ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନାଗପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୪ରେ ସେ ଆଇଓବିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି। ଏନ୍‌ପିଏ ହ୍ରାସ, କାସା ଜମା ବୃଦ୍ଧି ଏବଂ ଖୁଚୁରା ଋଣ ପ୍ରଦାନକୁ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

# ବିକ୍ରି ହେବ ୫୦ ରାଷ୍ଟ୍ରାୟତ୍ତ ସମ୍ପତ୍ତି

ନୂଆଦିଲ୍ଲୀ,୭-୬

ଏନ୍‌ଟିପିସି, ସିମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ, ଭାରତ ଆର୍ଥ ମୁଭର୍ସ ଏବଂ ସେଲ୍ ସହିତ ରାଷ୍ଟ୍ରାୟତ୍ତ କମ୍ପାନୀର ୫୦ ଜମି ଏବଂ ଇଣ୍ଡଷ୍ଟ୍ରିଆଲ ପ୍ଲାଣ୍ଟ ସବୁକୁ ବିକ୍ରି ଲାଗି ନୀତି ଆୟୋଗ ଏକ ତାଲିକା ପ୍ରସ୍ତୁତ କରିଛି। ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ ମ୍ୟାନେଜମେଣ୍ଟ (ଦୀପମ୍)କୁ ଆୟୋଗ ଏକ ତାଲିକା ଦେଇଛି।

ଜଣେ ଅଧିକାରୀ କହିଛନ୍ତି ଯେ, ସମ୍ବନ୍ଧିତ ମନ୍ତ୍ରଣାଳୟ ତାଲିକାରେ ଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ସମ୍ପତ୍ତିକୁ ସହଜରେ ବିକ୍ରି କରିପାରିବେ। ସମ୍ପୃକ୍ତ ମନ୍ତ୍ରଣାଳୟର ସଚିବଙ୍କ ସହ ଆଲୋଚନା କରିବା ପରେ ହିଁ ଆୟୋଗ ସିଇଓ ଅମିତାଭ କାନ୍ତ ତାଲିକା ପ୍ରସ୍ତୁତ କରିଛନ୍ତି। ଅନ୍ୟ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆବଶ୍ୟକସ୍ଥଳେ ନୂଆ ତାଲିକା ଅଣାଯିବ। ସେ କହିଛନ୍ତି ଯେ, ଏନ୍‌ଟିପିସିର ବଦରପୁର ପ୍ଲାଣ୍ଟ ବନ୍ଦ ହୋଇପଡିରହିଛି। ଏହା ନିକଟରେ ୪୦୦ ଏକର ଜମି ରହିଛି। ସେଲ୍ ଭଳି ଅନ୍ୟ କମ୍ପାନୀଙ୍କ ବ୍ରାଉନ୍‌ଫିଲ୍ଡ ପ୍ରକଳ୍ପକୁ ବିକ୍ରି ଲାଗି ସାମିଲ କରାଯାଇଛି। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ପୁଞ୍ଜିପ୍ରତ୍ୟାହାରରୁ ୨୩୫୦ କୋଟି ଟଙ୍କା ଯୋଗାଡ କରିସାରିଛନ୍ତି। ଗତ ଆର୍ଥିକ ବର୍ଷରେ ମୋଟ୍‌ରେ ୮୪,୯୭୨ କୋଟି ଟଙ୍କା ଆଦାୟ ହୋଇଥିଲା। ଆୟୋଗ ୨୪ କମ୍ପାନୀର ସମ୍ପତ୍ତି ବିକିବାକୁ ଯାଉଛନ୍ତି। ତନ୍ମଧ୍ୟରେ ସ୍କୁଟର୍ସ ଇଣ୍ଡିଆ, ଭାରତ ପମ୍ପ ଆଣ୍ଡ କମ୍ପ୍ରେସର୍ସ, ପ୍ରୋଜେକ୍ଟ ଆଣ୍ଡ ଡେଭଲପ୍‌ମେଣ୍ଟ ଇଣ୍ଡିଆ, ହିନ୍ଦୁସ୍ତାନ ପ୍ରିଫ୍ୟାବ୍, ହିନ୍ଦୁସ୍ତାନ ନ୍ୟୁଜପ୍ରିଣ୍ଟ, ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଏବଂ ହିନ୍ଦୁସ୍ତାନ ଫ୍ଲୋରୋକାର୍ବନ ଆଦି ରହିଛି। ନୀତି ଆୟୋଗ ଚଳିତ ଆର୍ଥିକ ବର୍ଷ ଲାଗି ପୁଞ୍ଜିପ୍ରତ୍ୟାହାରରୁ ପ୍ରାୟ ୯୦ ହଜାର କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସୂଚନାଥାଉ କି, କେନ୍ଦ୍ର କ୍ୟାବିନେଟ ଫେବୃୟାରୀରେ ସେଣ୍ଟ୍ରାଲ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ ଅର୍ଥାତ୍ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଅଣ କୋର୍ ସମ୍ପତ୍ତିକୁ ବିକ୍ରି କରିବା ଲାଗି ଅନୁମତି ଦେଇଛି। ଏଥିଲାଗି ଅର୍ଥମନ୍ତ୍ରୀ, ସଡ଼କ ପରିବହନ ମନ୍ତ୍ରୀ ଏବଂ ସମ୍ବନ୍ଧିତ ମନ୍ତ୍ରଣାଳୟକୁ ନେଇ ଏକ ଅଲ୍‌ଟରନେଟ୍ ମେକାନିଜିମ୍ ପ୍ରସ୍ତୁତ କରାଯାଇଥିଲା। ଆସନ୍ତା ବର୍ଷକ ମଧ୍ୟରେ ସମ୍ପୂର୍ଣ୍ଣ ବିକ୍ରି ପ୍ରକ୍ରିୟାକୁ ଶେଷ କରାଯିବ।




- ବିକ୍ରିରେ ସାମିଲ ହେବ ୨୪ କମ୍ପାନୀର ସମ୍ପତ୍ତି
- ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ୯୦ ହଜାର କୋଟି

# ସଂଶୋଧିତ ଏନ୍‌ପିଏ ସର୍କୁଲାର ଜାରି

ମୁମ୍ବାଇ,୭-୬

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ସଂଶୋଧିତ ଏନ୍‌ପିଏ ସର୍କୁଲାର ଜାରି କରିଛି। ୨୦୦୦ କୋଟି ଅଥବା ଏହାଠାରୁ ଊର୍ଦ୍ଧ୍ୱ ଟଙ୍କାର ବକେୟା ଋଣ ଫେରସ୍ତ ଦେବାରେ ଋଣଗ୍ରହିତା ବିଫଳ (ଡିଫଲ୍ଟ) ହେବାର ୩୦ ଦିନ ଭିତରେ ସମ୍ପୃକ୍ତ ବ୍ୟାଙ୍କ ତାଙ୍କ ଆକାଉଣ୍ଟର ସମୀକ୍ଷା କରିପାରିବେ ଏବଂ ରିଜଲ୍ୟୁଶନ ପ୍ଲାନ୍ ଆରମ୍ଭ କରିପାରିବେ ବୋଲି ଏଥିରେ କ୍ଷମତା ଦିଆଯାଇଛି। ବ୍ୟାଙ୍କ ନିଜ ବୋର୍ଡ ଦ୍ୱାରା ସ୍ୱୀକୃତ ନୀତିକୁ ପାଳନ କରିବାକୁ ହେବ ବୋଲି ଆର୍‌ବିଆଇ କହିଛି। ପୁରୁଣା ସର୍କୁଲାରରେ ଡିଫଲ୍ଟ ହେବାର ଦିନକ ପରେ ହିଁ ବ୍ୟାଙ୍କ ସମୀକ୍ଷା କରିବା ଆରମ୍ଭ କରିଦେଉଥିଲା। ନୂଆ ସର୍କୁଲାର ଅନୁଯାୟୀ, ସମୀକ୍ଷା ଅବଧି ଭିତରେ ଋଣପ୍ରଦାନକାରୀ ବ୍ୟାଙ୍କ ବା ଆର୍ଥିକ ସଂସ୍ଥା ରିଜଲ୍ୟୁଶନ ପ୍ଲାନ ବା ସମାଧାନ ଯୋଜନା ରଣନୀତି ନିର୍ଦ୍ଧାରଣ କରିପାରିବେ। ଯୋଜନା ଲାଗୁ ହେବା ପରେ ସମସ୍ତ ଋଣପ୍ରଦାନକାରୀଙ୍କୁ ଇଣ୍ଟର କ୍ରେଡିଟର ଏଗ୍ରିମେଣ୍ଟ (ଆଇସିଏ)ରେ ସ୍ୱାକ୍ଷର କରିବାକୁ ହେବ। ତଦନୁଯାୟୀ ନିୟମ ଧାର୍ଯ୍ୟ କରାଯାଇପାରିବ। ଋଣପ୍ରଦାନକାରୀ ବ୍ୟାଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ନୂଆ ସର୍କୁଲାର ତୁରନ୍ତ କାର୍ଯ୍ୟକାରୀ ହେବ। ନୂଆ ସର୍କୁଲାର ଅନୁସାରେ, ଏବେ ରିଜଲ୍ୟୁଶନ ପ୍ରକ୍ରିୟା ଆରମ୍ଭ କରିବା ଲାଗି ୭୫% ଋଣପ୍ରଦାନକାରୀଙ୍କ ଅନୁମତି ନେବା ଜରୁରୀ ହେବ। ପୂର୍ବରୁ ସମସ୍ତ ବା ୧୦୦ ପ୍ରତିଶତ ଋଣପ୍ରଦାନକାରୀଙ୍କ ଅନୁମତି ନେବାକୁ ପଡୁଥିଲା। ଏଥିସହିତ ରିଜଲ୍ୟୁଶନ ପ୍ଲାନ୍ କିପରି ହେବ, କିଭଳି ଏହାକୁ ଲାଗୁ କରାଯିବ, ଏହା ନିର୍ଦ୍ଧାରଣ କରିବାର ଅଧିକାର ସମ୍ପୃକ୍ତ ଋଣପ୍ରଦାନକାରୀ (ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା)ଙ୍କୁ ଦିଆଯାଇଛି। ସମୀକ୍ଷା ଅବଧିର ୧୮୦ ଦିନ ଭିତରେ ରିଜଲ୍ୟୁଶନ ପ୍ଲାନ୍ ଲାଗୁ ନ ହେଲେ ଆର୍‌ବିଆଇ ବ୍ୟାଙ୍କଠାରୁ ୨୦% ଅତିରିକ୍ତ ପ୍ରୋଭିଜନିଂ କରିବାକୁ କହିବ। ୩୬୫ ଦିନରେ ରିଜଲ୍ୟୁଶନ ପ୍ଲାନ୍ ଲାଗୁ ନ ହେଲେ ୩୫% ଦେବାକୁ ହେବ। ଆର୍‌ବିଆଇ ତାଙ୍କ ସର୍କୁଲାରରେ କହିଛନ୍ତି ଯେ, ଋଣପ୍ରଦାନକାରୀଙ୍କୁ ଋଣ ଫଶିଯିବାର ଆଶଙ୍କା ତୁରନ୍ତ ଚିହ୍ନଟ କରିବା ଉଚିତ୍। ଏହା ଜଣାପଡିବା ମାତ୍ରେ ସଙ୍ଗେ ସଙ୍ଗେ ଏହାକୁ ସୂଚିତ କରିବା ଆବଶ୍ୟକ।



# ୟୁଏସ୍‌ଏର ୮୦ ଧନୀ ମହିଳାଙ୍କ ମଧ୍ୟରେ ୩ ଭାରତୀୟ

ନ୍ୟୁୟର୍କ,୭-୬

ନିଜର ଦକ୍ଷତା ବଳରେ ଆମେରିକାରେ (ୟୁଏସ୍‌ଏ) ସଫଳତା ହାସଲ କରିଥିବା ୮୦ ସବୁଠାରୁ ଧନୀ ମହିଳାଙ୍କ ମଧ୍ୟରେ ୩ ଜଣ ପ୍ରବାସୀ ଭାରତୀୟ ରହିଛନ୍ତି। ଫୋର୍ବ୍ସ ପକ୍ଷରୁ ଆମେରିକାର ସବୁଠାରୁ ଧନୀ ସେଲ୍ଫମେଡ୍ ମହିଳା-୨୦୧୯ ତାଲିକା ଜାରି କରାଯାଇଛି। ଏହି ୩ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ହେଲେ କମ୍ପ୍ୟୁଟର ନେଟ୍‌ୱର୍କିଂ କମ୍ପାନୀ ଅରିଷ୍ଟା ନେଟ୍‌ୱର୍କ୍ସର ଅଧ୍ୟକ୍ଷା ତଥା ସିଇଓ ଜୟଶ୍ରୀ ଉଲାଲ୍, ଆଇଟି କନସଲ୍‌ଟିଙ୍ଗ ଓ ଆଉଟସୋର୍ସିଂ କମ୍ପାନୀ ସିଣ୍ଟେଲର ସହ ପ୍ରତିଷ୍ଠାତା ନିରଜା ସେଠୀ ଓ ଷ୍ଟ୍ରିମିଙ୍ଗ ଡାଟା ଟେକ୍ନୋଲୋଜି କମ୍ପାନୀ କନ୍ଫ୍ଲୁଏଣ୍ଟର ସହ ପ୍ରତିଷ୍ଠାତା ନେହା ନରଖେଡେ। ୫୮ ବର୍ଷୀୟା ଜୟଶ୍ରୀ ଏହି ତାଲିକାର ୧୮ତମ ସ୍ଥାନରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧୪୦ କୋଟି ଡଲାର (୯୬୬୦ କୋଟି ଟଙ୍କା)। ତାଙ୍କ ନିକଟରେ ଅରିଷ୍ଟାର ୫% ଶେୟାର ରହିଛି। ଫୋର୍ବ୍ସ ପକ୍ଷରୁ କୁହାଯାଇଛି ଯେ, ଲଣ୍ଡନରେ ଜନ୍ମିତ ଏବଂ ଭାରତରେ ପାଳିତ ଉଲାଲ ଏବେ ଆମେରିକାର ସବୁଠାରୁ ଧନୀ ମହିଳାଙ୍କ ମଧ୍ୟରେ ସାମିଲ ହୋଇପାରିଛନ୍ତି। ସେହିପରି ନିରଜା ତାଲିକାର ୨୩ତମ ସ୍ଥାନରେ ରହିଛନ୍ତି। ତାଙ୍କର ସମ୍ପତ୍ତିର ପରିମାଣ ୧୦୦ କୋଟି ଡଲାର (୬୯୦୦ କୋଟି ଟଙ୍କା)। ସ୍ୱାମୀ ଭାରତ ଦେଶାଇଙ୍କ ସହ ମିଶି ନିରଜା ୧୯୮୦ରେ ୨୦୦୦ ଡଲାର ନିବେଶ କରି ସିଣ୍ଟେଲକୁ ପ୍ରତିଷ୍ଠା କରିଥିଲେ। ଫ୍ରାନ୍ସର ଆଇଟି କମ୍ପାନୀ ଆଣ୍ଟୋସ୍ ଗତ ବର୍ଷ ୩୪୦ କୋଟି ଡଲାରରେ ଏହି କମ୍ପାନୀକୁ କିଣି ନେଇଛି। ଏହି ଡିଲ୍‌ରୁ ନିରଜାଙ୍କୁ ତାଙ୍କର ଅଂଶଧନ ବିକ୍ରି ବାବଦରେ ୫୧ କୋଟି ଡଲାର(୩୫୧୯ କୋଟି ଟଙ୍କା) ମିଳିଥିଲା। ଅପରପକ୍ଷରେ ନେହା ତାଲିକାର ୬୦ତମ ସ୍ଥାନରେ ରହିଥିବା ବେଳେ ତାଙ୍କର ସମ୍ପତ୍ତିର ପରିମାଣ ୩୬ କୋଟି ଡଲାର (୨୪୮୪ କୋଟି ଟଙ୍କା) ରହିଛି। ତେବେ ଏହି ତାଲିକାର ଶୀର୍ଷରେ ରହିଛନ୍ତି ଏବିସି ସପ୍ଲାଇ କମ୍ପାନୀର ପ୍ରମୁଖ ଡିଏନ ହେଣ୍ଡରିକ୍ସ। ତାଙ୍କ ନିକଟରେ ୭୦୦ କୋଟି ଡଲାର (୪୮୩୦୦ କୋଟି ଟଙ୍କା) ସମ୍ପତ୍ତି ରହିଛି।

# ଜିଏସ୍‌ପି ଉପରେ ଭାରତ ନିର୍ଭରଶୀଳ ନୁହେଁ: ଗୋୟଲ

ନୂଆଦିଲ୍ଲୀ,୭-୬

ଆମେରିକାର ଜେନେରାଲାଇଜଡ ସିଷ୍ଟମ ଅଫ୍ ପ୍ରିଫରେନ୍ସେଜ (ଜିଏସ୍‌ପି) ପ୍ରତି ଭାରତ ବ୍ୟାକୁଳ କି ନିର୍ଭରଶୀଳ ନୁହେଁ। ଏହା ନିଜର ରପ୍ତାନିକୁ ପ୍ରତିଯୋଗିତାମୂଳକ କରିବାକୁ ସକ୍ଷମ ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଭାରତ ଏଭଳି ଏକ ବ୍ୟବସ୍ଥା ଉପରେ ଜୋର୍ ଦେବ ଯାହା ଦେଶର ରପ୍ତାନିକୁ ପ୍ରତିଯୋଗିତାମୂଳକ କରିବ ବୋଲି ଗୋୟଲ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ସପ୍ତାହରେ ସ୍ୱତନ୍ତ୍ର ବାଣିଜ୍ୟ ଛାଡ଼ କାର୍ଯ୍ୟକ୍ରମରୁ ଭାରତକୁ ହଟାଇ ଦେଇଥିଲେ। ଏହା ଗତ ୫ରୁ ଲାଗୁ ହୋଇଛି। ଏଣିକି ଭାରତରୁ ଆମେରିକାକୁ ଯାଉଥିବା ସମସ୍ତପ୍ରକାର ସାମଗ୍ରୀ ଉପରେ ସ୍ଥାନୀୟ ସରକାର ଆମଦାନୀ ଶୁଳ୍କ ଲାଗୁ କରିବ। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଥିଲେ ଯେ, ଆମେରିକାର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଆଦାୟ କ୍ଷେତ୍ରରେ ଭାରତ ତର୍କସଙ୍ଗତ ତଥା ସମାନ ସୁବିଧା ଦେଉନାହିଁ। ଆମେରିକାର ନିଷ୍ପତ୍ତିକୁ ଭାରତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଅଭିହିତ କରିଛି। ଗୋୟଲ କହିଛନ୍ତି ଯେ, ଭାରତ ଏବେ ଅବିକଶିତ ଅଥବା ସ୍ୱଳ୍ପ ବିକଶିତ ଦେଶ ନୁହେଁ। ଏଭଳି ଛାଡ଼ ଉପରେ ଭାରତ ଏବେ ନିର୍ଭରଶୀଳ ନୁହେଁ। କିଛି ସେକ୍ଟର ଉପରେ ୧ ଅଥବା ୨ ପ୍ରତିଶତ ପ୍ରଭାବ ପଡ଼ିପାରେ।

# ସୁଜୁକିର ନୂଆ ଜିକ୍ସର ଏସ୍‌ଏଫ୍ ୨୫୦, ଜିକ୍ସର ଏସ୍‌ଏଫ୍



ନୂଆଦିଲ୍ଲୀ,୭-୬

ସୁଜୁକି ମୋଟର ସାଇକେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏସ୍‌ଏମ୍‌ଆଇପିଏଲ) ପକ୍ଷରୁ ନୂଆ ଜିକ୍ସର ଏସ୍‌ଏଫ୍ ୨୫୦ ଏବଂ ଜିକ୍ସର ଏସ୍‌ଏଫ୍ ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହାକୁ କମ୍ପାନୀର ସେଲ୍‌ସ ଜେନେରାଲ ମ୍ୟାନେଜର ଦୀପକ ମୁତ୍ରେଜା ଏବଂ ପ୍ରଡକ୍ଟ ପ୍ଲାନିଂ ଜିଏମ୍ ୟୋସିଆକି ହାରାଡା ବଜାର ପ୍ରବେଶ କରାଇଥିଲେ। ଜିକ୍ସର ୨୫୦ସିସି ମଡେଲ ଦ୍ୱାରା କମ୍ପାନୀ ପ୍ରିମିୟମ ୨୫୦ ସିସି ସେଗ୍‌ମେଣ୍ଟର ନିଜର ଉପସ୍ଥିତି ଜାହିର କରିଛି। ଜିକ୍ସର ଏସ୍‌ଏଫ୍‌ରେ ଗ୍ରାହକମାନେ ବୋଲ୍ଡ ଷ୍ଟାଇଲିଂ, ଉନ୍ନତ ଡିଜାଇନ ଏବଂ ପରଫରମାନ୍ସ ଲାଭ କରିପାରିବେ। ସେହିଭଳି ଉନ୍ନତ ଇଞ୍ଜିନ କ୍ଷମତା ସହ ଜିକ୍ସର ୨୫୦ ଏସ୍‌ଏଫ୍ ମେଟାଲିକ ମ୍ୟାଟ୍ ପ୍ରିମିୟମ ସିଲଭର ଏବଂ ମେଟାଲିକ ମ୍ୟାଟ୍ ବ୍ଲାକ ରଙ୍ଗରେ ଆସୁଛି। ଏହାର ଏକ୍ସଶୋ'ରୁମ ଭୁବନେଶ୍ୱର ବଜାର ଦର ୧.୭୦ ଲକ୍ଷ ଟଙ୍କା ରହିଛି। ଜିକ୍ସର ଏସ୍‌ଏଫ୍ ଗ୍ଲାସ ସ୍ପାର୍କଲ ବ୍ଲାକ, ମେଟାଲିକ ସୋନିକ ସିଲଭର ଭଳି ରଙ୍ଗରେ ଆସୁଥିବା ବେଳେ ଏହାର ଏକ୍ସ ଶୋ'ରୁମ ଭୁବନେଶ୍ୱର ମୂଲ୍ୟ ୧.୦୯ ଲକ୍ଷ ଟଙ୍କା ରହିଛି। ଭାରତୀୟ ବଜାରରେ ପ୍ରିମିୟମ ସେଗମେଣ୍ଟ ପ୍ରତି ରହିଥିବା ପ୍ରତିବଦ୍ଧତା ଆଧାରରେ ନୂଆ ମଡେଲଗୁଡ଼ିକୁ ବଜାର ପ୍ରବେଶ କରାଯାଇଥିବା ସୁଜୁକି ମୋଟର ସାଇକେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର କମ୍ପାନୀ ମୁଖ୍ୟ କୋଇଚିରୋ ହୀରାଓ କହିଛନ୍ତି। ପ୍ରିମିୟମ ବାଇକ୍‌ର ଚାହିଦା ବଢୁଥିବାରୁ ସ୍ପୋର୍ଟ ଟୁରରଙ୍କ ଲାଗି ଏଭଳି ଏକ ମଡେଲ ବିକଶିତ କରାଯାଇଥିବା କମ୍ପାନୀର ଉପସଭାପତି ଦେବାଶିଷ ହାଣ୍ଡା ସୂଚନା ଦେଇଛନ୍ତି।

# ରିଲିଫ ପାଣ୍ଠିକୁ ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ ଦେଲା ୧ କୋଟି




ନୂଆଦିଲ୍ଲୀ,୭-୬

ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ଓରିଏଣ୍ଟାଲ ଇନସ୍ୟୁରାନ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏ.ଭି.ଗିରିଜାକୁମାର, ଜିଏମ୍ ଅତୁଲ ଜିରଥ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥି ସଂକ୍ରାନ୍ତ ଚେକ୍ ପ୍ରଦାନ କରିଛନ୍ତି। ପ୍ରଭାବିତ ଲୋକଙ୍କ ବୀମା ଦାବିର ତ୍ୱରିତ ସମାଧାନ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।


## E-TENDER NOTICE

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
**DEPARTMENT OF EMPOWERMENT FOR PERSONS WITH DISABILITIES (Divyangjan)**
**MINISTRY OF SOCIAL JUSTICE & EMPOWERMENT, GOVT. OF INDIA**
**Oltapur, P.O.-Bairoi, Dist-Cuttack-754010, Odisha.**
**Mob-** 8093350360, 9038055172
**Email-stores.nirtar@nic.in, Website-http://www.svnirtar.nic.in**

**"E-TENDER is invited for procurement of the following items for our institute and CRC, Rajnandgaon, Chhattisgarh."**

(1) **Physiotherapy / Occupational Therapy / Hospital Equipment**
(2) AMC of Modular Operation Theatre,
(3) E-Journal / Books for Library,
(4) Procurement of Stationery / General store / Electrical & Civil items / printing of forms & registers
(5) Procurement of Raw materials / Components for fitting of prosthesis & Orthosis
(6) Procurement of Medicine & Hospital consumable materials (Surgical items / laboratory chemicals / X-ray films & consumables)
(7) Hiring of manpower on yearly contract basis for CRC, Rajnandgaon, Chhatisgarh
(8) Hiring of 5 seated car on yearly contract basis for CRC, Rajnandgaon, Chhatisgarh

IMPORTANT DATES

| | |
|---|---|
| Availability of bid documents | 08.06.2019 |
| Last date for bid submission | 27.06.2019 |
| Opening date of technical bid | 28.06.2019 |

For more details log on to http://www.svnirtar.nic.in

Director



## BHUBANESWAR MUNICIPAL CORPORATION

**No.15871 COMPETITIVE BIDDING THROUGH e-Procurement Dt.06/06/19**

**NOTICE INVITING TENDER**
**Bid Reference No. BMC-EE-DD-02/2019-20**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer, Drainage Division, and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference No.**(BMC-EE-DD-2/2019-20)** should be written clearly over (super scribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by Executive Engineer, BMC Drainage Division on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer of BMC Drainage Division (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **05 Nos.**
2. Place of Execution : Different locations in Bhubaneswar Municipal Corporation area.
3. Estimated Cost of Individual Work : **Rs.8,15,703/- to Rs.15,96,427/-** Contractors of **Class- 'D' to Class 'C'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **5 P.M on Dt. 07.06.2019 to 5 P.M on Dt. 21.06.2019** for online bidding.
6. Bids received online will be opened at **11.00 A.M on Dt. 22.06.2019.**
7. The bidder must possess valid and Compatible **Digital Signature Certificate (DSC).**
8. The successful bidder bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**
**Executive Engineer,**
**Drainage Division, BMC**

**Progress Through Partnership for a Better Bhubaneswar**

# ଇଂଲଣ୍ଡ-ବାଂଲାଦେଶ ମୁକାବିଲା ଆଜି

କାର୍ଡିଫ,୭।୬(ଏଏଫ୍‌ପି)


ମାଶ୍ରାଫି ମୋର୍ତ୍ତାଜା ଓ ଇଅନ ମୋର୍ଗାନ।

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଆୟୋଜକ ତଥା ହଟ୍ ଫେଭରାଇଟ ଇଂଲଣ୍ଡ ଅନପ୍ରେଡିକ୍ଟବଲ ବାଂଲାଦେଶକୁ ଭେଟିବ। ସ୍ଥାନୀୟ ସୋଫିଆ ଗାର୍ଡେନ୍ସରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌କୁ ଇଂଲଣ୍ଡ ଆଦୌ ହାଲ୍‌କା ଭାବେ ନେବ ନାହିଁ। ବିଶ୍ୱକପ୍‌ର ଗତ ସଂସ୍କରଣରେ ବାଂଲାଦେଶ ଆଡିଲେଡ୍‌ରେ ୧୫ ରନରେ ଇଂଲଣ୍ଡକୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲା। ଏହି ଅପ୍ରତ୍ୟାଶିତ ପରାଜୟ କାରଣରୁ ଇଂଲଣ୍ଡ ପ୍ରଥମ ରାଉଣ୍ଡରୁ ହିଁ ବିଶ୍ୱକପ୍‌ରୁ ବିଦାୟ ନେଇଥିଲା। ଇଂଲଣ୍ଡ ଏହି ପରାଜୟକୁ ମନେ ରଖିଥିବ ଓ ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଥିବ। ତେବେ ଏହା ପରେ ଇଂଲଣ୍ଡ ଦିନିକିଆ ଫର୍ମାଟରେ ଅଶାତୀତ ଉନ୍ନତି କରିଛି ଓ ଦିନିକିଆ ର୍‍ୟାଙ୍କିଂର ୧ ନମ୍ବରସ୍ଥାନ ହାସଲ କରିଛି। ଦିନିକିଆ କ୍ରିକେଟରେ ଇଂଲଣ୍ଡ ବହୁତ ପରିବର୍ତ୍ତନ ମଧ୍ୟ ଆଣିଛି। କୋଚ୍ ପିଟର ମୁରସଙ୍କୁ ମଧ୍ୟ ପଦରୁ ବହିଷ୍କାର କରାଯାଇଥିଲା। ଏହାପରେ ଅଷ୍ଟ୍ରେଲିଆ ଅଭିଜ୍ଞ କୋଚ୍ ଟ୍ରେଭର ବେଲିସ୍‌ଙ୍କୁ କୋଚ୍ ନିଯୁକ୍ତ କରାଯାଇଥିଲା। ଇଂଲଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୧୦୪ ରନରେ ପରାସ୍ତ କରିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନଠାରୁ ୧୪ ରନରେ ହାରିଥିଲା। ଏହି ପରାଜୟକୁ ଇଂଲଣ୍ଡ ସହଜରେ ହଜମ କରିପାରି ନ ଥିଲା। ଫଳରେ ଇଂଲଣ୍ଡ ଖେଳାଳି ଉତ୍‌କ୍ଷୀପ୍ତ ହୋଇଥିଲେ। ଫଳରେ ଓପନିଂ ବ୍ୟାଟ୍ସମ୍ୟାନ ଜାସନ ରଏ ଓ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଖରାପ୍ ଆଚରଣ ପାଇଁ ଜରିମାନାର ସମ୍ମୁଖୀନ ହେବାକୁ ପଡିଥିଲା। ଷ୍ଟାଡିୟମରେ ପାକିସ୍ତାନ ପ୍ରଶଂସକମାନେ ମଧ୍ୟ ଇଂଲଣ୍ଡ ଖେଳାଳିଙ୍କୁ କିଛି ଆକ୍ଷେପ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଇଂଲଣ୍ଡ ଅଲରାଉଣ୍ଡର କ୍ରିସ୍ ୱୋକ୍ସ ବାଉଣ୍ଡାରୀରେ ଏକ କ୍ୟାଚ୍ ନେବା ପରେ ପାକିସ୍ତାନ ପ୍ରଶଂସକଙ୍କୁ ଓଠରେ ଅଙ୍ଗୁଳି ରଖି ଚୁପ୍ ରହିବାକୁ ଇଙ୍ଗିତ କରିଥିଲେ। ୨୦୧୬ରେ ଢାକାରେ ବାଂଲଦେଶକୁ ଇଂଲଣ୍ଡ ହରାଇଥିଲା। ଏଥିରେ ଇଂଲଣ୍ଡ ଖେଳାଳିଙ୍କ ଆଚରଣ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏବେ ଏହି ମ୍ୟାଚ୍‌ରେ ଏହାର ପୁନରାବୃତ୍ତି ହେବ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍ ଖେଳି ନ ଥିବା ଇଂଲଣ୍ଡ ଦ୍ରୁତ ବୋଲର ଲିଅମ ପ୍ଲଙ୍କେଟ୍ ଏହି ମ୍ୟାଚ୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। କିଭଳି ଭଲ ଖେଳି ଜିତିବାକୁ ହେବ ଇଂଲଣ୍ଡକୁ ବେଶ୍ ଭଲଭାବେ ଜଣା ବୋଲି ପ୍ଲଙ୍କେଟ କହିଛନ୍ତି। ଗତ ମ୍ୟାଚ୍‌ରେ ପାକିସ୍ତାନ ଭଲ ଖେଳିଥିଲା। ସେହିଭଳି ବାଂଲଦେଶ ଓ ଭାରତ ମଧ୍ୟ ଭଲ ପ୍ରଦର୍ଶନ କରିବେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ବିଗ୍ ବାଶ ଲିଗ୍‌ରେ ଇଂଲଣ୍ଡ ଖେଳାଳି ବିପୁଳ ସଂଖ୍ୟାରେ ଦର୍ଶକଙ୍କ ସମ୍ମୁଖରେ ଖେଳିଛନ୍ତି। ତେଣୁ ଏହି ମ୍ୟାଚ୍‌ରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ପ୍ଲଙ୍କେଟ କହିଛନ୍ତି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବାଂଲଦେଶ ୨ ଉଇକେଟରେ ପରାସ୍ତ ହୋଇଛି।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ କୌଣସି ବଡ଼ ଧରଣର ବପର୍ଯ୍ୟୟ ଘଟିନାହିଁ। ବାଂଲାଦେଶ ମଧ୍ୟ ଦକ୍ଷିଣ ଆଫ୍ରିକା ଭଳି ଶକ୍ତିଶାଳୀ ଦଳକୁ ୧୨ ରନରେ ହରାଇଛି। ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ପ୍ଲଙ୍କେଟ କହିଛନ୍ତି। ବାଂଲାଦେଶ ଏବେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ୨୦୧୦ରେ ଏହି ଦଳ ଇଂଲଣ୍ଡକୁ ହରାଇ ସେତେବେଳେ ବପର୍ଯ୍ୟୟ ଘଟାଇଥିଲା ଓ ଏହି କଥା ମୋର ମନେ ଅଛି ବୋଲି ପ୍ଲଙ୍କେଟ କହିଛନ୍ତି। ପାକିସ୍ତାନ ବିପକ୍ଷରେ ଲେଗ୍ ସ୍ପିନର ଆଦିଲ ରସିଦ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ଦିଆଯାଇ ନ ପାରେ।

ସୋଫିଆ ଗାର୍ଡେନ୍ସରେ ବାଂଲାଦେଶ ୨୦୦୫ରେ ସେତେବେଳର ଶକ୍ତିଶାଳୀ ଦଳ ତଥା ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇଥିଲା। ଏହା ଅନ୍ତର୍ଜାତୀୟ କ୍ରିକେଟର ସବୁଠାରୁ ବଡ଼ ବିପର୍ଯ୍ୟୟ ଥିଲା। ଏହି ମ୍ୟାଚ୍‌ରେ ମଶ୍ରାଫି ମୋର୍ତ୍ତାଜା ଖେଳିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ୨୪୫ ରନର ସ୍କୋରକୁ ବାଂଲାଦେଶ ପାଖାପାଖି ଡିଫେଣ୍ଡ କରିବାର ସଫଳ ହୋଇଯାଇଥିଲା। ତେଣୁ ଏପର୍ଯ୍ୟନ୍ତ ମୋଟାମୋଟି ଉପରେ ବାଂଲାଦେଶ ଜବରଦସ୍ତ ପ୍ରଦର୍ଶନ କରିଛି। ଟୁର୍ନାମେଣ୍ଟରେ ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେଉଛି। ତେଣୁ ଏହି ମ୍ୟାଚ୍ ଆମ ପାଇଁ ଆଦୌ ସହଜ ହେବ ନାହିଁ ବୋଲି ବାଂଲାଦେଶ ଅଧିନାୟକ ମୋର୍ତ୍ତାଜା କହିଛନ୍ତି। ତେବେ ଯଦି ଆମେ ଶ୍ରେଷ୍ଠ ପ୍ରଦର୍ଶନ କରୁ ତାହାଲେ ଇଂଲଣ୍ଡକୁ ହରାଇବୁ ବୋଲି ସେ କହିଛନ୍ତି। ଅନ୍ୟ କେତେକ ଶକ୍ତିଶାଳୀ ଦଳ ଭଳି ବାଂଲାଦେଶ ଦଳରେ ମଧ୍ୟ କେତେକ କ୍ୱାଲିଟି ତଥା ବିଶ୍ୱସ୍ତରୀୟ ଦିନିକିଆ ଖେଳାଳି ରହିଛନ୍ତି। ତେଣୁ ଏହି ମ୍ୟାଚ୍‌ରେ ଜବରଦସ୍ତ ରୋମାଞ୍ଚ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

### ଆଜିର ମ୍ୟାଚ୍

ଇଂଲଣ୍ଡ ବନାମ ବାଂଲାଦେଶ

ସ୍ଥାନ: କାର୍ଡିଫ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଆଫଗାନିସ୍ତାନ ବନାମ ନ୍ୟୁଜିଲାଣ୍ଡ

ସ୍ଥାନ: ଟଣ୍ଟନ୍, ସମୟ ସନ୍ଧ୍ୟା ୬ଟା

# ପଏଣ୍ଟ ଭାଗ କଲେ ପାକିସ୍ତାନ, ଶ୍ରୀଲଙ୍କା


ବର୍ଷା ଯୋଗୁଁ ବ୍ରିଷ୍ଟଲ ଗ୍ରାଉଣ୍ଡରେ ଜମିଥିବା ପାଣିକୁ ବାହାର କରିବାକୁ ପ୍ରୟାସ କରାଯାଉଛି।

ବ୍ରିଷ୍ଟଲ,୭।୬(ପି.ଟି.)

### ବର୍ଷା ଯୋଗୁ ମ୍ୟାଚ୍ ବାତିଲ

ସ୍ଥାନୀୟ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଚଳିତ ବିଶ୍ୱକପ୍‌ର ୧୧ତମ ମ୍ୟାଚ୍ ପ୍ରବଳ ବର୍ଷା ଯୋଗୁ ବାତିଲ ହୋଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ଅତ୍ୟଧିକ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ପାକିସ୍ତାନ ଓ ଶ୍ରୀଲଙ୍କା ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ଦୁଇ ଫିଲ୍ଡ ଅମ୍ପାୟର ନିଗେଲ ଲଙ୍ଗ୍ ଓ ଇଆନ ଗୋଲ୍ଡ ଏକାଧିକବାର ପଡିଆ ନୀରିକ୍ଷଣ କରିବା ପରେ ଅପରାହ୍ନ ୩.୪୬ରେ ମ୍ୟାଚକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ତିମ ନୀରିକ୍ଷଣ ବେଳେ ମଧ୍ୟ ଆକାଶ ସମ୍ପୂର୍ଣ୍ଣ ମେଘୁଆ ଥିଲା। ସେତେବେଳେ ୨୦ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯିବାକୁ ଚିନ୍ତା କରାଯାଉଥିଲା। ଫଳରେ ବିନା ଟସ୍ ଓ ବୋଲିଂରେ ମ୍ୟାଚ ଶେଷରେ ବାତିଲ ହୋଇଥିଲା। ଉଭୟ ପାକିସ୍ତାନ ଓ ଶ୍ରୀଲଙ୍କା ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଦୁଇଟି ଲେଖାଏ ମ୍ୟାଚ ଖେଳିଛନ୍ତି। ଉଭୟ ଦଳ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ବରଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ୱେଷ୍ଟଇଣ୍ଡିଜଠାରୁ ୭ ଉଇକେଟରେ ପରାସ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ୧୪ ରନରେ ଇଂଲଣ୍ଡକୁ ହରାଇଥିଲା। ଅନ୍ୟପଟେ ଶ୍ରୀଲଙ୍କା ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ୧୦ ଉଇକେଟରେ ପରାସ୍ତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୩୪ ରନରେ ହରାଇଥିଲା।

# ଗୋପାଳସ୍ୱାମୀ ବିସିସିଆଇ ନିର୍ବାଚନ ଅଧିକାରୀ



ମୁମ୍ବାଇ,୭।୬(ପି.ଟି.)

ଆସନ୍ତା ଅକ୍ଟୋବର ୨୨ ତାରିଖରେ ଆୟୋଜନ ହେବାକୁଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚନ ପାଇଁ ପ୍ରାକ୍ ପସ୍ତୁତି ଆରମ୍ଭ ହୋଇଛି। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏନ୍. ଗୋପାଳସ୍ୱାମୀ ଏହି ହାଇପ୍ରୋଫାଇଲ ନିର୍ବାଚନର ସୁପରିଚାଳନା ତଥା ତଦାରଖ ପାଇଁ ଇଲେକ୍ଟୋରାଲ ଅଫିସର ବା ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ଉପଦେଶ କ୍ରମେ ମାନ୍ୟବର ସୁପ୍ରିମକୋର୍ଟ ଏକ କମିଟ ଅଫ୍ ଆଡମିନିଷ୍ଟ୍ରେଟର ନିଯୁକ୍ତି କରିଛନ୍ତି। ଏହି କ୍ରମରେ ଗୋପାଳସ୍ୱାମୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି।

ମୁମ୍ବାଇସ୍ଥିତ ବିସିସିଆଇ ହେଡ୍‌କ୍ୱାର୍ଟରରେ ଗୋପାଳସ୍ୱାମୀ କାର୍ଯ୍ୟକରିବା ସହିତ ନିବାଚନ ତଦାରଖ କରିବେ। ପ୍ରଶାସକ କମିଟି (ସିଓଏ) ଗତମାସ ଅକ୍ଟୋବର ୨୨ ତାରିଖରେ ବହୁପ୍ରତିକ୍ଷୀତ ବିସିସିଆଇ ନିର୍ବାଚନ ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲା। ଉଲ୍ଲେଖଥାଉ କି, ସୁପ୍ରିମକୋର୍ଟ ୨୦୧୭ ଜାନୁୟାରୀରେ ସିଓଏ ନିଯୁକ୍ତି କରିଥିଲା। ଜଷ୍ଟିସ୍ ଆର.ଏମ୍. ଲୋଧା ପ୍ୟାନେଲଙ୍କ ସଂସ୍କାରମୂଳକ ପ୍ରସ୍ତାବ ଲାଗୁ କରିବା ଓ ଏହାର ତଦାରଖ କରିବା ପାଇଁ ସିଓଏ ଗଠନ କରାଯାଇଥିଲା। ଶୁକ୍ରବାର ବୈଠକରେ ବସି ସିଓଏ କିପରି ନିର୍ବାଚନ ସୁଚାରୁରୂପେ ପରିଚାଳନା କରାଯିବ ସେ ନେଇ ରୋଡ ମ୍ୟାପ୍ ପ୍ରସ୍ତୁତ କରିଥିଲା। ବିସିସିଆଇ ନିର୍ବାଚନ ପରେ ରାଜ୍ୟ ଆସୋସିଏଶନ ଗୁଡିକ ମଧ୍ୟ ସେପ୍ଟେମ୍ବର ୧୪ ସୁଦ୍ଧା ସେମାନଙ୍କୁ ନିର୍ବାଚନ ଶେଷ କରିବେ ବୋଲି ଆଶା କରାଯାଉଛି।

# ଆଡାମ୍ ଜାମ୍ପାଙ୍କୁ ଭର୍ତ୍ସନା

ନଟିଂହାମ,୭।୬(ପିଟି): ଅଷ୍ଟ୍ରେଲିଆନ ଲେଗ୍ ସ୍ପିନର ଆଡାମ୍ ଜାମ୍ପାଙ୍କୁ ଆଇସିସି ପକ୍ଷରୁ ଭର୍ତ୍ସନା କରାଯାଇଛି। ଏଥିସହ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ଭଙ୍ଗ କରିବା ପାଇଁ ତାଙ୍କୁ ଏକ ନେଗେଟିଭ ପଏଣ୍ଟ ପ୍ରଦାନ କରାଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରତିପକ୍ଷ ଖେଳାଳିଙ୍କୁ ଗାଳି ଦେଇଥିବା ଶୁଣିବାକୁ ମିଳିଥିଲା। ଏହି ଘଟଣା ୨୯ତମ ଓଭରରେ ୱେଷ୍ଟଇଣ୍ଡିଜ ଦଳ ବ୍ୟାଟିଂ କରୁଥିବାବେଳେ ଘଟିଥିଲା। ସେ ଯେଉଁ ଗାଳି ଦେଇଥିଲେ, ତାହା ଫିଲ୍ଡ ଅମ୍ପାୟର ଶୁଣିଥିଲେ। ମ୍ୟାଚ୍ ପରେ ସେ ଦୋଷ ସ୍ୱୀକାର କରି ନେଇଛନ୍ତି।

# ଆଫଗାନିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡ ଫେଭରାଇଟ୍

ଟନ୍‌ଟନ, ୭।୬(ଏଏଫ୍‌ପି)


ଗୁଲବଦିନ ନାଇବ୍ ଓ କେନ ୱିଲିୟମ୍‌ସନ

ବିଶ୍ୱକପ୍‌ରେ ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମୁହାଁମୁହିଁ ହେବେ। ଉଭୟ ଦଳ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ଆଫଗାନିସ୍ତାନର ସ୍ପିନରଙ୍କର ସଫଳ ମୁକାବିଲା କରିବାକୁ ନ୍ୟୁଜିଲାଣ୍ଡ ପ୍ରସ୍ତୁତ ଅଛି ବୋଲି ଦଳର ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର କହିଛନ୍ତି। ନ୍ୟୁଜିଲାଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଅତି ସହଜରେ ୧୦ ଉଇକେଟରେ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବାଂଲାଦେଶକୁ ବୁଧବାର ୨ ଉଇକେଟ ହରାଇଥିଲା। ତେଣୁ ବିଜୟଧାର ବଜାୟ ରଖି ନ୍ୟୁଜିଲାଣ୍ଡ ଆଫଗାନିସ୍ତାନକୁ ହରାଇ ହ୍ୟାଟ୍ରିକ ଅର୍ଜନ କରିବା ଲକ୍ଷ୍ୟରେ ରହିଛି। ବାଂଲାଦେଶ ବିପକ୍ଷରେ ଟେଲର ୮୨ ରନର ଉପଯୋଗୀ ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିଥିଲା। ୨୦୧୫ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା। ନ୍ୟୁଜାଲାଣ୍ଡ ଦଳରେ କେତେଜଣ କ୍ୱାଲିଟି ତଥା ବିଶ୍ୱସ୍ତରୀୟ ଦ୍ରୁତ ବୋଲର ରହିଛନ୍ତି। ତେବେ ସ୍ପିନ୍ ବିପକ୍ଷରେ ଭଲ ଖେଳିଲେ ନ୍ୟୁଜିଲାଣ୍ଡ ଆଫ୍‌ଗାନିସ୍ତାନକୁ ହରାଇ ପାରିବ ବୋଲି ଟେଲର କହିଛନ୍ତି। ଆଫଗାନିସ୍ତାନ ଦଳରେ କେତେଜଣ କ୍ୱାଲିଟି ସ୍ପିନର ରହିଛନ୍ତି ଓ ଗତ ୪ଟି ଦିନିକିଆରେ ୩ଥର ୪୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ଟେଲର କହିଛନ୍ତି। ଦୁଇଟି ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଦୁଇଟିରେ ବିଜୟୀ ହୋଇ ଭଲ ସ୍ଥିତିରେ ରହିଛି। ଟେଲରଙ୍କ ସମେତ ଅଧିନାୟକ କେନ୍ ୱିଲିୟମସନ ଜବରଦସ୍ତ ଫର୍ମରେ ରହିଛନ୍ତି। ବାଂଲାଦେଶ ବିପକ୍ଷରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୦୫ ରନର ଭାଗୀଦାରି ସ୍ଥାପନ କରିଥିଲେ। ମ୍ୟାଟ ହେନେରୀଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନେ ଦମ୍‌ଦେଖାଇବାରେ ସଫଳ ହୋଇଛନ୍ତି। ବାଂଲାଦେଶ ବିପକ୍ଷରେ ହେନେରୀ ୪ ଉଇକେଟ ଅକ୍ତିଆର କରିଥିଲେ। ଦୁଇଟି ମ୍ୟାଚ୍‌ରୁ ସେ ଏପର୍ଯ୍ୟନ୍ତ ୭ଟି ଉଇକେଟ ହାସଲ କରିଛନ୍ତି। ହେନେରୀଙ୍କୁ ଟ୍ରେଣ୍ଟ ବୋଲ୍ଟ ଓ ଲୋକି ଫର୍ଗୁସନ ଆବଶ୍ୟକ ସହାୟତା ପ୍ରଦାନ କରିଛନ୍ତି। ଉଭୟ ଘଣ୍ଟାପ୍ରତି ୯୬ ମାଇଲ ବେଗରେ ବଲ୍ ପକାଉଛନ୍ତି। ଟୁର୍ନାମେଣ୍ଟରେ ଫର୍ଗୁସନ ଦଳ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଟେଲର କହିଛନ୍ତି। ସେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଛନ୍ତି। ଆଫଗାନିସ୍ତାନ ଏକ ବିପଜ୍ଜନକ ଦଳ। ତେଣୁ ଆଫଗାନିସ୍ତାନକୁ ଆଦୌ ହେୟ ମନେ କରିବୁ ନାହିଁ ବୋଲି ହେନରୀ କହିଛନ୍ତି।

ଅପରପକ୍ଷରେ ଦ୍ୱିତୀୟଥର ପାଇଁ ଆଫଗାନିସ୍ତାନ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଯାଉଛି। ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ଆଫଗାନିସ୍ତାନ ପରାସ୍ତ ହୋଇଥିଲେ ମଧ୍ୟ ଲଢୁଆ ଖେଳ ପ୍ରଦର୍ଶନ କରିଛି। ଗତ ମ୍ୟାଚ୍‌ରେ ଆଫଗାନିସ୍ତାନ ଶ୍ରୀଲଙ୍କଠାରୁ ପରାସ୍ତ ହୋଇଥିଲେ ମଧ୍ୟ ସ୍ପିନର ରସିଦ ଖାଁ ଓ ମହମ୍ମଦ ନବୀ ଉଚ୍ଚକୋଟୀର ସ୍ପିନ ବୋଲିଂ କରିଥିଲେ। ନବୀ ୩୦ ରନ ବ୍ୟୟ କରି ୪ ଉଇକେଟ ଅକ୍ତିଆର କରିଥିଲେ। ତେବେ ବ୍ୟାଟିଂ ବିଫଳତା କାରଣରୁ ଆଫଗାନିସ୍ତାନ ଶ୍ରୀଲଙ୍କଠାରୁ ହାରିଥିଲା। ବ୍ୟାଟିଂରେ ଆମେ ଉନ୍ନତୀ କରିବାର ଆବଶ୍ୟକତା ରହିଛି ବୋଲି ଆଫଗାନିସ୍ତାନ ଅଧିନାୟକ ଗୁଲବଦିନ ନାଇବ କହିଛନ୍ତି। ଦଳର ବରିଷ୍ଠ ବ୍ୟାଟ୍ସମ୍ୟାନମାନେ ଭଲ ପ୍ରଦର୍ଶନ କରି ଜୁନିୟର ଖେଳାଳିଙ୍କୁ ଉତ୍ସାହିତ କରବା ଆବଶ୍ୟକ ବୋଲି ଦଳର ମଧ୍ୟମଗତି ଦ୍ରୁତ ବୋଲର ମୀରୱାଇସ୍ ଆଶ୍ରଫ୍ କହିଛନ୍ତି। ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂ ବିଫଳତା କାରଣରୁ ଓ ଏକାଧିକ ତ୍ରୁଟି କରି ହାରିଛୁ ବୋଲି ସେ କହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଏହି ମ୍ୟାଚ୍‌ରେ ତ୍ରୁଟି ସୁଧାରିବା ସହିତ ଅନ୍ୟ ବୋଲର ଓ ବ୍ୟାଟ୍ସମ୍ୟାନଙ୍କୁ ସୁଯୋଗ ଦିଆଗଲେ ଭଲ ହେବ ବୋଲି ସେ ମତ ଦେଇଛନ୍ତି। ସେମିଫାଇନାଲ ଆଶା ଉଜ୍ଜୀବିତ ରଖିବା ପାଇଁ ଆଫଗାନିସ୍ତାନକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇ ପଡିଛି।

# ଫ୍ରିହିଟ୍ ବଲରେ ବୋଲ୍ଡ ହେଲେ ଗେଲ୍

ଲଣ୍ଡନ,୭।୬



ୱେଷ୍ଟଇଣ୍ଡିଜ ଦଳର ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଅଷ୍ଟ୍ରେଲିଆ ବିପକ୍ଷରେ ଟ୍ରେଣ୍ଟ ବ୍ରିଜ୍‌ଠାରେ ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ରେ ଫ୍ରିହିଟ୍ ବଲରେ ବୋଲ୍ଡ ଆଉଟ୍ ହୋଇଛନ୍ତି। ଏଥିନେଇ କ୍ରିକେଟ ପଣ୍ଡିତ ଓ ପ୍ରଶଂସକମାନେ ଫିଲ୍ଡ ଅମ୍ପାୟର ରୁଚିରା ପାଲିୟାଗୁରୁଗ ଓ କ୍ରିସ୍ ଗଫାନେଙ୍କୁ କଡ଼ା ସମାଲାଚନା କରିଛନ୍ତି। ଏପରି କି କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବୋଲର ମାଇକେଲ ହୋଲ୍ଡିଂ ଅମ୍ପାୟରଙ୍କୁ ନୃଶଂସ କହିଛନ୍ତି। ଏଥିସହ ଉଭୟ ଅମ୍ପାୟରଙ୍କ ମ୍ୟାଚ୍ ପରିଚାଳନା ଦକ୍ଷତା ନ ଥିବା କହିଛନ୍ତି। ଅଷ୍ଟ୍ରେଲିଆନ ଖେଳାଳିଙ୍କ ବାରମ୍ବାର ଅପିଲ ଯୋଗୁ ଅମ୍ପାୟରଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା। ଫଳରେ ଦୁଇ ଅମ୍ପାୟର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ ବୋଲି ହୋଲ୍ଡିଂ କହିଛନ୍ତି। ମ୍ୟାଚ୍‌ରେ ଦୁଇ ଥର ଖରାପ ଅମ୍ପାୟରିଂରୁ ୱେଷ୍ଟଇଣ୍ଡିଜ ବର୍ତ୍ତିଥିଲା। ଗେଲ୍ ଓ ଜାସନ ହୋଲ୍ଡରଙ୍କୁ ଅମ୍ପାୟର ଆଉଟ୍ ଦେଇଥିଲେ। ହେଲେ ସେମାନେ ଡିଆର୍‌ଏସ୍ ବ୍ୟବହାର କରି ତ୍ରୁଟିପୂର୍ଣ୍ଣ ନଷ୍ପତ୍ତିରୁ ବର୍ତ୍ତିଯାଇଥିଲେ। ଅଷ୍ଟ୍ରେଲିଆ ପେସର ମିଚେଲ ଷ୍ଟାର୍କ ଧାର୍ଯ୍ୟ ସୀମା ଅତିକ୍ରମ କରି ବୋଲିଂ କରିଥିଲେ, ଯାହାକୁ ଅମ୍ପାୟର ନୋ ବଲ ଦର୍ଶାଇ ନ ଥିଲେ। ଏହାର ପରବର୍ତ୍ତୀ ବଲ ଫ୍ରି-ହିଟ୍ ହେବା କଥା, ହେଲେ ଗେଲ୍ ବୋଲ୍ଡ ଆଉଟ୍ ହୋଇଥିଲେ। କେବଳ ଆମେ ବ୍ୟାଟିଂ କରୁଥିବାବେଳେ ନୁହେଁ, ବୋଲିଂ କରିବାବେଳେ ଅମ୍ପାୟରିଂରେ ତ୍ରୁଟି ହୋଇଥିବା କାର୍ଲୋସ ବ୍ରାଥୱେଟ ମଧ୍ୟ କହିଛନ୍ତି।

# ବିଶ୍ୱକପ୍‌ରୁ ଶେହଜାଦ ଆଉଟ୍

ଲଣ୍ଡନ,୭।୬

ଆଫଗାନିସ୍ତାନର ଉଇକେଟ କିପର ବ୍ୟାଟ୍ସମ୍ୟାନ ମହମ୍ମଦ ଶେହଜାଦ୍ ଚଳିତ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିବା ସ୍ପଷ୍ଟ ହୋଇଛି। ତାଙ୍କ ବଦଳରେ ବାମହାତୀ ଉଇକେଟ କିପର ଇକ୍ରାମ ଅଲି ଖିଲଙ୍କୁ ଦଳରେ ସାମିଲ କରାଯାଇଛି। ପାକିସ୍ତାନ ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌ରେ ଶେହଜାଦ୍ ଆହତ ହୋଇଥିଲେ। ଏହା ସତ୍ତ୍ୱେ ସେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଖେଳିଥିଲେ। ଏଣୁ ସମସ୍ୟା ବୃଦ୍ଧିପାଇବାରୁ ସେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଏହି ଓପନର ଅଷ୍ଟ୍ରେଲିଆ ବିପକ୍ଷରେ ଖାତା ଖୋଲିପାରି ନ ଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ କେବଳ ୭ ରନ୍ କରିଥିଲେ। ଉଭୟ ମ୍ୟାଚ୍‌ରେ ଆଫଗାନିସ୍ତାନ ପରାସ୍ତ ହୋଇଥିଲା। ଖିଲ ଚଳିତ ବର୍ଷ ଆୟର୍ଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ପର୍ଦାପଣ କରିବା ପରେ ଏ ପର୍ଯ୍ୟନ୍ତ ୨ ମ୍ୟାଚ୍ ଖେଳିଛନ୍ତି। ଆଫଗାନିସ୍ତାନ ଦଳ ୮ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ।

# ଧୋନୀଙ୍କୁ ବିସିସିଆଇର ସମର୍ଥନ

ନୂଆଦିଲ୍ଲୀ,୭।୬

ଭାରତୀୟ ଉଇକେଟ କିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ରେ ବ୍ୟବହାର ଉଇକେଟ କିପିଂ ଗ୍ଲୋଭ୍ସକୁ ନେଇ ଏବେ ବିବାଦ ଦେଖାଦେଇଛି। ଗ୍ଲୋଭ୍ସରେ ଲାଗିଥିବା ଆର୍ମିର ପ୍ରତୀକ ବଳିଦାନ ଚିହ୍ନକୁ ଗ୍ଲୋଭ୍ସରୁ ହଟାଇବା ପାଇଁ ଆଇସିସି ପକ୍ଷରୁ ବିସିସିଆଇକୁ ନିବେଦନ କରାଯାଇଥିଲା। ହେଲେ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଇ ପୂର୍ବତନ ଅଧିନାୟକଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ରାଇ କହିଛନ୍ତି, ଉକ୍ତ ଚିହ୍ନ କୌଣସି ଧାର୍ମିକ କିମ୍ବା ବ୍ୟବସାୟିକ ଚିହ୍ନ ନୁହେଁ। ଏଣୁ ବିସିସିଆଇ ଧୋନୀଙ୍କ ସପକ୍ଷରେ ରହିଛି। ଏହାକୁ ସ୍ୱୀକୃତି ଦେବା ପାଇଁ ବିସିସିଆଇ ପକ୍ଷରୁ ଆଇସିସି ନିକଟରେ ଅନୁରୋଧ କରାଯାଇଛି। ଆଇସିସି ନିୟମ ଅନୁଯାୟୀ, କୌଣସି ଖେଳାଳି ବ୍ୟବସାୟିକ, ଧାର୍ମିକ କିମ୍ବା ସୈନ୍ୟଙ୍କ ଲୋଗୋ ବ୍ୟବହାର କରିପାରିବେ ନାହିଁ। କିନ୍ତୁ ଧୋନୀ ପାରାମିଲିଟାରି ରେଜିମେଣ୍ଟାର ଲୋଗୋ ଗ୍ଲୋଭ୍ସରେ ବ୍ୟବହାର କରିଛନ୍ତି, ଯାହା ସଭିଙ୍କୁ ଜଣା। ଏଣୁ ଧୋନୀ କୌଣସି ଆଇସିସି ନିୟମ ଭଙ୍ଗ କରିନାହାନ୍ତି। ଧୋନୀ ଏହି ଗ୍ଲୋଭ୍ସର ବ୍ୟବହାର ଜାରି ରଖନ୍ତୁ ଆଇସିସିକୁ ଆମେ ଅନୁରୋଧ କରିଛୁ।

### ପାକ୍ ମନ୍ତ୍ରୀଙ୍କ ଟୁଇଟ୍

ଲଣ୍ଡନ,୭।୬- ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଗ୍ଲୋଭ୍ସ ନେଇ ଚର୍ଚ୍ଚା ଜୋର ଧରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଆର୍ମି ପ୍ରତୀକ ବଳିଦାନ ବ୍ୟାଜ୍ ପରିଧାନ କରିବା ପରେ ପାକିସ୍ତାନର ବିଜ୍ଞାନ ଓ ବୈଷୟିକ ବିଭାଗୀୟ ମନ୍ତ୍ରୀ ଫୱାଦ ଆଲାମ ଚୌଧରୀ ଟୁଇଟର ଜରିଆରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଧୋନୀ ତୁମେ ଇଂଲଣ୍ଡକୁ କ୍ରିକେଟ୍ ଖେଳିବାକୁ ଯାଇଛ, ମହାଭାରତ ନୁହେଁ। ଭାରତୀୟ ଗଣମାଧ୍ୟମ ମୂର୍ଖଙ୍କ ଭଳି ଚର୍ଚ୍ଚା କରୁଛି। କେତେକ ଗଣମାଧ୍ୟମକୁ କେବଳ ଯୁଦ୍ଧ ଦରକାର। ସେମାନଙ୍କୁ ସିରିୟା କିମ୍ବା ଆଫଗାନିସ୍ତାନ ପଠାଇଦେବା ଉଚିତ ବୋଲି ଫୱାଦ ଟୁଇଟ୍‌ରେ ଲେଖିଛନ୍ତି।

# ବିଶ୍ୱକପ୍‌ରେ ପ୍ରଥମ ମ୍ୟାଚ୍ ଜିତିବା ପରେ ଟିମ୍ ଇଣ୍ଡିଆ

ଲଣ୍ଡନ,୭।୬

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ହରାଇ ଅଭିଯାନ ଆରମ୍ଭ କରିଛି। ଆଗକୁ ଆହୁରି ଶକ୍ତିଶାଳୀ ଦଳକୁ ଭେଟିବାକୁ ଥିବାବେଳେ ଦଳ ଟୁର୍ନାମେଣ୍ଟରେ ଅତିକମ୍‌ରେ ସେମିଫାଇନାଲ ଖେଳିବ ବୋଲି ଆଶା କରାଯାଉଛି। କାରଣ ଟିମ୍ ଇଣ୍ଡିଆ ବିଶ୍ୱକପ୍‌ର ଯେଉଁ ସଂସ୍କରଣରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି, ସେଥିରେ ନିଶ୍ଚିତ ସେମିଫାଇନାଲ ଖେଳିଛି। ତିନିଥର ଫାଇନାଲ ମଧ୍ୟ ଖେଳିବାକୁ ସୁଯୋଗ ପାଇଛି। ଦୁଇ ଥର ବିଶ୍ୱକପ୍ ହାତେଇ ଥିବାବେଳେ ଥରେ ଉପବିଜେତା ଭାବେ ଟିମ୍ ବ୍ଲୁ ଅଭିଯାନ ଶେଷ କରିଛି। ଭାରତୀୟ ଦଳ ୧୯୮୩ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଦୁଇ ଥର ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ଏହି ସଂସ୍କରଣରେ ସମାନ ଦଳକୁ ହରାଇ ପ୍ରଥମ ଥର ଚାମ୍ପିୟନ ହୋଇଥିଲା।

“ ଜଣେ ବ୍ୟାଟ୍ସମ୍ୟାନଙ୍କ ଲାଗି କିପରି ଯୋଜନା ପ୍ରସ୍ତୁତ କରିବାକୁ ହୁଏ ତାହା ଯୁଜବେନ୍ଦ୍ର ଚହଲଙ୍କୁ ଭଲରୂପେ ଜଣା ।

–କୁଳଦୀପ ଯାଦବ, ଭାରତୀୟ କ୍ରିକେଟର



“ ଅଲିମ୍ପିକ କୋଟା ହାସଲ କରିବା ଅପେକ୍ଷା ସ୍କୋରିଂରେ ସ୍ଥିରତା ବଜାୟ ରଖିବା କଷ୍ଟସାଧ୍ୟ ।

–ମନୁ ଭାକର, ଭାରତୀୟ ଶୁଟର



## କଳିଙ୍ଗ କର୍ଣ୍ଣର

### ଜେଣ୍ଡାନାଙ୍କ ୧୦୦ତମ ମ୍ୟାଚ

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଶୁକ୍ରବାର କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଜାପାନର ହିରୋତକା ଜେଣ୍ଡାନା। କେବଳ ସେତିକି ନୁହେଁ ନିଜର ଏହି ମାଇଲଖୁଣ୍ଟ ମ୍ୟାଚକୁ ସ୍ମରଣୀୟ କରିଛନ୍ତି ଜେଣ୍ଡାନା। ୨୨ ନମ୍ବର ଜର୍ସି ପରିହିତ ଜେଣ୍ଡାନା ମେକ୍ସିକୋ ବିପକ୍ଷରେ ବ୍ୟକ୍ତିଗତ ୨ଟି ଗୋଲ ଦେବାସହ ଜାପାନକୁ ୩-୧ ଗୋଲରେ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

୨ଟି ଯାକ ଗୋଲ ସେ ପେନାଲ୍ଟି କର୍ଣ୍ଣରରୁ ଦେଇଥିଲେ।

**ଏଫଆଇଏଚ୍ ସିରିଜ ଫାଇନାଲ୍ସ**
**(ଆଜିର ମ୍ୟାଚ୍)**

- ଆମେରିକା ବନାମ ମେକ୍ସିକୋ (ଅପରାହ୍ଣ ୫ଟା)
- ଜାପାନ ବନାମ ଦକ୍ଷିଣ ଆଫ୍ରିକା (ରାତି ୭ଟା)



ଗୋଲ ସ୍କୋର ପରେ ମନପ୍ରୀତ ସିଂ

# ପୋଲାଣ୍ଡକୁ ହରାଇ ଭାରତ ସେମିର ନିକଟତର

ଭୁବନେଶ୍ୱର, ୭।୬ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ୩–୧ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ସେମିଫାଇନାଲର ନିକଟତର ହୋଇଛି। ପ୍ରଥମ ମ୍ୟାଚରେ ମନପ୍ରୀତ ସିଂଙ୍କ ଦଳ ୧୦–୦ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ପୁଲ୍'ଏ'ରେ ୬ ପଏଣ୍ଟ ସହିତ ଭାରତ ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ପୋଲାଣ୍ଡ ଓ ରୁଷିଆ ୨ଟି ଲେଖାଏ ମ୍ୟାଚ ଖେଳି ୩ ପଏଣ୍ଟ ଲେଖାଏ ପାଇଛନ୍ତି। ଭାରତ ୧୦ ତାରିଖରେ ଏହାର ଶେଷ ଲିଗ୍ ମ୍ୟାଚରେ ଉଜ୍‌ବେକିସ୍ତାନକୁ ଭେଟିବ। ୯ ତାରିଖରେ ପୋଲାଣ୍ଡ ଓ ରୁଷିଆ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ ପରେ ପୁଲ୍'ଏ'ର ସେମିଫାଇନାଲ ସ୍ଥିତି ସ୍ପଷ୍ଟ ହୋଇଯିବ। ଡବଲ ଗୋଲ ଦେଇ ଭାରତ ବିପକ୍ଷରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମନପ୍ରୀତ ସାମାଜିକ ସୁରକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ଆରମ୍ଭରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମ୍ୟାଚ ଆରମ୍ଭ ହେବାକ୍ଷଣି ଆକ୍ରମଣାତ୍ମକ ଖେଳି ଭାରତ ଉପରେ ଚାପ ପକାଇଥିଲା ପୋଲାଣ୍ଡ। ଫଳରେ ପ୍ରଥମ ମିନିଟରେ ହିଁ ଦଳ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲା। ତେବେ ଗୋଲ ଦେବାରେ ଦଳ ସଫଳ ହୋଇ ନ ଥିଲା। ବିଶ୍ୱର ୫(ଭାରତ) ଓ ୨୧(ପୋଲାଣ୍ଡ) ର୍‍ୟାଙ୍କଧାରୀ ଦଳ ମଧ୍ୟରେ ପ୍ରଥମ କ୍ୱାର୍ଟରରେ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଉଭୟ ଦଳ ଅଗ୍ରଣୀ ନେବାପାଇଁ ଆକ୍ରମଣକୁ ଜୋରଦାର କରିଥିଲେ। ୨୦ ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ମାତ୍ର ଓଡ଼ିଆ ଖେଳାଳି ଅମିତ ରୋହିଦାସ ମାରିଥିବା ଶଟ୍‌କୁ ପୋଲାଣ୍ଡ ଡିଫେଣ୍ଡର ଅଟକାଇ ଦେବାରେ ସକ୍ଷମ ହୋଇଥିଲେ। ଏହାର ୧ ମିନିଟ ପରେ ଭାରତକୁ ଆଉ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ୨୧ତମ ମିନିଟରେ ଅଧିନାୟକ ମନପ୍ରୀତ ସିଂ ଏହାକୁ ଗୋଲରେ ପରିଣତ କରି ଘରୋଇ ଦଳକୁ ଅଗ୍ରଣୀ ଦେଇଥିଲେ। ୨୩ତମ ମିନିଟରେ ଭାରତ ଏକ ପେନାଲ୍ଟି କର୍ଣ୍ଣର ମିସ୍ କରିଥିଲା। ୨୫ତମ ମିନିଟରେ ଭାରତୀୟ ରକ୍ଷଣଭାଗରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲା ପୋଲାଣ୍ଡ। ୨୫ତମ ମିନିଟରେ ମାଟେଉଜ୍ ହୁଲ୍‌ବୋଜ୍ ଗୋଲ ପରିଶୋଧ କରିବାରୁ ମ୍ୟାଚ ୧–୧ ସ୍ଥିତିକୁ ଚାଲି ଆସିଥିଲା। ମାତ୍ର ଏହାର ୧ ମିନିଟ ପରେ ଭାରତ ପୁଣି ଅଗ୍ରଣୀ ହାସଲ କରିଥିଲା। ପୋଲାଣ୍ଡ 'ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ମନପ୍ରୀତ ସିମରନଜିତ ସିଂଙ୍କ ନିକଟକୁ ବଲ୍ ବଢ଼ାଇ ଦେଇଥିଲେ। ସିମରନଜିତ ଗୋଲ ଦେବାର ସୁଯୋଗ ନ ପାଇବାରୁ ବଲ୍‌କୁ ପୁଣି ମନପ୍ରୀତଙ୍କ ନିକଟକୁ ପାସ୍ ଦେଇଥିଲେ। ମନପ୍ରୀତ ତତ୍‌କ୍ଷଣାତ ଏହାକୁ ପୋଲାଣ୍ଡ ଗୋଲପୋଷ୍ଟ ଭିତରକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୨–୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଭାରତର ଆକ୍ରମଣାତ୍ମକ ରଣନୀତି ଅପରିବର୍ତ୍ତିତ ରହିଥିଲା। ୩୬ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଚମତ୍କାର ଡ୍ରାଗ୍‌ଫ୍ଲିକ୍ ମାଧ୍ୟମରେ ଗୋଲରେ ପରିଣତ କରି ହରମନପ୍ରୀତ ସିଂ ଭାରତର ଅଗ୍ରଣୀ ବ୍ୟବଧାନକୁ ୩–୧ରେ ପହଞ୍ଚାଇ ଦେଇଥିଲେ। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ପୋଲାଣ୍ଡ ଜୋରଦାର ଉଦ୍ୟମ କରିଥିଲା। ୪୦ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣର ମିସ୍ ହୋଇଥିଲା। ଅବଶିଷ୍ଟ ୨୦ ମିନିଟ ଖେଳ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ତା'ର ସଦୁପଯୋଗ କରିପାରି ନ ଥିଲେ। ରେଫରିଙ୍କ ଶେଷ ହ୍ୱିସିଲ ବାଜିବାକ୍ଷଣି ଭାରତୀୟ ଖେଳାଳିମାନେ ପଡ଼ିଆ ଚତୁର୍ଦ୍ଦିଗ ପରିକ୍ରମା କରି ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ।

# ଜେଣ୍ଡାନାଙ୍କ ଡବଲରେ ଜାପାନ ବିଜୟୀ

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଶୁକ୍ରବାର ଏସୀୟ ଚାମ୍ପିୟନ ଜାପାନ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଏହି ଦଳ ୩–୧ ଗୋଲରେ ମେକ୍ସିକୋକୁ ପରାସ୍ତ କରିଛି। ଯୁବ ମେକ୍ସିକୋ ଦଳ ଭଲ ଖେଳିଥିଲେ ହେଁ ଜାପାନର ପ୍ରଦର୍ଶନ ଆଗରେ ହାର ମାନିଥିଲା। ବିଜୟ ଫଳରେ ଜାପାନ ୩ ପଏଣ୍ଟ ହାସଲ କରିଛି। ଡବଲ ଗୋଲ ସ୍କୋର କରି ଜାପାନ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହିରୋତକା ଜେଣ୍ଡାନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜେଣ୍ଡାନା ଏଠାରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଥିଲେ। କ୍ରୀଡା ସଚିବ ବିଶାଲ ଦେବ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱ ର୍‍ୟାଙ୍କିଙ୍ଗରେ ୧୮ ତମ ସ୍ଥାନରେ ଥିବା ଜାପାନ ବିପକ୍ଷରେ ୩୯ତମ ର୍‍ୟାଙ୍କ୍ ଦଳ ମେକ୍ସିକୋ ଆରମ୍ଭରୁ ଗୋଲ ଦେଇ ଚାପ ପକାଇବାରେ ସକ୍ଷମ ହୋଇଥିଲା। ମ୍ୟାଚର ୩ୟ ମିନିଟରେ ଏରିକ୍ ହର୍ନାଣ୍ଡେଜ୍ ଏକ ଫିଲ୍ଡ ଗୋଲ ଦେଇ ମେକ୍ସିକୋକୁ ଅଗ୍ରଣୀ କରାଇଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ଏହାର ଅଳ୍ପକିଛି ସେକେଣ୍ଡ ବ୍ୟବଧାନରେ ଅର୍ଥାତ୍ ସେହି ୩ୟ ମିନିଟରେ ଜାପାନର ହିରୋତକା ଜେଣ୍ଡାନା ପେନାଲ୍ଟି କର୍ଣ୍ଣରରୁ ଡ୍ରାଗ୍ ଫ୍ଲିକ୍ ଜରିଆରେ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚ ଆଗକୁ ବଢ଼ିବା ସହ ଜାପାନ କ୍ରମେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମ୍ୟାଚର ୨୧ତମ ମିନିଟରେ ମେକ୍ସିକୋ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଜାପାନକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଶୋତା ୟାମାଦା ଏହାକୁ ଗୋଲରେ ପରିଣତ କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଜାପାନ ୨–୧ ଗୋଲରେ ଅଗ୍ରଣୀ ନେଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୪ତମ ମିନିଟରେ ଜାପାନକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ହିରୋତକା ଜେଣ୍ଡାନା ଗୋଲରେ ପରିଣତ କରିବାରୁ ଜାପାନର ଅଗ୍ରଣୀ ବ୍ୟବଧାନ ୩–୧ରେ ପହଞ୍ଚି ଯାଇଥିଲା। ମ୍ୟାଚରେ ଜେଣ୍ଡାନାଙ୍କର ଏହାଥିଲା ଦ୍ୱିତୀୟ ଗୋଲ। ଏହାପରେ କିନ୍ତୁ ଜାପାନକୁ କଡ଼ା ଟକ୍କର ଦେଇଥିଲା ମେକ୍ସିକୋ। ଜାପାନ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ମେକ୍ସିକୋ ଡିଫେଣ୍ଡର ଓ ଗୋଲକିପର ଜୋସ ହେର୍ନାଣ୍ଡେଜ ଚମତ୍କାର ପ୍ରଦର୍ଶନ କରି ଆଉ ଗୋଲ ହେବାକୁ ଦେଇ ନ ଥିଲେ। ଶନିବାର ଜାପାନ ଏହାର ପରବର୍ତ୍ତୀ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଏବଂ ଆମେରିକା ବିପକ୍ଷରେ ମେକ୍ସିକୋ ଖେଳିବ।




କ୍ରୀଡା ସଚିବ ବିଶାଲ ଦେବଙ୍କଠାରୁ ହିରୋତକା ଜେଣ୍ଡାନା ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# କଳିଙ୍ଗରେ ଗୋଲ ରେକର୍ଡ

**ରୁଷିଆ ୧୨, ଉଜ୍‌ବେକିସ୍ତାନ ୧**

ଭୁବନେଶ୍ୱର, ୭।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଗୋଲ ବର୍ଷା ଜାରି ରହିଛି। ଗୁରୁବାର ଭାରତ ୧୦–୦ ଗୋଲରେ ରୁଷିଆକୁ ହରାଇଥିବାବେଳେ ଶୁକ୍ରବାର ରୁଷିଆ ୧୨–୧ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଫଳରେ ପ୍ରଥମ ମ୍ୟାଚରେ ଭାରତ ନିକଟରୁ ଶୋଚନୀୟ ପରାଜୟ ବରଣ କରିଥିବା ରୁଷିଆ ଟୁର୍ନାମେଣ୍ଟରେ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ରୁଷିଆ ପକ୍ଷରୁ ଏକାକୀ ୫ ଗୋଲ ଦେଇଥିବା ୯ ନମ୍ବର ଜର୍ସି ପରିହିତ ସିମେନ ମାଟ୍‌କୋଭସ୍କି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ମ୍ୟାଚ ଆରମ୍ଭରେ ଆଜିର ଅତିଥି ଥିଲେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ। କଳିଙ୍ଗ ଷ୍ଟାଡିୟମରେ କୌଣସି ଅନ୍ତର୍ଜାତୀୟ ହକି ମ୍ୟାଚରେ ୧୩ ଗୋଲ ହେବା ଏକ ରେକର୍ଡ। ପୂର୍ବରୁ ୨୦୧୮ ହକି ବିଶ୍ୱକପ ଅବସରରେ




ଗୋଲ ଦେବା ପରେ ରୁଷିଆ ଖେଳାଳିମାନେ ଖୁସି ମନାଉଛନ୍ତି।

ଚାଇନା ବିପକ୍ଷରେ ଅଷ୍ଟ୍ରେଲିଆ ସର୍ବାଧିକ ୧୧–୦ ଗୋଲରେ ବିଜୟୀ ହୋଇଥିଲା। ତେବେ ବିଜୟ ଗୋଲ ବ୍ୟବଧାନରେ ଅଷ୍ଟ୍ରେଲିଆର ସମକକ୍ଷ ହୋଇଛି ରୁଷିଆ। କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଥିବାରୁ ଉଜ୍‌ବେକିସ୍ତାନର ଆଗକୁ ବଢ଼ିବା ସମ୍ଭାବନା ଏକପ୍ରକାର ଶେଷ ହୋଇ ଯାଇଛି। ପ୍ରଥମ ମ୍ୟାଚରେ ଏହି ଦଳ ୦–୪ ଗୋଲରେ ପୋଲାଣ୍ଡଠାରୁ ହାରିଥିଲା।

ପୁଲ୍–ଏର ଏହି ମ୍ୟାଚରେ ବିଶ୍ୱର ୪୩ତମ ର୍‍ୟାଙ୍କପ୍ରାପ୍ତ ଉଜ୍‌ବେକିସ୍ତାନ ୨୨ ନମ୍ବର ରୁଷିଆ ବିପକ୍ଷରେ ଅତ୍ୟନ୍ତ ଅସହାୟ ମନେ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସିମେନ ୧୩(ପେନାଲ୍ଟି କର୍ଣ୍ଣର), ୧୭(ପେନାଲ୍ଟି ଷ୍ଟ୍ରୋକ୍), ୨୬(ପେନାଲ୍ଟି କର୍ଣ୍ଣର), ୪୪(ପେନାଲ୍ଟି କର୍ଣ୍ଣର) ଓ ୪୮(ପେନାଲ୍ଟି କର୍ଣ୍ଣର) ତମ ମିନିଟରେ ୫ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୧ ନମ୍ବର ଜର୍ସିଧାରୀ ଆଲେକ୍‌ଜାଣ୍ଡର ସ୍କିପରସ୍କି ୧୫ ଓ ୨୨(ଉଭୟ ଫିଲ୍ଡ ଗୋଲ)ତମ ମିନିଟରେ ୨ଟି, ସର୍ଗି ଲିପେସ୍କିନ ୧୯(ଫିଲ୍ଡ), ଆଲେକ୍ସି ସୋବୋଲେଭସ୍କି ୨୨(ଫିଲ୍ଡ), ମିଖାଇଲ ପ୍ରୋସ୍କୁରିଆକୋଭ ୩୬(ଫିଲ୍ଡ), ମାରଟ ଖଇରୁଲିନ ୪୦(ଫିଲ୍ଡ) ଓ ଡେନିସ ଷ୍ଟାରିଏଙ୍କୋ ୫୯(ଫିଲ୍ଡ)ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଉଜ୍‌ବେକିସ୍ତାନ ପକ୍ଷରୁ ଖାକିମବୟ ଖାକିମୋଭ ୨୯ତମ ମିନିଟରେ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୯ ତାରିଖରେ ରୁଷିଆ ଏହାର ପରବର୍ତ୍ତୀ ମ୍ୟାଚରେ ପୋଲାଣ୍ଡକୁ ଭେଟିବ। ୧୦ ତାରିଖରେ ଉଜ୍‌ବେକିସ୍ତାନ ଏହାର ଅନ୍ତିମ ଲିଗ୍ ମ୍ୟାଚ ଭାରତ ବିପକ୍ଷରେ ଖେଳିବ।

# ଜାତୀୟ ସବ୍‌ଜୁନିୟର ବାଳିକା ଫୁଟବଲ ଆରମ୍ଭ

କଟକ ଅଫିସ, ୭।୬

ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶେନ(ଏଆଇଏଫ୍ଏଫ) ଆନୁକୂଲ୍ୟରେ କଟକର ବାରବାଟୀ ଓ ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ୍। ଉଦ୍‌ଘାଟନୀ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଝାଡ଼ଖଣ୍ଡ ୪–୧ ଗୋଲରେ ହରିୟାଣାକୁ, ମହାରାଷ୍ଟ୍ର ୫–୧ ଗୋଲରେ ତେଲେଙ୍ଗାନାକୁ ଓ ତାମିଲନାଡୁ ୬–୦ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶା ଗ୍ରୁପ–'ଇ'ରେ ସ୍ଥାନ ପାଇଛି। ଶନିବାର ଉତ୍ତରାଖଣ୍ଡ ବିପକ୍ଷରେ ଓଡ଼ିଶା ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଉପସଭାପତ ବଳରାମ କର, ଡ୍ରିମ୍ସର କ୍ରୀଡ଼ା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ଅନଙ୍ଗ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଫେଡରରଙ୍କୁ ହରାଇଲେ ନାଡାଲ

ପ୍ୟାରିସ, ୭।୬

ଗତଥରର ଚାମ୍ପିୟନ ସ୍ପେନର ରାଫାଲ ନାଡାଲ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଏଠାରେ ସେ ତାଙ୍କ ଦ୍ୱାଦଶ ଟାଇଟଲଠାରୁ ଆଉ ମାତ୍ର ଗୋଟିଏ ପାଦ ପଛରେ ରହିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକ ସେମିଫାଇନାଲରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଇଜରଲାଣ୍ଡର ରୋଜର ଫେଡରରଙ୍କୁ ୬–୩, ୬–୪, ୬–୨ ସେଟ୍‌ରେ ହରାଇ ଦେଇଛନ୍ତି। ପ୍ରବଳ ବାୟୁ ପ୍ରବାହ ଯୋଗୁ ଦୁଇ ଶକ୍ତିଶାଳୀ ଖେଳାଳିଙ୍କଠାରୁ ଯେଉଁ ଖେଳ ଆଶା କରାଯାଉଥିଲା ତାହା ଦେଖିବାକୁ ମିଳି ନ ଥିଲା। ନାଡାଲ ବର୍ତ୍ତମାନ ରବିବାର ଫାଇନାଲରେ ନୋଭାକ ଜୋକୋଭିଚ୍ କିମ୍ବା ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ଭେଟିବେ। ଜୋକୋଭିଚ୍ ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ବିରଳ କୃତୀତ୍ୱ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।



ରୋଜର ଫେଡରରଙ୍କ ବିପକ୍ଷରେ ଏକ ଶଟ୍ ଖେଳୁଛନ୍ତି ରାଫାଲ ନାଡାଲ।

## ବାର୍ଟି–ଭୋଣ୍ଡ୍ରୋସୋଭା ଫାଇନାଲ

ପ୍ୟାରିସ, ୭।୬–ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲ ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟି ଏବଂ ଚେକ୍ ରିପବ୍ଲିକର ସ୍ୱଳ୍ପ ବୟସ୍କା ମାର୍କେଟା ଭୋଣ୍ଡ୍ରୋସୋଭାଙ୍କ ମଧ୍ୟରେ ହେବ। ଶୁକ୍ରବାର ଅନୁଷ୍ଠିତ ଏକ ସେମିଫାଇନାଲ ମ୍ୟାଚରେ ବାର୍ଟି ଆମେରିକାର ୧୭ ବର୍ଷୀୟା ଆମାଣ୍ଡା ଆନିସିମୋଭାଙ୍କୁ ୬–୭ (୪–୭), ୬–୩, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ସେ ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାକୁ ଯାଉଛନ୍ତି। ଶନିବାର ଖେଳାଯିବାକୁ ଥିବା ଏହି ମ୍ୟାଚରେ ୨୩ ବର୍ଷୀୟ ବାର୍ଟି ଚେକ୍ ଖେଳାଳି ଭେଣ୍ଡ୍ରୋସୋଭାଙ୍କୁ ଭେଟିବେ। ଭୋଣ୍ଡ୍ରୋସୋଭା ଅନ୍ୟ ସେମିଫାଇନାଲରେ ଜୋହାନ କୋଣ୍ଟାଙ୍କୁ ୭–୫, ୭–୬ (୭–୨)ରେ ହରାଇ ଦେଇଛନ୍ତି। ୨୮ବର୍ଷୀୟ ବ୍ରିଟିଶ ଖେଳାଳି କୋଣ୍ଟା ପ୍ରଥମ ୩ ସେଟ୍ ପଏଣ୍ଟ କନଭର୍ଟ କରିବାରେ ବିଫଳ ହେବାରୁ ଏହା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଅନ୍ୟପକ୍ଷରେ ଭୋଣ୍ଡ୍ରୋସୋଭା ଗୋଟିଏ ହେଲେ ସେଟ୍ ଡ୍ରପ୍ କରି ନ ଥିଲେ। ୨୦୦୭ରେ ସର୍ବିଆର ଆନା ଇଭାନୋଭିଚ୍‌ଙ୍କ ପରେ ସ୍ୱଳ୍ପ ବୟସ୍କା ଖେଳାଳି ହିସାବରେ ରୋଲାଣ୍ଡ ଗ୍ୟାରୋସଠାରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ଜୁନ୍ ୮ /୨୦୧୯ Rayagada, Saturday, June 8/ 2019

■ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

# ପ୍ରାଣାୟାମ, ଧ୍ୟାନ ମାଧ୍ୟମରେ ଶରୀର ସୁସ୍ଥ ରହିବ



ଅତିଥିମାନେ ଶିବିର ଉଦ୍‌ଘାଟନ କରୁଛନ୍ତି।

**ନବରଙ୍ଗପୁର, ୭।୬(ବି.ପ୍ର.)**

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିବ୍ୟଜ୍ୟୋତି ଭବନରେ ତିନି ଦିବସୀୟ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଶିବିର ଉଦଘାଟିତ ହୋଇ ଯାଇଛି। ପ୍ରତିଦିନ ସକାଳ ୬ରୁ ୮ ଓ ସନ୍ଧ୍ୟା ୬ରୁ ୮ ଟା ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଉପସ୍ଥିତ ଥିଲେ। ବ୍ରହ୍ମକୁମାରୀ ନିଲମଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ବରିଷ୍ଠ ନାଗରିକ ସଭାପତି ରାଧାନାଥ ବେହେରା, ନାଗପୁର ବୈଜ୍ଞାନିକ ବ୍ରହ୍ମକୁମାର ପୁରୁଷୋତ୍ତମ ଚୌଧୁରୀ ଓ ବ୍ରହ୍ମକୁମାରୀ ଡ. ପ୍ରିୟା ଚୌଧୁରୀ ମଞ୍ଚାସୀନ ଥିଲେ। ବ୍ରହ୍ମକୁମାରୀ ମମତା ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଖୁସିର ରହସ୍ୟ, ସକରାତ୍ମକ ବିଚାର, ଚିନ୍ତାମୁକ୍ତ ଜୀବନ, ମଧୁର ସମ୍ପର୍କ ସମ୍ପର୍କରେ ଶିବିରାର୍ଥୀଙ୍କୁ ପୁରୁଷୋତ୍ତମ ଓ ଡ. ପ୍ରୀୟା କହିଥିଲେ। ଶାରିରୀକ, ମାନସିକ ଏବଂ ଆଧ୍ୟାତ୍ମିକ ଶକ୍ତି ସନ୍ତୁଳନ ଦ୍ୱାରା ସ୍ୱାସ୍ଥ୍ୟର ବିକାଶ ହୋଇପାରିବ ବୋଲି ମୁଖ୍ୟଅତିଥି କହିଥିଲେ। ବିଭିନ୍ନ ରୋଗରୁ ମୁକ୍ତି ପାଇଁ କ'ଣ ସବୁ କରିବାକୁ ପଡିବ ସେ ନେଇ ସମସ୍ତେ ମତବ୍ୟକ୍ତ କରିଥିଲେ। ଯୋଗାସନ, ପ୍ରଣାୟମ ଓ ଧ୍ୟାନ ମାଧ୍ୟମରେ ଶରୀର ସୁସ୍ଥ ରହିବ ବୋଲି ସେମାନେ କହିଥିଲେ। ଏପିଡି ରତ୍ନାକର ସାହୁ, ବିଜେଡି ବରିଷ୍ଠ ନେତା ନାରାୟଣ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ଲୋକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମକୁମାରୀ ସ୍ୱାତୀ, ମମତା, ରାକ୍ଷୀ, ଗୀତା, ସନ୍ଧ୍ୟା, ବ୍ରହ୍ମକୁମାର ଅଭିଜିତ, ବିଜୁ, ବୀର , ଗିରିଶ, ବିଦ୍ୟା ଭାଇ ପ୍ରମୁଖ ପରିଚାଳନା କରିଥିଲେ।

# ଅପହରଣ ଅଭିଯୋଗ ଆଣିଲେ ବଳାତ୍କାର ଅଭିଯୁକ୍ତ

**ପୀଡିତାଙ୍କ ପରିବାରର ୪ଜଣଙ୍କ ନାଁରେ ଡାବୁଗାଁ ଥାନାରେ ଏତଲା**

**ଡାବୁଗାଁ, ୭।୬ (ଡି.ଏନ୍.ଏ.)**

ବଳାତ୍କାର ଅଭିଯୋଗରେ କିଛି ଦିନ ଜେଲ୍‌ରେ ରହି ଜାମିନରେ ଆସିଥିବା ଜଣେ ଅଭିଯୁକ୍ତ ତାଙ୍କୁ ଅପହରଣ କରାଯାଇଥିବା ନେଇ ଶୁକ୍ରବାର ଥାନାରେ ଏତଲା ଦେଇଛନ୍ତି। ପୀଡିତାଙ୍କ ପରିବାରର ୪ଜଣଙ୍କ ନାଁରେ ସେ ଡାବୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଭଙ୍ଗାଧନସୁଲି ଗ୍ରାମର ବାପି ଗୌଡ (୨୧) ୨୦୧୩ରେ ଜଣେ ଯୁବତୀଙ୍କୁ ବଳାତ୍କାର କରିଥିଲେ। ଡାବୁଗାଁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା ରୁଜୁ କରି ସହ ବାପିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛି ଦିନ ଜେଲ୍‌ରେ ରହି ଜାମିନରେ ଫେରିଥିବା ବାପି ଭୁବନେଶ୍ୱରରେ ରହି କାମ କରୁଥିଲେ। ଗତ ୫ ତାରିଖରେ ବାପି ଗାଁକୁ ଯାଉଥିବାବେଳେ ପୀଡିତାଙ୍କ ପରିବାର ଲୋକେ ତାଙ୍କୁ ଅଟକାଇ ନିଜ ଘରକୁ ଆଣିଥିଲେ। ପରଦିନ ବାପି ଓ ଯୁବତୀଙ୍କୁ ଜଣେ ଓକିଲଙ୍କ ପାଖକୁ ନେଇ ଏକ ଷ୍ଟାମ୍ପ ପେପରରେ ଦସ୍ତଖତ କରାଇଥିଲେ। ଏହି ଖବର ବାପିଙ୍କ ପରିବାର ଲୋକେ ଜାଣିବା ପରେ ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଯୁବତୀ ଓ ତାଙ୍କ ପରିବାର ଲୋକେ ବିବାହ ଉଦ୍ଦେଶ୍ୟରେ ମୋତେ ଅପହରଣ କରିଥିଲେ ବୋଲି ଶୁକ୍ରବାର ସନ୍ଧ୍ୟାରେ ଡାବୁଗାଁ ଥାନାରେ ବାପି ଅଭିଯୋଗ କରିଛନ୍ତି। ଏହି ଏତଲାକୁ ଭିତ୍ତିକରି କେସ୍ ନଂ ୬୭/୧୯ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ଏଏସ୍‌ଆଇ ଗଣେଶ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ମନୁଷ୍ୟତ୍ୱ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ମୁନିଗୁଡ଼ା,୭।୬(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମୁନିଗୁଡ଼ା ବିଶ୍ୱ ବ୍ରାହ୍ମଣ ସମାଜ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ବ୍ରହ୍ମାନନ୍ଦ ଆଚାରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମାଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା । ଏଥିରେ ଶିକ୍ଷାବିତ୍ ବିଦ୍ୟାଧର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ରଖି ମୁନିଗୁଡ଼ା ହାଇସ୍କୁଲରେ ଟପ୍ପର ହୋଇଥିବା ଛାତ୍ରୀ ଏ. ପ୍ରିୟଙ୍କା ଆଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କୁ ମୁଖ୍ୟଅତିଥି ମାନପତ୍ର, ଉପଢୌକନ ଓ ଆର୍ଥିକ ସହାୟତା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମନ୍ଦିରର ସମ୍ପାଦକ ପ୍ରଶାନ୍ତ କୁମାର ରତ୍ନାଲୁ, ପ୍ରଧାନ ଆଚାର୍ଯ୍ୟ ଗିରିଜା ପ୍ରସାଦ ମିଶ୍ର ଓ ଅନୁରୋଧା ବେହେରା ଉପସ୍ଥିତ ଥିଲେ ।

### ଅଜଣା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଜେକେପୁର, ୭।୬(ଡ଼ି.ଏନ.ଏ):ରାୟଗଡା ଜିଲା କାର୍ଲାକଣା ପଞ୍ଚାୟତ କୁରୁମପେଟା ଗ୍ରାମ ନିକଟରୁ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ଗୁରୁବାର ସକାଳେ ଗ୍ରାମବାସୀ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ( ନଂ ୧୦/୨୦୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତଦେହକୁ ବର୍ତ୍ତମାନ ଶବାଗାରରେ ରଖାଯାଇଛି । କେହି ଦାବିଦାର ନ ଆସିଲେ ପ୍ରଶାସନ ତରଫରୁ ଦାହ କରାଯିବ ।

■ ମାଓବାଦୀ ପ୍ରବଣ ଅଞ୍ଚଳରେ ରାତି ବିତାଇଲେ ଡିଆର୍‌ଡିଏ ପିଡି

# ଦୁର୍ଗମ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝିଲେ

ଗୁଣପୁର/ଚନ୍ଦ୍ରପୁର,୭।୬(ଡି.ଏନ.ଏ)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ପରିଚିତ । ଏଠାକୁ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡିବା କାଠିକର ପାଠ ହୋଇଥାଏ। ଉନ୍ନୟନ କାର୍ଯ୍ୟ ମଧ୍ୟ ସାତ ସପନ। ମାଓବାଦୀଙ୍କ ଭୟ ହେଉ କି ଦୁର୍ଗମ ଅଞ୍ଚଳ ହେଉ ଅଧିକାରୀମାନେ ଏଠାକୁ କ୍ୱଚିତ ଯାତାୟତ କରିଥାନ୍ତି । ସେହି ଅଞ୍ଚଳରେ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନେ ରହିବା ମଧ୍ୟ ଉଚିତ ମନେ କରନ୍ତି ନାହିଁ। ଏହି ବ୍ଲକରେ ରାସ୍ତା, ପାନୀୟ, ଶିକ୍ଷା, ଜଳଯୋଗାଣ ଏବଂ ବିଦ୍ୟୁତ ଭଳି ଅନେକ ସମସ୍ୟା ଭରି ରହିଛି । ଏପରିସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ଦୁଇ ଦିନ ହେବ ମାଓବାଦୀ ପ୍ରବଣ ଚନ୍ଦ୍ରପୁର ଅଞ୍ଚଳରେ ରାତ୍ରିଯାପନ କରିବା ସହ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି । ପିଡିଙ୍କ ନିଜସ୍ୱ କାର୍ଯ୍ୟକ୍ରମ ଯଥା ପଲି ପ୍ରଗତି ଅଭିଯାନ ମାଧ୍ୟମରେ ଗାଁକୁ ଯାଇ ଲୋକଙ୍କ ସହ ମିଶିବା,ସେମାନଙ୍କ ସମସ୍ୟା ବୁଝିବା ଓ ବିକାଶ କାର୍ଯ୍ୟ କରିବା ଏହାର ମୂଳଲକ୍ଷ୍ୟ। ଏହି ଅଭିଯାନକୁ ସଫଳ କରି ଅଞ୍ଚଳ ବିକାଶ ଦିଗରେ କାର୍ଯ୍ୟ କରିବା ଦିଗରେ ପଲି ପ୍ରଗତି ଅଭିଯାନ ନାମରେ ସେ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିଲାଗି ସେ ଦୁର୍ଗମ ଅଞ୍ଚଳରେ ପହଁଞ୍ଚୁଛନ୍ତି। କିଛି ଦିନ ତଳେ ଗୁଣପୁର ବ୍ଲକର ପୁଟାସିଂ, କୁଲୁସିଂ ଏବଂ ଟଲଣଆ ଭଳି ଦୂର୍ଗମ ଅପହଞ୍ଚ ଅଞ୍ଚଳକୁ ଯାଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ୨ୟ ପର୍ଯ୍ୟାୟରେ ଚନ୍ଦ୍ରପୁରର ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ସେ ଯାଇଛନ୍ତି । ଚନ୍ଦ୍ରପୁରର ଆଶ୍ରମ ସ୍କୁଲରେ ରାତ୍ରିଯାପନ କରି ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି ଅମ୍ରିତ ଋତୁରାଜ। ୨ ଦିନର ରହଣି କାଳରେ ବୁଡୁବାଲି, ହନୁମନ୍ତପୁର, ସାରିକିମା, ଚନ୍ଦ୍ରପୁର, ବିଜାପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ଲୋକଙ୍କ ସୁଖ ଦୁଃଖ ବୁଝିଥିଲେ । ମୁଖ୍ୟତ ପାନୀୟ ଜଳସମସ୍ୟା, ରାସ୍ତା, ଆଦିବାସୀଙ୍କ ଜୀବନ ଜିବିକା ସହ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଦୁର୍ଗମ ଏବଂ ଅପହଁଞ୍ଚ ଅଞ୍ଚଳ ଗସ୍ତ କରିବା ସମୟରେ ସେ କେତେବେଳେ ଚାଲିକି ଯାଇଥିଲେ ତ ଆଉ କେତେବେଳେ ସ୍କୁଟିରେ ଗାଁକୁ ଯାଇଥିଲେ । ଏହି ସମୟରେ ଲୋକମାନେ ମଧ୍ୟ ପ୍ରଶାସନର ନିକଟତର ହୋଇ ସେମାନଙ୍କ ସମସ୍ୟା ଜଣାଇଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ,ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ, ବିଡିଓ, ସହକାରିଯନ୍ତ୍ରୀ, ଏପିଓ,ବ୍ଲକର କନିଷ୍ଠ ଯନ୍ତ୍ରି, ଗ୍ରାମ୍ୟଜଳଯୋଗାଣ ଓ ପରିମଳବିଭାଗର କନିଷ୍ଠ ଯନ୍ତ୍ରୀ, ଜିଆରଏସଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



ଚନ୍ଦ୍ରପୁର ବ୍ଲକର ଦୁର୍ଗମ ଅଞ୍ଚଳରେ ପିଡି ଡିଆରଡିଏ।

## କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ସହ ଅନ୍ୟ କର୍ମୀମାନେ ।

ରାୟଗଡା ଅଫିସ୍, ୭।୬

ନିର୍ବାଚନ ଫଳାଫଳ ଖରାପ ହେବାର ମୁଖ୍ୟ କାରଣ ହେଉଛି ପ୍ରଦେଶ କଂଗ୍ରେସ କମିଟି(ପିସିସି) । ପିସିସି ପକ୍ଷରୁ ବିଳମ୍ବରେ ପ୍ରାର୍ଥୀ ଚୟନ କରାଯାଇ ନାମ ଘୋଷଣା କରାଯିବା ଏବଂ ନିର୍ବାଚନ ସମୟରେ ଜଣେ ମଧ୍ୟ ନେତା ପ୍ରଚାର ନିମନ୍ତେ ନ ଆସିବା ଯୋଗୁ ରାୟଗଡା ଜିଲାର ୩ ବିଧାନସଭା ଆସନ ହାତରୁ ଖସିଲା । ଓଡ଼ିଶାରେ କେବଳ ଜଣେ ମାତ୍ର ଏମପି ଭାବେ ସପ୍ତଗିରି ଉଲ୍ଲାକା ବିଜୟବାନା ଉଡାଇଲେ । ପଞ୍ଚାୟତ ନିର୍ବାଚନରେ କେବଳ ରାୟଗଡା ଯେଉଁଭଳି ଓଡ଼ିଶାରେ ଏକମାତ୍ର ଜିଲା ଭାବେ ଜିଲା ପରିଷଦ ଗଠନ କରିଥିଲା । ସେହିଭଳି ରାୟଗଡା ଜିଲାର ଭୋଟରଙ୍କ ଆର୍ଶୀବାଦରେ ସପ୍ତଗିରି ଜିତିବାରେ ସକ୍ଷମ ହେଲେ । ଶୁକ୍ରବାର ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକରେ ଏହିଭଳି ଭାବେ ମତବ୍ୟକ୍ତ କରିଥିଲେ ଦଳୀୟ ନେତୃବୃନ୍ଦ । କଂଗ୍ରେସର ଗଡ ଭାବେ ପରିଚିତ ରାୟଗଡା ଜିଲାକୁ ଅବହେଳା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଥିଲା । ହେଲେ ସେସବୁକୁ ଭୁଲି ଆଗାମୀଦିନରେ ପୁଣି ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଥିଲା । ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏମ୍‌ପି ଉଲ୍ଲାକାଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ପିସିସି ସଙ୍ଗଠନ ସମ୍ପାଦକ ଆପୁଲସ୍ୱାମୀ କାଡ୍ରାକା, ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ରଘୁ ପାତ୍ର , ଜିଲା ସାଧାରଣ ସମ୍ପାଦକ ଶଙ୍କର୍ଷଣ ମଙ୍ଗରାଜ, ଜିଲା ଉପସଭାପତି ସୁନୀଲ ଚନ୍ଦ୍ର ପଣ୍ଡା, ସମ୍ପାଦକ ପାର୍ଥବର୍ଦ୍ଧନ, ପିସିସି ସଭ୍ୟ ବିଜୟ ଗମାଙ୍ଗ, ଜଗନ୍ନାଥ ପଣ୍ଡା, ଯୁବ କଂଗ୍ରେସ ସମ୍ପାଦକ ଗୌରୀଶଙ୍କର ପଟ୍ଟନାୟକ, ମିଡିଆ ସେଲର ଆବାହକ ଅସଲମ ଖାନ, କୃଷକ ସେଲର ଦେବେନ୍ଦ୍ର ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ୧୧ଟି ବ୍ଲକ୍ ଓ ୩ଟି ସହରାଞ୍ଚଳରୁ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ ।

■ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଦୁର୍ଘଟଣା

# ୧୮ଘଣ୍ଟା ପରେ ଯାନବାହନ ଚଳାଚଳ ସ୍ୱାଭାବିକ

ରାୟଗଡା ଅଫିସ୍, ୭।୬

ଆନ୍ଧ୍ର-ଓଡ଼ିଶା ସୀମାନ୍ତ କୁନେରୁ ଠାରେ ଏକ ମାଲବାହୀ ଟ୍ରକ୍ ରାସ୍ତା ଉପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଯାବନାହନ ଚଳାଚଳ ଠପ୍ ହୋଇପଡିଥିଲା । ଗୁରୁବାର ସନ୍ଧ୍ୟା ୬ଟା ଠାରୁ ଶୁକ୍ରବାର ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ରାଜ୍ୟ ରାଜପଥ ବନ୍ଦ ରହିଥିଲା। ଫଳରେ ସୀମାନ୍ତ ଠାରୁ ରାୟଗଡା ସହର ପର୍ଯ୍ୟନ୍ତ ଏବଂ ସୀମାନ୍ତ ଠାରୁ ଆନ୍ଧ୍ରପ୍ରଦେଶ ରାମଭଦ୍ରମପୁରମ ପର୍ଯ୍ୟନ୍ତ ହଜାର ହଜାର ଟ୍ରକ ଅଟକି ରହିଥିଲା । ବିଶାଖପାଟଣା ବନ୍ଦରରୁ ଓଡ଼ିଶା ଓ ଛତିଶଗଡ ରାଜ୍ୟର ବିଭିନ୍ନ କାରଖାନାକୁ ମାଲ ପରିବହନ କରୁଥିବା ଟ୍ରକ୍‌ଗୁଡିକ ରାସ୍ତାରେ ଅଟକି ରହିଥିଲା । ଫଳରେ ଆମ୍ବୁଲାନ୍ସ, କ୍ଷୀର ଓ ଖବରକାଗଜ ପରିବହନ ଭଳି ଜରୁରୀକାଳୀନ ସେବା ମଧ୍ୟ ଠପ୍ ହୋଇପଡିଥିଲା । ଆନ୍ଧ୍ରପ୍ରଦେଶରେ ଏହି ଦୁର୍ଘଟଣା ହୋଇଥିବା ବେଳେ ପ୍ରଭାବିତ ହୋଇଥିଲା ଓଡ଼ିଶା । ମୁଖ୍ୟତଃ ବିଶାଖପାଟଣା ଓ ବିଜୟନଗରକୁ ଚିକିତ୍ସା ପାଇଁ ଯାଉଥିବା ରୋଗୀମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ଅଧାବାଟରେ ଆମ୍ବୁଲାନ୍ସ ଅଟକିଯିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଥିଲା । ତେବେ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ହଟାଯାଇଥିଲା । ଦୀର୍ଘ ୧୮ଘଣ୍ଟା ପରେ ଆନ୍ଧ୍ର-ଓଡ଼ିଶା ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହାପରେ ରାୟଗଡା ଓ ଶେଷଖାଲ ଥାନା ପୋଲିସ ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହ ଜରୁରୀକଳୀନ ଗାଡିଗୁଡିକୁ ପ୍ରଥମେ ଛାଡିଥିଲେ ।



ଓଲଟି ପଡିଥିବା ଟ୍ରକ୍।

## ଜେକେପୁରରେ କୃଷକ ସମ୍ମିଳନୀ

ଜେକେପୁର, ୭।୬(ଡ଼ି.ଏନ.ଏ)

ଚାନ୍ଦିଲି ପଞ୍ଚାୟତ ଜେକେପୁରଠାରେ ୨ ଦିନିଆ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜେକେ କାଗଜକଳ ଦ୍ୱାରା କାରଖାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ଉପସଭାପତି ବିଶ୍ୱଜିତ ଦ୍ୱିବେଦୀ ଓ ବୃକ୍ଷରୋପଣ ବିଭାଗ ସାଧାରଣ ପ୍ରବନ୍ଧକ ବିଜୟ ପ୍ରସାଦ ରଥ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ରାୟଗଡା ଜିଲାର ୮ଟି ବ୍ଲକ ଓ କୋରାପୁଟ ଜିଲାର ୫୦ ଚାଷୀ ଯୋଗ ଦେଇଥିଲେ। ପ୍ଲାଣ୍ଟେସନ ବିଭାଗ ମୁଖ୍ୟପ୍ରବନ୍ଧକ ବିଜୟ କୁମାର ସାହୁ ଓ ପ୍ରବନ୍ଧକ ପ୍ରୀତମ କୁଇଲା ଚାଷୀମାନଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ନୀଳଗିରି, ସୁବାବୁଲ ଓ ଝାଉଁ ପରି କାଗଜ ଉତ୍ପାଦନକାରୀ ବୃକ୍ଷ ଚାଷ ବିଷୟରେ ବୁଝାଇଥିଲେ । ଅବିଭକ୍ତ କୋରାପୁଟ ଜିଲାର ବହୁ ଚାଷୀ ଯୋଗ ଦେଇ କାଗଜ ଉତ୍ପାଦନକାରୀ ବୃକ୍ଷର ଚାରା ରୋପଣ କରି କିପରି ଲାଭବାନ ହୋଇପାରିବେ ବୋଲି ବୁଝାଇଥିଲେ ।




## ଜୀବନ ପ୍ରତି ବିପଦ ଥିବା ଜଣାଇଲେ ଅଙ୍ଗନୱାଡି କର୍ମୀ

ବଦଳି ପାଇଁ ଜିଲାପାଳଙ୍କୁ ଗୁହାରି

ପାରଳାଖେମୁଣ୍ଡି, ୭।୬ (ସ୍ୱ.ପ୍ର.)

ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ବଦଳି ପାଇଁ ଜିଲାପାଳଙ୍କୁ ଗୁହାରି କରିଛନ୍ତି ଅଙ୍ଗନୱାଡ଼ି କର୍ମୀ ସେବତୀ ବସ୍ତ୍ରରାୟ। ପାରଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସେବତୀ ନିଜ ଦୁଃଖ ଜଣାଇଛନ୍ତି। ସେ ନୂଆଗଡ ବ୍ଲକର ଏନ୍. ଝାଲରସିଂ ଗ୍ରାମର ବିଜୟ କୁମାର ଶତ୍ରୁଶଲ୍ୟଙ୍କୁ ୨୦୧୧ ମସିହାରେ ବିବାହ କରିଥିଲେ । ସେବେଠାରୁ ସେ ନୂଆଗଡ଼ ବ୍ଲକ୍‌ର ଲିଟିଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି । ତେବେ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେବା ଯୋଗୁ ସେ ଅତ୍ୟନ୍ତ ଅସହାୟ ହୋଇପଡ଼ିଛନ୍ତି । ତେଣୁ ସେ ଏପ୍ରିଲ ୨୧ରୁ ଛୁଟିନେଇ ମୋହନା ବ୍ଲକ୍‌ର ବିରିକୋଟ ଗ୍ରାମରେ ବୃଦ୍ଧ ପିତାମାତାଙ୍କ ପାଖରେ ରହୁଛନ୍ତି । ସେ ଏନେଇ ସ୍ୱାମୀଙ୍କ ବିରୋଧରେ ଅଡବା ଥାନା ଓ ରା. ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ହେଲେ ତାଙ୍କୁ ଗିରଫ କରାଯାଇଥିଲେ ମଧ ପରେ ତାଙ୍କୁ ଜାମିନରେ ଛଡାଯାଇଥିଲା । ତେଣୁ ନିଜ ସୁରକ୍ଷା ଓ ପରିବାରର ଭରଣପୋଷଣ ପାଇଁ ତାଙ୍କୁ ବିରିକୋଟରେ ଅଙ୍ଗନୱାଡ଼ି କର୍ମୀ ଭାବେ ନିଯୁକ୍ତି ଦେବା ପାଇଁ ବୋଲି ଜିଲାପାଳଙ୍କୁ ସେ ନିବେଦନ କରିଛନ୍ତି ।

## ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ପାରଳାଖେମୁଣ୍ଡି, ୭।୬ (ସ୍ୱ.ପ୍ର.) - ମହିଳାଙ୍କୁ ନିର୍ଯାତନା ଅଭିଯୋଗରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ୍ ସ୍ୱାମୀଙ୍କୁ ଗିରଫ କରିଛି। ପ୍ରକାଶ ଯେ, ପାରଳାଖେମୁଣ୍ଡି ସ୍ଥିତ ଦାମୋଦର ବିହାରରେ ରହୁଥିବା ପ୍ରଭାକର ପଣ୍ଡା(୪୫) ଏବଂ ସ୍ତ୍ରୀ ଲାବଣ୍ୟ କୁମାରୀ ପାଢ଼ୀ(୪୪)ଙ୍କ ମଧରେ କିଛି ମାସ ହେଲା ମନୋମାଳିନ୍ୟ ରହିଥିବାବେଳେ ମାମଲା କୋର୍ଟରେ ପହଞ୍ଚିଥିଲା। ତେବେ ସ୍ୱାମୀଙ୍କ ଘରେ ରହିବା ପାଇଁ କୋର୍ଟ ଲାବଣ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାଙ୍କୁ ଶାଶୁଘରେ ପଶିବାକୁ ବାରଣ କରାଯିବା ସହ ସ୍ୱାମୀ, ଶ୍ୱଶୁର ଜଗନ୍ନାଥ ପଣ୍ଡା ଏବଂ ଦିଅର ଭଗବାନ ମିଳିତ ଭାବେ ନିର୍ଯାତନା ଦେଉଥିବା ଲାବଣ୍ୟ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିଛିଦିନ ତଳେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ସେ ନିଜ କଥା ଜଣାଇଥିଲେ। ଅଭିଯୋଗକୁ ଭିତ୍ତିକରି ପାରଳାଖେମୁଣ୍ଡି ପୋଲିସ୍ କେସ୍ ନଂ-୧୨୩/୧୯ରେ ଏକ ମାମଲା ରୁଜୁ କରି ସ୍ୱାମୀଙ୍କୁ ଗିରଫ କରିଥିବା ଏଏସ୍‌ଆଇ ଏଲ୍.ଏନ୍ ବେହେରା କହିଛନ୍ତି ।

## ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର




ପାରଳାଖେମୁଣ୍ଡି, ୭।୬ (ସ୍ୱ.ପ୍ର.) - ପାରଳାଖେମୁଣ୍ଡି ସ୍ଥିତ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନାର ବିଭିନ୍ନ ଦିଗ ବିଷୟରେ ବୁଝାଇଥିଲେ । ଏଥିରେ ମୁଖ୍ୟତଃ କଠିନ ବର୍ଜ୍ୟବସ୍ତୁ ଓ ତରଳ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ପୌରପରିଷଦ ପକ୍ଷରୁ ବିଭିନ୍ନ ବ୍ୟବସାୟ କେନ୍ଦ୍ର ସମ୍ମୁଖରେ ଏବଂ ଗୃହ ସମ୍ମୁଖରେ ଦୁଇପ୍ରକାର ଡଷ୍ଟବିନ୍ ସ୍ଥାପନ ବ୍ୟବସ୍ଥା କରାଯିବ। ସେହି ଡଷ୍ଟବିନ୍‌ରେ ବର୍ଜ୍ୟବସ୍ତୁ ପକାଇବାପାଇଁ ପୌରପରିଷଦ ପକ୍ଷରୁ ସଚେତନତା ସୃଷ୍ଟି କରାଯିବ । ପରେ ଉଭୟ ଶ୍ରେଣୀର ବର୍ଜ୍ୟବସ୍ତୁକୁ ପୌରପରିଷଦ ପକ୍ଷରୁ ଭିନ୍ନ ଭିନ୍ନ ଆବର୍ଜନା ବୁହା ଗାଡିରେ ବୁହାଯାଇ ଏକ ସ୍ୱତନ୍ତ୍ର ସ୍ଥାନରେ ଫୋପାଡିବାକୁ ବ୍ୟବସ୍ଥା କରାଯିବ ବୋଲି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୁହାଯାଇଥିଲା । ତେବେ ଏହା କିପରି ସହରରେ ସଫଳ ହୋଇପାରିବ ସେଥିପାଇଁ ଏଠାରେ ବିସ୍ତୃତଭାବେ ବିଭିନ୍ନ ବିଷୟରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧରେ ଭିତ୍ତିଭୂମି ଦକ୍ଷତା ଅଧିକାରୀ ସନ୍ଦୀପ କୁମାର, ପୌରଯନ୍ତ୍ରୀ ଭି. ଭେଙ୍କଟରମଣ, କନିଷ୍ଠ ଯନ୍ତ୍ରୀ ଡ଼ି. ଯୁଧିଷ୍ଠିରଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତଥିଲେ ।

■ ସାକ୍ଷ୍ୟ, ପ୍ରମାଣ ଅଭାବ

# ଆଉ ୨ ମାମଲାରେ ନିର୍ଦ୍ଦୋଷ ହେଲେ ସବ୍ୟସାଚୀ

ପାରଳାଖେମୁଣ୍ଡି, ୭।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସ୍ଥିତ ଜିଲା କୋର୍ଟରେ ଅତିରିକ୍ତ ଜିଲା ଦୌରାଜଜ୍ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଆଉ ୨ଟି ମାମଲାରେ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ୧୯୯୭ ରେ ମୋହନା ବ୍ଲକ୍ ବୁରୁବୁଡି ଗ୍ରାମରେ ଏକ ଗଣ୍ଡଗୋଳ ଓ ଗାଁ ପୋଡି ମାମଲାରେ ସବ୍ୟସାଚୀଙ୍କ ନାମରେ ଅଭିଯୋଗ ପରେ ମାମଲାର ଶୁଣାଣି ଜାରି ରହିଥିଲା । ସେହିପରି ୨୦୧୦ ରେ ନଳାଘାଟ ଫାଣ୍ଡିର ଝାଡୁଦାର ହେମ ବିଶୋୟୀଙ୍କୁ ମାରପିଟ୍ ଘଟଣାରେ ମଧ ଅନ୍ୟ ଏକ ମାମଲା ବିଚାରାଧୀନ ରହିଥିଲା। ତେବେ ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ କୁମାର ସାହୁ ଶୁକ୍ରବାର ଏହି ୨ଟି ମାମଲାର ଶୁଣାଣି କରି ସାକ୍ଷ୍ୟ, ପ୍ରମାଣ ଅଭାବରୁ ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ସବ୍ୟସାଚୀଙ୍କ ମାମଲା ପରିଚାଳନା କରୁଥିବା ଆଇନଜୀବି ସ୍ୱରୂପ କୁମାର ପାଳ ଓ ଦୀପକ ପଟ୍ଟନାୟକ କହିଛନ୍ତି । ତେବେ ପ୍ରମାଣ ଅଭାବରୁ ଗୋଟିଏ ପରେ ଗୋଟିଏ ମାମଲାରେ ସବ୍ୟସାଚୀ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ଗଜପତି ଜିଲାରେ ତାଙ୍କ ନାମରେ ୪୫ଟି ମାମଲା ରହିଛି। ଏଥିମଧ୍ୟରୁ ସେ ଏପର୍ଯ୍ୟନ୍ତ ୧୬ଟି ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଥିବାବେଳେ ଅବଶିଷ୍ଟ ୨୯ଟି ମାମଲା ବିଚାରାଧୀନ ରହିଥିବା ଜଣାପଡିଛି ।



ସବ୍ୟସାଚୀଙ୍କୁ କୋର୍ଟକୁ ନିଆଯାଉଛି ।

## ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପାରଳାଖେମୁଣ୍ଡି, ୭।୬ (ସ୍ୱ.ପ୍ର.)

ଗଜପତି ଜିଲା ଗୁମ୍ମା ବ୍ଲକ ଅଜୟଗଡ ପଞ୍ଚାୟତର ଠାରେ ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଜପତି ଜିଲା ନାବାର୍ଡ ଅଧିକାରୀ ଏସ. ପାଲ, ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ଚିନ୍ତାମଣୀ ଭୂୟାଁ, ଜିଲା ଅଗ୍ରଣୀ ବ୍ୟାଙ୍କର ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି, ୯ନଂ ୱାର୍ଡ଼ ମେମ୍ବର ନିରଞ୍ଜନ ପାଇକ ମଞ୍ଚାସୀନ ଅତିଥିଭାବେ ଯୋଗଦେଇ କୃଷକ ମାନେ କିପରି କୃଷି ସମ୍ବନ୍ଧୀୟ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବେ, ବ୍ୟାଙ୍କ ସହିତ ଯୋଡି ହେବାର ଫାଇଦା, କିଶାନ କ୍ରେଡିଟ୍ କାର୍ଡର ଉପଯୋଗ, ମୋବାଇଲ ଫୋନ୍ ଦ୍ୱାରା ଅର୍ଥ ପ୍ରେରଣ , ବ୍ୟାଙ୍କ କାରବାର ତଥ୍ୟ, ଋଣ ପରିଶୋଧ, ଋଣ ପ୍ରଦାନ, ଏଟିଏମ୍‌ର ସୁରକ୍ଷିତ ବ୍ୟବହାର ବିଷୟରେ ବୁଝାଇବା ସହ ଘରୋଇ ଅର୍ଥ ସଂସ୍ଥାରୁ ଋଣ ନ ଆଣି ବ୍ୟାଙ୍କ ସହ ଯୋଗାଯୋଗ କରି ଋଣ ନେବା ଉଚିତ ବୋଲି କହିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଅଜୟଗଡ ପଞ୍ଚାୟତ ବିଜିନେସ୍ କରେସ୍‌ପୋଣ୍ଡେଣ୍ଟ, ସିଆର୍‌ସିସ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ୩ ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ ବ୍ୟାଙ୍କ ଜିଲାର ଦୁର୍ଗମ ତଥା ଅପହଞ୍ଚ ଇଲାକାରେ ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନତା କରାଇଥିଲେ ।

## ପୁତୁରା ଆକ୍ରମଣରେ ଦାଦା ଗୁରୁତର

ବ୍ରହ୍ମପୁର ଅଫିସ,୭।୬

ପୋଲସରା ଥାନା ଚିରିକିପଡ଼ାଶାସନ ପଞ୍ଚାୟତ ବିରିପୁର ଗ୍ରାମରେ ଶୁକ୍ରବାର ରାତିରେ ପୁତୁରା ଆକ୍ରମଣରେ ଦାଦା ଗୁରୁତର ହୋଇଛନ୍ତି। ଆହତ ଜଣକ ହେଲେ ବିରିପୁର ଗ୍ରାମର ଏସ. ରାଜାରାଓ ଦୋରା । ପ୍ରକାଶ ଯେ, ଶୁକ୍ରବାର ରାତି ପ୍ରାୟ ୮ଟାରେ ରାଜାରାଓଙ୍କ ପୁଅ ଧର୍ମାରାଓ ତାଙ୍କ ଦୋକାନରେ ବସିଥିଲେ। ପୁତୁରା ନିଶାସକ୍ତ ଅବସ୍ଥାରେ ଆସି ଧର୍ମାରାଓଙ୍କ ସହ କୌଣସି କାରଣକୁ ନେଇ ପାଟିତୁଣ୍ଡ କରିଥିଲେ। ପାଟି ଶୁଣି ବାପା ରାଜାରାଓ ଦୋକାନ ପାଖକୁ ଆସିଯିବାରୁ ପୁତୁରା ଧରିଥିବା ଏକ ବ୍ଲେଡରେ ତାଙ୍କ ଡ଼ାହାଣ ହାତ ଓ ବେକକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବା ଜଣାପଡିଛି।

# ରଇତ ସଂଘର କାର୍ଯ୍ୟକାରୀ କମିଟି ବୈଠକ

କାଶୀନଗର, ୭।୬ (ଡି.ଏନ.ଏ.) –

ଗଜପତି ଜିଲା କାଶୀନଗର ରଇତ ସଂଘର କାର୍ଯ୍ୟକରୀ କମିଟି ବୈଠକ ସ୍ଥାନୀୟ ବ୍ଲକ୍–ହସ୍ପିଟାଲ ଛକରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ପ୍ରଶାନ୍ତ ମିଶ୍ରଙ୍କୁ ସଭାପତିଭାବେ ଚୟନ କରାଯାଇଥିବାବେଳେ ପୂର୍ବରୁ ସଭାପତି ଥିବା ସୁବାସ ଚନ୍ଦ୍ର ବିଶ୍ୱାସରାୟଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସାସପିଲ୍ଲି ତାତେୟା କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଥିବା ଯୋଗୁ ତାଙ୍କ ସ୍ଥାନରେ ଏସ୍. ସୀମାଞ୍ଚଳମ୍‌ଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଚୟନ କରାଯାଇଛି। ଅନ୍ୟ ସମସ୍ତ କର୍ମକର୍ତ୍ତା ଅପରିବର୍ତ୍ତିତ ରହିଛନ୍ତି। ସହରାଞ୍ଚଳ ପାଇଁ କାଳିଆ ଅନୁରୂପ ଯୋଜନା, କୃଷକଙ୍କୁ ଶସ୍ୟଋଣ ଓ ଖତ ଯୋଗାଇଦେବା ପାଇଁ ସରକାର ଓ ପ୍ରଶାସନ ନିକଟରେ ଦାବି କରାଯିବ। ସ୍ଥାନୀୟ କ୍ଷୁଦ୍ର ଜଳସେଚନ ବିଭାଗ, ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଅଧିକାଂଶ ସମୟରେ କୌଣସି ଅଧିକାରୀ ଉପସ୍ଥିତ ରହୁ ନ ଥିବା ଯୋଗୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମୌସୁମୀ ଆସିବା ପୂର୍ବରୁ ସ୍ଥାନୀୟ ରବିବର୍ମା ନାଳରେ ଗାର୍ଡ଼ୱାଲ୍ ନିର୍ମାଣ ସମ୍ଭବ ନ ହେଲେ ପଥର ପ୍ୟାକିଂ ପାଇଁ ଦାବି ରଖାଯିବ। ସେହିପରି ଉଦ୍ୟାନ ବିଭାଗ ସମ୍ମୁଖରେ ତୁରନ୍ତ କୃଷକମାନଙ୍କୁ କାଜୁ, ସଜନା, ଆମ୍ବଚାରା, ଆମ୍ବଚାରା ଯୋଗାଇଦେବା ପାଇଁ ଦାବି ରଖାଯିବ। ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଶେଷରେ ନବନିର୍ବାଚିତ ସଭାପତିଙ୍କୁ ଶୁଭେଚ୍ଛା ଜଣାଇ ଉପସ୍ଥିତ କୃଷକ ମାନେ ସଂଘର ବିକାଶ ଦିଗରେ ଆଗେଇ ନେବାକୁ ନିବେଦନ କରିଥିଲେ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳୀ



ସ୍ୱର୍ଗତା କୃଷ୍ଣା କୁମାରୀ ରଥ
ସ୍ୱାମୀ– ଉମା ଗୁରଣ ରଥ
(Retd. Senior Supt. Jail)
Jyoti nagar 1st lane, Berhampur(GM)
ଆବିର୍ଭାବ: ୨୦।୦୨।୧୯୪୯
ତିରୋଧାନ: ୧୯।୦୬।୨୦୧୮
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମର ସ୍ନେହ, କର୍ତ୍ତବ୍ୟ, ପ୍ରେରଣା ଆମ୍ଭମାନଙ୍କର ସବୁବେଳେ ସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାକୁ ଶ୍ରୀଜଗନ୍ନାଥ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ:
ପୁଅ: ଶିଶିର, ସଞ୍ଜୀବ, ଝିଅ: କିରଣ, ରଶ୍ମି, ଶର୍ମିଳା, ଜ୍ୱାଇଁ: ଶରତ, ବିଷ୍ଣୁ, ଅଶେଷ, ବୋହୂ, ନାତି– ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ–୪୯୨୯୮

### ଗଙ୍ଗା ଶ୍ରାଦ୍ଧ



ସ୍ୱର୍ଗତା ମିନତୀ ମହାପାତ୍ର
ଗ୍ରାମ– ତାଲମାଲ, ଜିଲ୍ଲା– ଝାରସୁଗୁଡ଼ା
ଆବିର୍ଭାବ: ୧୯୧୪
ତିରୋଧାନ: ୨୮।୦୫।୨୦୧୯
ଆପଣଙ୍କ ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ
ପୁତ୍ର– ଲୋଚନ ମହାପାତ୍ର, ସମସ୍ତ ବନ୍ଧୁ ଓ ମହାପାତ୍ର ପରିବାରବର୍ଗ।
ଧ–୧୨୮୮୬

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମାଗୁଣି ଜେନା
ଭିଏସ୍‌ଏସ୍ ନଗର, ୱାର୍ଡ଼ ନଂ.୯, ବରଗଡ଼
ଆବିର୍ଭାବ: ୨୭।୧୨।୧୯୪୨
ତିରୋଧାନ: ୩୦।୦୫।୨୦୧୯
ତୁମେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ସ୍ୱର୍ଗାରୋହଣ କଲ। ଆଜି ତୁମର ଦଶାହ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ପୁଅ–ସୁଧି ରଞ୍ଜନ, ସୋମ ଭୂଷଣ, ଶୁଭ୍ରକାନ୍ତ, ଶମ୍ଭୁ ନାରାୟଣ ଓ ପରିବାରବର୍ଗ।
ଧ–୧୨୮୮୫

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡ଼ା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

All INDIA FINANCIAL SERVICES
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-25 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

LOAN
ମହିଳା ମିତ୍ର ସମୂହ ଋଣ 2500 - 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍‌ନୀ - 9119072218
ଶାଳିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

BUSINESS BUSINESS

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

DHARITRI Career appointment Every Wednesday and Saturday

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା ବାଇକ୍ + ବୀମା + ମୋବାଇଲ (ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana


ASTROLOGY ASTROLOGY

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରନ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TO LET TO LET TO LET

AVAILABLE FOR RENT / LEASE



3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION
Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com